ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ମେ ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, May 13/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୧୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 167 | ମୂଲ୍ୟ ₹୭/-

## ଏୟାର ଡିଫେନ୍ସ ସିଷ୍ଟମ୍ସ: ଆକାଶ



ପାକିସ୍ତାନ ସେନାର ଡ୍ରୋନ୍ ଓ ମିଶାଇଲ ଆକ୍ରମଣକୁ ନିଷ୍କ୍ରିୟ କରିବା ପାଇଁ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ବ୍ୟବହାର ହୋଇଥିବା ଏୟାର ଡିଫେନ୍ସ ସିଷ୍ଟମ୍ସ 'ଆକାଶ'। ଭାରତର ଡିଜିଏମ୍‌ଓ ପକ୍ଷରୁ ସୋମବାର ଏସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି।

## ସାମ୍ବାରେ ଉଡ଼ିଲା ଡ୍ରୋନ୍

### ହୋଶିଆରପୁରରେ ଶୁଭିଲା ବିସ୍ଫୋରଣ ଶବ୍ଦ

ନୂଆଦିଲ୍ଲୀ, ୧୨।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରାତି ୮ଟାରେ 'ଅପରେଶନ ସିନ୍ଦୂର' ସମ୍ପର୍କରେ ଦେଶବାସୀଙ୍କୁ ସମ୍ବୋଧନ କରିବାର କିଛି ସମୟ ପରେ ଜମ୍ମୁ-କଶ୍ମୀରର ଶାମ୍ବା ଅଞ୍ଚଳରେ ପାକିସ୍ତାନ ପଟରୁ ୧୦ରୁ ୧୨ଟି ଡ୍ରୋନ୍ ଉଡ଼ୁଥିବାର ଦେଖିବାକୁ ମିଳିଛି। ଏଥିସହିତ ପଞ୍ଜାବର ହୋଶିଆରପୁରରେ ବଡ଼ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଶନିବାର ଅପରାହ୍ନରୁ ଅସ୍ତ୍ରବିରତି ନେଇ ଉଭୟ ଦେଶର ଡାଇରେକ୍ଟର ଜେନେରାଲ ମିଲିଟାରି ଅପରେଶନ (ଡିଜିଏମ୍‌ଓ) ସ୍ତରରେ ସହମତି ପ୍ରକାଶ ପାଇବା ପରେ ସୀମାନ୍ତ ଏକପ୍ରକାର ଶାନ୍ତ ପଡ଼ିଥିଲା। ହେଲେ ସୋମବାର ରାତିରେ ପୁଣିଥରେ ପାକିସ୍ତାନର ଡ୍ରୋନ୍ ଉଡ଼ିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯିବା ସହ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ଆଜିର ସମ୍ପାଦକୀୟ
କେବଳ ଜୀବାଶ୍ମ ଇନ୍ଧନ ନୁହେଁ

# ଅଣୁଅସ୍ତ୍ର ଧମକକୁ ବରଦାସ୍ତ କରିବନି ଭାରତ: ମୋଦି

- ଅପରେଶନ ସିନ୍ଦୂର ଆତଙ୍କବାଦ ବିରୋଧରେ ନୂଆ ନୀତି
- କେବଳ ପିଓକେକୁ ନେଇ ପାକିସ୍ତାନ ସହ ଆଲୋଚନା

ନୂଆଦିଲ୍ଲୀ, ୧୨।୫

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ହୋଇଥିବା ସୀମାପାର ଆତଙ୍କବାଦୀ ଆକ୍ରମଣର ଠିକଣା ଜବାବ ଦେଇଛି ଭାରତୀୟ ସେନା। ସେନାର 'ଅପରେଶନ ସିନ୍ଦୂର' କେବଳ ଏକ ନାମ ନୁହେଁ, ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା। ଅପରେଶନ ସିନ୍ଦୂର। ଏବେ ଆତଙ୍କବାଦ ବିରୋଧରେ ଭାରତର ନୂଆ ନୀତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରାତିରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଏହା ଦେଶବାସୀଙ୍କ ଭାବାବେଗର ପ୍ରତିଫଳନ। ଆତଙ୍କବାଦୀମାନେ ଆମ ମହିଳାମାନଙ୍କ କପାଳରୁ ସିନ୍ଦୂର ଉଜାଡ଼ିଥିଲେ। ଆମେ କେବଳ ସେମାନଙ୍କ ଆତଙ୍କବାଦୀ ଠିକଣାକୁ ମାଟିରେ ମିଶାଇ ଦେଇଛୁ ତାହା ନୁହେଁ, ସେମାନଙ୍କ ମନୋବଳକୁ ମଧ୍ୟ ଭାଙ୍ଗିଦେଉଛୁ। ପାକିସ୍ତାନକୁ କଡ଼ା ଚେତାବନୀ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, କୌଣସି ଅଣୁଅସ୍ତ୍ରର ଧମକକୁ ଭାରତ ବରଦାସ୍ତ କରିବ ନାହିଁ।



ଅପରେଶନ ସିନ୍ଦୂର ପରେ ପ୍ରଥମଥର ପାଇଁ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପହଲଗାମ୍ ଆକ୍ରମଣ ଆତଙ୍କବାଦର ସବୁଠୁ ବୀଭତ୍ସ ରୂପ ଥିଲା। ଏହା ତାଙ୍କୁ ବ୍ୟକ୍ତିଗତ ଭାବେ ବ୍ୟଥିତ କରିଥିଲା। ଆମ ମହିଳାଙ୍କ କପାଳରୁ ସିନ୍ଦୂର ଉଜାଡ଼ିବାର ପରିଣତି କ'ଣ ହୁଏ, ତାହା ଏବେ ଶତ୍ରୁପକ୍ଷ ବୁଝିଛନ୍ତି। ଭାରତ ଉପରେ ଆକ୍ରମଣରେ ସମ୍ପୃକ୍ତ ଥିବା ଶତାଧିକ ଦୁର୍ଦ୍ଧର୍ଷ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି ଓ ସେମାନଙ୍କ ଭିତ୍ତିଭୂମି ମାଟିରେ ମିଶିଯାଇଛି। ଆତଙ୍କବାଦ ବିରୋଧରେ ଲଢ଼େଇ ବନ୍ଦ ହୋଇନାହିଁ। ପାକିସ୍ତାନ ବିରୋଧରେ ଆମେ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛୁ। ଏହାର ଭବିଷ୍ୟତ ସେମାନଙ୍କ ଆଚରଣ ଉପରେ ନିର୍ଭର କରୁଛି। ଅପରେଶନ ସିନ୍ଦୂର ଏବେ ଆତଙ୍କବାଦ ବିରୋଧରେ ଭାରତର ନୂଆ ନୀତି। ସଶସ୍ତ୍ର ବଳର ବୀରତ୍ୱକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ସେମାନଙ୍କୁ ସାଲ୍ୟୁଟ୍ ଜଣାଇଛନ୍ତି। ସେନାର ଏହି ବୀରତ୍ୱକୁ ସେ ଦେଶର ମାଆ, ଭଉଣୀ ଓ ଝିଅମାନଙ୍କୁ ଉତ୍ସର୍ଗ କରିଛନ୍ତି।

୨୨ ମିନିଟ୍‌ର ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ। ସେହିପରି ଜଳ ଏବଂ ରକ୍ତ ଏକାଠି ବହିପାରିବ ନାହିଁ। ପାକିସ୍ତାନ ସହ ଯଦି ଆଲୋଚନା ହୁଏ କେବଳ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ନେଇ ହେବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି। ପାକିସ୍ତାନର ଶାସକମାନଙ୍କୁ ପରାମର୍ଶ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନେ ଦୀର୍ଘବର୍ଷ ଧରି ପାଳିପୋଷି ରଖିଥିବା ଆତଙ୍କବାଦୀମାନେ ସେ ଦେଶକୁ ଗିଳିଦେବେ। ପାକିସ୍ତାନ ଯଦି ବଞ୍ଚିବାକୁ ଚାହୁଁଥାଏ, ତେବେ ଆତଙ୍କବାଦର ମୂଳୋତ୍ପାଟନ କରୁ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଏହା ଯୁଦ୍ଧର ଯୁଗ ନୁହେଁ ଏବଂ ଆତଙ୍କବାଦର ମଧ୍ୟ ଯୁଗ ନୁହେଁ। ଭାରତ ଆତଙ୍କବାଦୀ ଓ ସେମାନଙ୍କର ରାଷ୍ଟ୍ର ପ୍ରାୟୋଜକମାନଙ୍କୁ ଅଲଗା ଦେଖୁନାହିଁ। ପାକିସ୍ତାନକୁ ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ କରିବାକୁ ହେବ। ଶାନ୍ତି ପାଇଁ ଏହା ବ୍ୟତୀତ ଅନ୍ୟ ରାସ୍ତା ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆଜି ଆଣ୍ଡାମାନ ଛୁଇଁବ ମୌସୁମୀ

ଭୁବନେଶ୍ୱର, ୧୨।୫ (ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତ ଆଡକୁ ଅଗ୍ରସର ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ମଙ୍ଗଳବାର ଆଣ୍ଡାମାନ ସାଗର ଓ ଦକ୍ଷିଣ ବଙ୍ଗୋପସାଗରକୁ ମୌସୁମୀ ଛୁଇଁବାର ସମ୍ଭାବନା ରହିଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି।

ଆଇଏମ୍‌ଡିର ସୂଚନାନୁସାରେ, ଭାରତରେ ମୌସୁମୀ ଋତୁର ଆରମ୍ଭକୁ ସୂଚିତ କରୁଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ' ୧୩ ସୁଦ୍ଧା ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପ୍ରବେଶ କରିପାରେ। ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକୁ ମୌସୁମୀର ଅଗ୍ରଗତି ପାଇଁ ବାୟୁମଣ୍ଡଳ ଓ ଅନ୍ୟାନ୍ୟ ପରିସ୍ଥିତି ଅତ୍ୟନ୍ତ ଅନୁକୂଳ ରହିଛି। ଆର୍ଦ୍ରତାରେ ନିରନ୍ତର ବୃଦ୍ଧି, ଦକ୍ଷିଣ-ପଶ୍ଚିମ ପବନକୁ ଶକ୍ତିଶାଳୀ କରୁଥିବାବେଳେ ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ ସହିତ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପର ଅନେକ ଅଂଶରେ ମଧ୍ୟମରୁ ପ୍ରବଳ ବର୍ଷା, ଝଡ଼ବର୍ଷା ଏବଂ ଝଡ଼ ପବନ ହେବାର ସମ୍ଭାବନା ରହିଛି। ପ୍ରତିକୂଳ ପାଗ ଏବଂ ଅଶାନ୍ତ ସମୁଦ୍ର ପରିସ୍ଥିତି ଯୋଗୁ ଆଗାମୀ କିଛିଦିନ ଏହି ଅଞ୍ଚଳ ସଂଲଗ୍ନ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

## ହାଇକୋର୍ଟ ବିଚାରପତି ଭାବେ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଶପଥ ନେଲେ

କଟକ, ୧୨।୫ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟରେ ନୂତନ ବିଚାରପତି ଭାବେ ଦୀକ୍ଷିତ କୃଷ୍ଣ ଶ୍ରୀପଦ ସୋମବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ବିଚାରପତି ଦୀକ୍ଷିତଙ୍କୁ ଶପଥ ପାଠ କରାଇଛନ୍ତି। ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ବିଚାରପତିଙ୍କ ଅନୁମତି ପାଇବା ପରେ ବିଚାରପତି ଦୀକ୍ଷିତଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ୱାରେଣ୍ଟ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ ପାଢ଼ୀ, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଅଶାନ୍ତ ଦାସ, ବରିଷ୍ଠ ପୋଲିସ ଅଧିକାରୀ ଆର୍.କେ. ଶର୍ମା, ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ବରିଷ୍ଠ ଆଇନଜୀବୀ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ସଦସ୍ୟଗଣ ଉପସ୍ଥିତ ଥିଲେ। ନୂତନ ବିଚାରପତି ଦୀକ୍ଷିତଙ୍କ ଶପଥ ଗ୍ରହଣ ପରେ ହାଇକୋର୍ଟରେ ମୋଟ ବିଚାରପତିଙ୍କ ସଂଖ୍ୟା ୧୯ ହୋଇଛି।



ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସୋମବାର ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦଙ୍କୁ ଶପଥପାଠ କରାଉଛନ୍ତି।


## ପିଏମ୍‌ଓର ଅଧିକାରୀ ପରିଚୟ ଦେଇ ଆଇଏନ୍‌ଏସ୍ ବିକ୍ରାନ୍ତର ତଥ୍ୟ ମାଗିଥିବା ବ୍ୟକ୍ତି ଗିରଫ

କୋଚି, ୧୨।୫

କେରଳ ପୋଲିସ ଶନିବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି, ଯିଏ ନିଜକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍‌ଓ)ର ଅଧିକାରୀ ଭାବେ ପରିଚୟ ଦେଇ କୋଚି ନାଭାଲ ଘାଟିକୁ କଲ୍ କରିଥିଲେ ଏବଂ ଭାରତର ସ୍ୱଦେଶୀ ଏୟାରକ୍ରାଫ୍ଟ କ୍ୟାରିୟର ଆଇଏନ୍‌ଏସ୍ ବିକ୍ରାନ୍ତ ସମ୍ପର୍କରେ ବିଭିନ୍ନ ସମ୍ବେଦନଶୀଳ ତଥ୍ୟ ପଚାରିଥିଲେ। ଅଭିଯୁକ୍ତଙ୍କ ନାମ ମୁଜିବ ରହମାନ ହୋଇଥିବାବେଳେ ସେ କୋଝିକୋଡ଼ ଜିଲାର ଏଲାଥୁର ନିବାସୀ ବୋଲି ଜଣାପଡ଼ିଛି। ଗତ ୯ ତାରିଖରେ ମୁଜିବ ନିଜକୁ ପିଏମ୍‌ଓ ଅଧିକାରୀ ଭାବେ ପରିଚୟ ଦେଇ କୋଚିସ୍ଥିତ ନୌସେନା ଘାଟିକୁ ଫୋନ୍ କରିଥିବା ପୋଲିସ କହିଛି। କଲ୍‌ରେ ମୁଜିବ ଆଇଏନ୍‌ଏସ୍ ବିକ୍ରାନ୍ତର ବର୍ତ୍ତମାନର ଲୋକେଶନ ବିଷୟରେ ସୂଚନା ମାଗିଥିଲେ। ମୁଜିବଙ୍କ ଏଭଳି ପ୍ରଶ୍ନରେ ନୌସେନା କର୍ତ୍ତୃପକ୍ଷ ସନ୍ଦେହ ପ୍ରକାଶ କରିଥିଲେ ଏବଂ ତାଙ୍କୁ କୌଣସି ସୂଚନା ଦେଇ ନ ଥିଲେ। ଘଟଣା ସମ୍ପର୍କରେ କୋଚିସ୍ଥିତ ନୌସେନା ଘାଟିର କର୍ତ୍ତୃପକ୍ଷ ପୋଲିସକୁ ସୂଚନା ଦେଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ହାର୍ବର ଥାନା ପୋଲିସ ମାମଲା ରୁଜୁ କରିବା ସହ ସୋମବାର ମୁଜିବଙ୍କୁ ଗିରଫ କରିଛି।



ମୁଜିବ ରହମାନ



# ପାକିସ୍ତାନୀ ଆକ୍ରମଣ ବିରୋଧରେ ଭାରତ ନେଇଥିବା କାର୍ଯ୍ୟାନୁଷ୍ଠାନର ଝଲକ...

ଭାରତର ଡିଜିଏମ୍‌ଓ ପକ୍ଷରୁ ସୋମବାର ଦିଆଯାଇଛି ତଥ୍ୟ



ପାକିସ୍ତାନ ଡ୍ରୋନ୍‌ଗୁଡ଼ିକର ମୁକାବିଲା ପାଇଁ ଭାରତୀୟ ସେନା ପକ୍ଷରୁ ବ୍ୟବହାର କରାଯାଇଥିବା 'ଆର୍ମି ଆଡ୍ ଗନ୍ ସିଷ୍ଟମ୍ସ'।

## ଏୟାର ଡିଫେନ୍ସ ସିଷ୍ଟମ୍ସ: ହାର୍ଡ କିଲ୍



ପାକିସ୍ତାନ ସେନାର ଡ୍ରୋନ୍ ଓ ମିଶାଇଲଗୁଡିକୁ ଆକାଶରେ ଧ୍ୱଂସ କରିଦେଇଥିବା ଭାରତୀୟ ସଶସ୍ତ୍ର ବଳର ଏୟାର ଡିଫେନ୍ସ ସିଷ୍ଟମ୍ସ: ହାର୍ଡ କିଲ୍ ଅପରେଶନ।




ଭାରତୀୟ ବାୟୁସେନା ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଟାର୍ଗେଟ କରାଯାଇଥିବା ପାକିସ୍ତାନର ବିଭିନ୍ନ ସ୍ଥାନ।




ଭାରତୀୟ ନୌସେନା ପକ୍ଷରୁ ପାକିସ୍ତାନୀ ଡ୍ରୋନ୍ ଓ ମିଶାଇଲକୁ ନିଷ୍କ୍ରିୟ କରିବା ପାଇଁ ବ୍ୟବହାର କରାଯାଇଥିବା ଏୟାର ଡିଫେନ୍ସ ସିଷ୍ଟମ୍।



ଭାରତୀୟ ସେନା ପକ୍ଷରୁ ଖସାଯାଇଥିବା ଚାଇନା ନିର୍ମିତ ପିଏଲ୍-୧୫ ଏଲ୍ଆର୍ ଏୟାର ଟୁ ଏୟାର ମିଶାଇଲ୍।

## ଧ୍ୱସ୍ତ ହୋଇଥିବା ପାକିସ୍ତାନର ଜେଟ୍ 'ମିରାଜ'





ଭାରତର ଏୟାର ଡିଫେନ୍ସ ସିଷ୍ଟମ ବିଫଳ କରିଦେଇଥିବା ପାକିସ୍ତାନୀ ଲଙ୍ଗ୍ ରେଞ୍ଜ ରକେଟ୍‌ର ଅବଶେଷାଂଶ।



ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଦ୍ୱାରା ଧ୍ୱସ୍ତ ହୋଇଥିବା ପାକିସ୍ତାନୀ ଡ୍ରୋନ୍‌ଗୁଡିକର ଧ୍ୱଂସାବଶେଷ



ଜମ୍ମୁ-କଶ୍ମୀର ରାଜୌରୀର ଜନବସତି ଅଞ୍ଚଳରେ ପଡ଼ିଥିବା ପାକିସ୍ତାନୀ ଗୋଳାଗୁଡ଼ିକୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସୋମବାର ନିଷ୍କ୍ରିୟ କରାଯିବାବେଳେ ଉଠିଥିବା ଧୂଆଁ।



ଜମ୍ମୁ-କଶ୍ମୀର ରାଜୌରୀର ଜନବସତି ଅଞ୍ଚଳରେ ପଡ଼ିଥିବା ପାକିସ୍ତାନୀ ଗୋଳାଗୁଡ଼ିକୁ ସୋମବାର ନିଷ୍କ୍ରିୟ କରିବା ପାଇଁ ଯାଉଥିବା ଜଣେ ଯବାନ।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୧୩/୨୦୨୫ | Bhubaneswar, Tuesday, May 13/2025 | ପୃଷ୍ଠା-୧




**ଟ୍ରୋଲର୍ସଙ୍କୁ ଜବାବ ଦେଲେ ଭାରତୀ**

ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ଥାଇଲାଣ୍ଡରେ ଛୁଟି କାଟୁଥିବା କହି ଅନେକେ ତାଙ୍କୁ ଟ୍ରୋଲ୍ କରିଥିଲେ। ସୋମବାର ଭାରତୀ ଏହାର ଜବାବ ରଖିଛନ୍ତି।

୦୭

୧୦

**ଇଶପ୍ରୀତ୍‌ଙ୍କୁ ସ୍ନୁକର ଟାଇଟଲ**

ପଙ୍କଜ ଆଡଭାନୀଙ୍କୁ ପରାସ୍ତ କରି ଇଶପ୍ରୀତ୍ ଚଢ଼ା ଏନ୍‌ଏସ୍‌ସିଆଇ ବକ୍‌ଲାଇନ୍ ସ୍ନୁକର ଟୁର୍ନାମେଣ୍ଟର ଟାଇଟଲ ବିଜେତା ହୋଇଛନ୍ତି।




# ଟେଷ୍ଟ କ୍ରିକେଟରୁ କୋହଲିଙ୍କ ଅବସର

ନୂଆଦିଲ୍ଲୀ,୧୨।୫(ପି.ଟି.)

ଯାହା ଚର୍ଚ୍ଚା ହେଉଥିଲା, ତାହା ସତ ପ୍ରମାଣ ହୋଇଛି। ଭାରତର ସବୁଠୁ ସଫଳ ଟେଷ୍ଟ କ୍ରିକେଟ ଅଧିନାୟକ ବିରାଟ କୋହଲି ସୋମବାର ଏହି ଲମ୍ବା ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ଏକ ଯୁଗର ଅବସାନ ହୋଇଛି। ୨୦୧୧ରେ ପଦାର୍ପଣ କରିଥିବା କୋହଲି ଭାରତ ପାଇଁ ମୋଟ ଉପରେ ୧୨୩ ଟେଷ୍ଟ ଖେଳି ୪୬.୮୫ ଆଭରେଜରେ ୯,୨୩୦ ରନ କରିଥିଲେ। ତାଙ୍କର ଏହି ଉଜ୍ଜ୍ୱଳ କ୍ୟାରିୟରରେ ୩୦ ଶତକ ଓ ୩୧ ଅର୍ଦ୍ଧଶତକ ରହିଛି। ପୂର୍ବରୁ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ଅବସର ନେଇସାରିଥିବାରୁ ୩୬ ବର୍ଷୀୟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଭାରତୀୟ ଜର୍ସିରେ ଖେଳିବେ। ଗତ ବର୍ଷ ଜୁନରେ ଭାରତ ଟି୨୦ ବିଶ୍ୱକପ୍ ଜିତିବା ପରେ କୋହଲି ଛୋଟ ଫର୍ମାଟକୁ ବିଦାୟ ଜଣାଇଥିଲେ। କୋହଲିଙ୍କ ପୂର୍ବରୁ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟ କ୍ରିକେଟକୁ ବିଦାୟ ଜଣାଇଥିଲେ। ଆସନ୍ତା ଜୁନ ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଥିବା ବେଳେ କୋହଲିଙ୍କ ନିଷ୍ପତ୍ତି ପ୍ରଶଂସକଙ୍କୁ ଦୁଃଖିତ କରିଛି।

| | |
|---|---|
| ମ୍ୟାଚ | ୧୨୩ |
| ରନ୍ | ୯,୨୩୦ |
| ଆଭରେଜ | ୪୬.୮୫ |
| ଶତକ | ୩୦ |
| ଅର୍ଦ୍ଧଶତକ | ୩୧ |
| ସର୍ବାଧିକ ସ୍କୋର | ୨୫୪* |



## ଆଜି ପ୍ରକାଶ ପାଇପାରେ ସିବିଏସ୍‌ଇ ଦଶମ, ଦ୍ୱାଦଶ ରେଜଲ୍ଟ

ଭୁବନେଶ୍ୱର,୧୨।୫(ସୁଚିସ୍ମିତା ସାହୁ)

ମଙ୍ଗଳବାର ପ୍ରକାଶ ପାଇପାରେ ସିବିଏସ୍‌ଇ ରେଜଲ୍ଟ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ମଙ୍ଗଳବାର ଘୋଷଣା ହେବା ଖବର ପ୍ରଚାରିତ ହେବା ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ର ଓ ଅଭିଭାବକମାନେ cbse.nic.in କିମ୍ବା cbseresults.nic.in ମାଧ୍ୟମରେ ରେଜଲ୍ଟ ଦେଖିପାରିବେ। ଏଥିସହ digilocker.gov.inରେ ମଧ୍ୟ ରେଜଲ୍ଟ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ସିବିଏସଇ ରେଜଲ୍ଟ ଡିଜିଲକର ଆକାଉଣ୍ଟକୁ ଆକ୍ଟିଭେଟ କରି ମାର୍କସିଟ ଡାଉନ୍‌ଲୋଡ କରିପାରିବେ। ଡିଜିଲକର ଆକାଉଣ୍ଟ ଆକ୍ଟିଭେଟ୍ କରିବା ନିମନ୍ତେ ୬ ଅଙ୍କ ବିଶିଷ୍ଟ ଆକ୍ସେସ କୋଡ୍ ଜାରି କରିଛି। ୬ ଅଙ୍କ ବିଶିଷ୍ଟ ଆକ୍ସେସ କୋଡ୍ ସିଷ୍ଟମ ଛାତ୍ରୀଛାତ୍ରଙ୍କ ଡାଟାର ସୁରକ୍ଷା ଓ ଗୋପନୀୟତାକୁ ଆହୁରି ମଜବୁତ କରିଛି। ଏହି କୋଡ୍ ଜରିଆରେ ଛାତ୍ରୀଛାତ୍ରମାନେ ନିଜ ଡିଜିଟାଲ ମାର୍କଶିଟ, ପାସ୍ ସାର୍ଟିଫିକେଟ ଏବଂ ମାଇଗ୍ରେଶନ ସାର୍ଟିଫିକେଟଗୁଡ଼ିକୁ ଆକ୍ସେସ କରିପାରିବେ। ବିଦ୍ୟାଳୟଗୁଡ଼ିକୁ ଡିଜିଲକର ପିନ୍ ଶେୟାର କରାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ସିବିଏସଇ ଦଶମ ପରୀକ୍ଷା ଦେବାକୁ ୨୪ଲକ୍ଷ ୧୨ ହଜାରୁ ଅଧିକ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ଦ୍ୱାଦଶରେ ୧୭ ଲକ୍ଷ ୮୮ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ଦଶମ ପରୀକ୍ଷା ମାର୍ଚ୍ଚ ୧୮ ଏବଂ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୪ରେ ଶେଷ ହୋଇଥିଲା।

## ଆମେରିକା, ଚାଇନା ବାଣିଜ୍ୟ ଯୁଦ୍ଧ ସ୍ଥଗିତ

### ଶୁଳ୍କ ହ୍ରାସ ପାଇଁ ଉଭୟ ରାଷ୍ଟ୍ରର ସହମତି

ଜେନେଭା,୧୨।୫

ଆମେରିକା ଏବଂ ଚାଇନା ପରସ୍ପରର ଆମଦାନି ସାମଗ୍ରୀ ଉପରେ ଲଗାଇଥିବା ଅତ୍ୟଧିକ ଜବାବୀ ଶୁଳ୍କ ହ୍ରାସ କରିବା ପାଇଁ ସହମତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲାଗିରହିଥିବା ବାଣିଜ୍ୟ ଦ୍ୱନ୍ଦ୍ୱର ସମାଧାନ ନିମନ୍ତେ ଅଧିକ ଆଲୋଚନା ପାଇଁ ବାଣିଜ୍ୟ ଯୁଦ୍ଧ ୯୦ ଦିନ ସ୍ଥଗିତ ରଖିବାକୁ ୱାଶିଂଟନ ଓ ବେଜିଂ ରାଜି ହୋଇଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ଦେଶର ଷ୍ଟକ୍ ମାର୍କେଟ ସୂଚକାଙ୍କରେ ଯଥେଷ୍ଟ ଉନ୍ନତି ଦେଖିବାକୁ ମିଳିଛି।

ଚାଇନା ସାମଗ୍ରୀ ଉପରେ ଆମେରିକା ୧୪୫ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଏହାକୁ ୧୧୫ ପ୍ରତିଶତ ହ୍ରାସ କରି ୩୦ ପ୍ରତିଶତରେ ସୀମିତ ରଖିବାକୁ ରାଜି ହୋଇଥିବା ଏହାର ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରୀର୍ କହିଛନ୍ତି। ସେହିପରି ଚାଇନା ମଧ୍ୟ ଆମେରିକା ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍‌କୁ ୧୦ ପ୍ରତିଶତକୁ ହ୍ରାସ କରିବାକୁ ସହମତ ହୋଇଛି। ଜେନେଭାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଗ୍ରୀର ଏବଂ ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଏହା ଘୋଷଣା କରିଛନ୍ତି। ଆମେ ଅଧିକ ସନ୍ତୁଳିତ ବାଣିଜ୍ୟ ଚାହୁଁ ଏବଂ ଉଭୟ ପକ୍ଷ ଏହା ହାସଲ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ସେମାନେ କହିଛନ୍ତି। ଚାଇନା ବାଣିଜ୍ୟ ମନ୍ତ୍ରଣାଳୟ କହିଛି, ଉଭୟ ପକ୍ଷ ପରସ୍ପରର ସାମଗ୍ରୀ ଉପରେ ୯୧ ପ୍ରତିଶତ ଟାରିଫ୍ ବାତିଲ କରିବାକୁ ରାଜି ହୋଇଥିବାବେଳେ ୯୦ ଦିନ ପାଇଁ ଅତିରିକ୍ତ ୨୪ ପ୍ରତିଶତ ଟାରିଫ୍ ସ୍ଥଗିତ ରହିବ। ଏପରି ମୋଟ ୧୧୫ ପ୍ରତିଶତ ଟାରିଫ୍ ହ୍ରାସ କରାଯିବ ବୋଲି ବେଜିଂ ସୂଚନା ଦେଇଛି।

# ରଘୁନାଥ ମୁର୍ମୁଙ୍କ ବାସଭବନ ହେବ ସ୍ମାରକୀ ତୀର୍ଥସ୍ଥଳୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।



ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

### ରାଜ୍ୟସ୍ତରୀୟ ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀ ଉତ୍ସବ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି),୧୨।୫

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅନ୍ତର୍ଗତ ଦାଣ୍ଡବୋଷ ଅଞ୍ଚଳରେ ଥିବା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ତାଙ୍କ ସମାଧି ପୀଠକୁ ଐତିହ୍ୟ ସ୍ମୃତିପୀଠ ଭାବେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ସୋମବାର ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହାଠାରେ ସାନ୍ତାଳୀ ଭାଷାର ଅଲ୍‌ଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଅଲ୍‌ଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ୧ବର୍ଷ ବ୍ୟାପୀ ସାରା ରାଜ୍ୟରେ ପାଳନ ହେବ ଓ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ ହେବ। ପଣ୍ଡିତ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକକୁ ଜନାଦୃତ କରାଇବା ପାଇଁ ବାରିପଦାରେ ଅଲ୍‌ଚିକି ଲାଇବ୍ରେରି ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର-ସଂଗ୍ରହାଳୟ ଏବଂ ତାଙ୍କ କର୍ମଭୂମିଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ। ଏହିସବୁ କାର୍ଯ୍ୟ ପାଇଁ ସମୁଦାୟ ୫୦ କୋଟି ଟଙ୍କାର ଏକ ପ୍ୟାକେଜ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପଣ୍ଡିତ ମୁର୍ମୁଙ୍କ ସୃଷ୍ଟି ଓ ଚିନ୍ତାଧାରା ସମସ୍ତ ପିଢ଼ି ପାଇଁ ଏକ ଜୀବନ ଶିକ୍ଷା। ତାଙ୍କ ଜୀବନ ଆମକୁ ଶିଖାଏ ଯେ, ଯଦି ଆମେ ନିଜ ଭାଷା, ନିଜ ଚିନ୍ତାଧାରା ଓ ନିଜ ସଂସ୍କୃତି ପାଇଁ ସଚେତନ ଓ ସଂଗଠିତ ହେବୁ ତେବେ କୌଣସି ଶକ୍ତି ଆମକୁ ପଛକୁ ଟାଣିପାରିବ ନାହିଁ । ଯେଉଁ ସମାଜ ନିଜ ଭାଷାରେ ଗର୍ବ ଅନୁଭବ କରେ, ସେହି ସମାଜ ଆଗକୁ ବଢ଼େ। ଅଲଚିକି ଏହି ଗର୍ବର ପ୍ରତୀକ। ଏହା ମନୁଷ୍ୟକୁ ଶିକ୍ଷା, ସଂହତି ଓ ସଂସ୍କୃତିରେ ଏକ ଜନଶକ୍ତି ରୂପେ ଗଢ଼ିଥାଏ। ଓଡ଼ିଶା ସରକାର ଏହି ଲିପି ଓ ସାନ୍ତାଳୀ ଭାଷା ପ୍ରତି ଗଭୀର ଦୃଷ୍ଟି ଦେଇ ଆସୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ, ମୁଖ୍ୟମନ୍ତ୍ରୀ, ପ୍ରସିଦ୍ଧ ସାନ୍ତାଳୀ ଭାଷା ଗବେଷକ, ବୃନ୍ଦା ସୋରେନଙ୍କୁ ଗୁରୁ ଗୋମକେ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରିବା ସହିତ ୧ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ଉପରେ ଆଧାରିତ ଏକ ସ୍ମରଣିକା ଉନ୍ମୋଚନ କରାଯିବା ସହିତ ପଣ୍ଡିତ ମୁର୍ମୁଙ୍କ ବଂଶଜ ଚୁନିୟାନ ମୁର୍ମୁ ଓ ପ୍ରସିଦ୍ଧ ସାନ୍ତାଳୀ ଲେଖିକା ତଥା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରାଙ୍କୁ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଲି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରଷ୍ଟ ସମ୍ପାଦକ ଇଂ. ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍‌ଫର୍ମର ସନ୍ଦେହ, କଂଗ୍ରେସ କର୍ମୀଙ୍କୁ ହତ୍ୟା

ମାଲକାନଗିରି,୧୨।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ଅସୁର ଥାନା ଅଞ୍ଚଳର ନାଗା ଭଣ୍ଡାରି ନାମକ ଜଣେ କଂଗ୍ରେସ କର୍ମୀଙ୍କୁ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ରବିବାର ମଧ୍ୟରାତ୍ରିରେ ହତ୍ୟା କରିଛନ୍ତି। ନାଗାଙ୍କୁ ତାଙ୍କ ଘରୁ ମାଓବାଦୀମାନେ ଉଠାଇ ଆଣି ଜଙ୍ଗଲରେ ହତ୍ୟାକରି ଗ୍ରାମର ପ୍ରବେଶ ଦ୍ୱାରରେ ମୃତଦେହ ଫୋପାଡ଼ି ଦେଇଥିଲେ। ନିକଟରେ ପଡ଼ିଥିବା ଚିଠିରେ ନାଗା ପୋଲିସ ଇନ୍‌ଫର୍ମର ଥିବା ଓ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ପୋଲିସକୁ ତଥ୍ୟ ଦେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି। ପୋଲିସ ମୃତଦେହ ଜବତ କରି କୋମ୍ବିଂ ଅପରେଶନକୁ ଜୋରଦାର କରିଛି।


SIKSHA 'O' ANUSANDHAN

SAAT-2025

Empowering students for a brighter future

M.Sc. PROGRAMMES OFFERED
- M.Sc. (Physics)
- M.Sc. (Chemistry)
- M.Sc. (Mathematics)

APPROVAL & RECOGNITIONS
- Approved by UGC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 50th Best in Research Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ଭୁବନେଶ୍ୱର ନୂଆ ଷ୍ଟେଶନରୁ ଗଡ଼ିଲା ୩ ଟ୍ରେନ

ଭୁବନେଶ୍ୱର,୧୨।୫ (ଅନୁରାଧା ମହାରଣା)

ଭୁବନେଶ୍ୱର ନୂଆ ରେଳଷ୍ଟେଶନରୁ ୩ ଟ୍ରେନ୍ ସୋମବାର ଯାତ୍ରା ଆରମ୍ଭ କରିଛି। ଏହି ଟ୍ରେନ୍‌ଗୁଡ଼ିକ ହେଲା କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ। ଏସବୁ ଟ୍ରେନ୍ ପୂର୍ବରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ମୁଖ୍ୟ ରେଳଷ୍ଟେଶନରୁ ଯାଉଥିଲା। ଏବେ ନୂଆ ଷ୍ଟେଶନରୁ ଯାତ୍ରା ଆରମ୍ଭ କରିବା ସହ ମଞ୍ଚେଶ୍ୱର ରେଳ ଷ୍ଟେଶନରେ ମଧ୍ୟ ରହଣି କରିଛି।

ସୂଚନାନୁସାରେ, ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସ୍‌ଏମ୍‌ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସର ଟର୍ମିନାଲ ପଏଣ୍ଟ ସୋମବାରଠାରୁ ପରିବର୍ତ୍ତନ କରାଯାଇଛି। ଏସବୁ ଟ୍ରେନ୍ ଭୁବନେଶ୍ୱର ନୂଆ ଷ୍ଟେଶନରୁ ଯାତ୍ରା ଆରମ୍ଭ ଓ ଶେଷ କରିଥିବାବେଳେ ମଞ୍ଚେଶ୍ୱର ରେଳ ଷ୍ଟେଶନରେ ଉଭୟ ଦିଗରୁ ପ୍ରତ୍ୟେକ ୨ ମିନିଟ ପାଇଁ ଏବଂ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନରେ ୨୦ ମିନିଟ ରହଣି କରିଛନ୍ତି। ରବିବାର ମୁମ୍ବାଇରୁ ଛାଡ଼ିଥିବା ୧୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ବିଶାଖାପାଟଣାରୁ ଛାଡ଼ିଥିବା ୨୨୮୨୦ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଓ ସିକନ୍ଦରାବାଦରୁ ଛାଡ଼ିଥିବା ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେଶନରେ ଏହାର ଯାତ୍ରା ଶେଷ କରିଛି। ନୂତନ ଷ୍ଟେଶନରୁ ଏହି ଟ୍ରେନ୍ ଚଳାଚଳ ଦ୍ୱାରା ଉତ୍ତର ଭୁବନେଶ୍ୱର ଅଞ୍ଚଳ ସହିତ କଟକ ଓ ଆଠଗଡ଼ ଅଞ୍ଚଳ ଲୋକମାନେ ବିଶେଷ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୋଲୋ ଆର୍ଟ ଏକ୍ସିବିଶନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ଆଇସିଏଆର୍- ଆଇଆଇଡବ୍ଲ୍ୟୁଏମ୍‌ର ୩୮ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କ୍ୟାମ୍ପସ ପରିସର, ସମୟ: ପୂର୍ବାହ୍ନ ୧୦ଟା ୧୫।
- ପ୍ରବାହ- ଏକ ସାଂସ୍କୃତିକ ପ୍ରୟାସ ପକ୍ଷରୁ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଡାଇମଣ୍ଡ ଜୁବିଲିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟି କ୍ୟାମ୍ପସ, ସମୟ: ଅପରାହ୍ନ ୨ଟା।
- ନାରଦ ସମ୍ମାନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୧୭ତମ ଆନନ୍ଦ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମୁକ୍ତି ସମକାଳୀନ ନାଟକ ସଂସ୍ଥା ପକ୍ଷରୁ ନାଟକ 'ମଧୁସୂଦନ ନନ୍ଦ ବୟସ ୭୮', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ଖୋର୍ଦ୍ଧା
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁଞ୍ଜୁରି ପଞ୍ଚାୟତ, ବେଗୁନିଆ, ସମୟ: ସକାଳ ୭ଟା ୩୦।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୭ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଟିୟୁଏସିସି କାର୍ଯ୍ୟାଳୟ, ପତ୍ରୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ରାମାୟଣ କଥାମୃତ ପ୍ରବଚନ ସଭାର ପ୍ରଥମ ସନ୍ଧ୍ୟା, ସ୍ଥାନ: ଜହତା କଳକୀ ନାରାୟଣ ମଠ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବନ୍ତ ଛକ, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧାନକିଣା ସଫଳତା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ଅପରାହ୍ନ ୫ଟା।
- ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଆର୍ଡ୍ଡୁଂସ୍ଥିତ ମା' କଟି ମଙ୍ଗଳାଙ୍କ ମନ୍ଦିର, ବାସୁଦେବପୁର. ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ପ୍ରଶାସନିକ ଅଧିକାରୀଙ୍କୁ ନେଇ ଚମ୍ପୁଆ ଉପଜିଲାପାଳଙ୍କ ବୈଠକ, ସ୍ଥାନ: ରୁଙ୍ଗଟା ଟାଉନ ହଲ, ବଡ଼ବିଲ, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ,ସ୍ଥାନ:ଧରଣୀଧର ଖେଳ ପଡ଼ିଆ ବିଶୋଇ,ସମୟ:ପୂର୍ବାହ୍ନ ୧୧ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ:ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।
- ବୈଶାଖୀ ଉଡ଼ା ପର୍ବ ଉପଲକ୍ଷେ କଣ୍ଟାପାଟ, ସ୍ଥାନ: ଚିତ୍ରଡ଼ା ଶିବ ମନ୍ଦିର,ମୋରଡ଼ା, ସମୟ: ଅପରାହ୍ନ ୫ଟା।
- ଚିତ୍ରଡ଼ା ଚୈତ୍ରପର୍ବର ଉଦ୍‌ଘାଟନୀ ଦିବସ, ସ୍ଥାନ: ଚିତ୍ରଡ଼ା ଛଉ ପଡ଼ିଆ, ମୋରଡ଼ା, ସମୟ: ରାତି ୮ଟା।
- ରାଧାକୃଷ୍ଣ ମନ୍ଦିରର ୮ମ ବାର୍ଷିକୋତ୍ସବ, ସଂକୀର୍ତ୍ତନ ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ଘିଆଯୋଡ଼ି(ବମ୍ଫେଛକ),ଝାରପୋଖରିଆ, ସମୟ: ରାତି ୮ଟା।

## ବ୍ରହ୍ମପୁର
- ନାରଦ ଜୟନ୍ତୀ ସମାରୋହ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗ ମଞ୍ଚ, ସମୟ: ସକାଳ ୮ଟା ୨୫।

## ଗଞ୍ଜାମ
- ଭତ୍ତା ବଣ୍ଟନ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପାତ୍ରପୁର, ସମୟ: ସକାଳ ୮ ଟା।

## ଢେଙ୍କାନାଳ
- ପାଲିଆମାନଙ୍କ ପାଠଶାଳା ଓ ଆଲୋଚନାଚକ୍ର, ସ୍ଥାନ: ଢେଙ୍କାନାଳ ତରଭା ପାଲା ମଣ୍ଡପ, ସମୟ-ସକାଳ ୯ଟା।
- ଶ୍ରୀଶ୍ରୀ ରବିଶଙ୍କରଙ୍କ ୬୯ତମ ଜନ୍ମ ଦିବସ ପାଳନ, ସ୍ଥାନ: ଢେଙ୍କାନାଳ ପିପାର ଭାଗୀରଥି ସାଗର, ସମୟ: ସନ୍ଧ୍ୟା ୬ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୪ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଚନ୍ଦନଯାତ୍ରାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୪ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୪ତମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୪ତମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ୧୪ତମ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା।

## ରାୟଗଡ଼ା
- ବାଳନିକେତନ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରତିଷ୍ଠା ଦିବସ, ସ୍ଥାନ: ଲିମାମେଡା, ଶିଶୁ ଯତ୍ନ ଅନୁଷ୍ଠାନ, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାଶୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଠାକୁରାଣୀ ଯାତ୍ରା ଉଦ୍‌ଯାପିତ, ସ୍ଥାନ: ହରିଦାସପୁର ଗ୍ରାମ, ଟିକିରି, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀମଦ୍ ଭଗବତ୍ କଥା ମହୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ମୁନିଗୁଡା, ସମୟ: ସନ୍ଧ୍ୟା ୬ଟା ୩୦ ।

## ନବରଙ୍ଗପୁର
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋଷଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ନବରଙ୍ଗପୁର, ସମୟ : ଅପରାହ୍ନ ୪ଟା।

## କୋରାପୁଟ
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୋରାପୁଟ ବ୍ଲକ ମରିଚମାଳ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ସଚେତନତା ଅଭିଯାନ ଶୁଭାରମ୍ଭ, ସ୍ଥାନ: କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରଦୀପ ପ୍ରସାର ସମିତିର ୩୨ତମ ମହାବିଷୁବ ମିଳନ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ,ନାଲ୍‌କୋ ଟାଉନଶିପ ଦାମନଯୋଡି, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା ।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଶୀତଳଷଷ୍ଠୀ ପ୍ରସ୍ତୁତି ବୈଠକ, ସ୍ଥାନ : ସର୍କିଟ ହାଉସ, ସମୟ : ପୂର୍ବାହ୍ନ ୧୦ଟା ।
- ଏକତା ଅନ୍ୱେଷା ଅନୁଷ୍ଠାନ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ : ମାନେଶ୍ୱର ନିକଟସ୍ଥ ଗୁଲୁଣ୍ଡା ଗ୍ରାମ, ସମୟ: ସନ୍ଧ୍ୟା ୬ଟା ୩୦ ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସାମୂହିକ ହନୁମାନ ଚାଳିଶା ପାଠ, ସ୍ଥାନ : ବୁଢ଼ିହିଲ ହନୁମାନ ମନ୍ଦିର, ସମୟ : ରାତି ୭ଟା ।

## ବଲାଙ୍ଗୀର
- ଅସୀଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲା ସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ସମୟ: ସକାଳ ୭ଟା ୩୦।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଂକୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୫ଟା ୩୦।
- ପାନୀୟ ଜଳ ସମସ୍ୟା ନେଇ ୱାଟ୍‌କୋ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଆମ୍ବେଡ଼କର ବସ୍ତି, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ ଓ ହରିକଥା ପ୍ରବଚନ, ସ୍ଥାନ: କଳ୍ପତରୁ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା ୩୦।


## ବରଗଡ଼
- ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ: କଟାପାଲି, ବରଗଡ଼,ସମୟ:ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଲମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା ଗ୍ରାମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ସମୟ: ସକାଳ ୭ଟା ।
- ଚତୁର୍ଥ ଗନ୍ଧରାଢ଼ୀ ଲୋକକଳା ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଆମ ଆଦମୀ ପାର୍ଟି ତରଫରୁ ୧୨ଘଣ୍ଟିଆ ବୀରମହାରାଜପୁର ବନ୍ଦ, ସ୍ଥାନ: ବୀରମହାରାଜପୁର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ସଭାଗୃହ, ସମୟ: ସକାଳ ୭ଟା।
- ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ଗ୍ରାମପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଗ୍ରାମପଞ୍ଚାୟତ ସଭାଗୃହ, ସମୟ: ସକାଳ ୯ଟା।
- ତରଭା ମିଛାପାଲି ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ନାରଦ ଦିବସ ପାଳନ, ସ୍ଥାନ: ସୋନପୁର ଦୟାନନ୍ଦ ପବ୍ଲିକ୍ ସ୍କୁଲ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପାଟ କନାରେ ଗୁଞ୍ଜା ଫଳ, ଛିଣ୍ଡା କନାରେ ମୋତି ମାଳ।**

ଯେମିତି ପାଟ କନାରେ ଗୁଞ୍ଜା ଫଳ ଥିଲେ ତା'ର ମୂଲ୍ୟ ବଢ଼ି ନ ଥାଏ ସେମିତି ଛିଣ୍ଡା କନାରେ ମୋତି ମାଳ ଥିଲେ ମଧ ତା'ର ମୂଲ୍ୟ କମି ନ ଥାଏ। ଯେକୌଣସି ପରିସ୍ଥିତି ବା ପରିବେଶରେ ରହିଥିଲେ ସୁଦ୍ଧା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ପ୍ରତିଭାରେ କୌଣସି ହ୍ରାସ ଘଟୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପେଟ ପୂରିଲେ ଖିରି ଗୋବରିଆ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ରୁଚିକର ବା ସ୍ୱାଦିଷ୍ଟ ଖାଦ୍ୟ ଖାଇବା ପାଇଁ ସମସ୍ତେ ଇଚ୍ଛାପ୍ରକାଶ କରିଥାନ୍ତି। ତେବେ ପେଟ ପୂର୍ଣ୍ଣ ଥିଲେ ସ୍ୱାଦିଷ୍ଟ ଭୋଜନ ମଧ ଅରୁଚିକର ଲାଗେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଧାର ସଂଲଗ୍ନ ମୋବାଇଲ ବିନା ମିଳୁନି ଅଣ୍ଡା, ଛତୁଆ

- ପୋଷଣ ଖାଦ୍ୟରୁ ବଞ୍ଚିତ ଡଙ୍ଗରିଆ ଗର୍ଭବତୀ, ଶିଶୁ
- ଖାଇବାକୁ ଟଙ୍କା ନାହିଁ, ମୋବାଇଲ କିଣିବୁ କେମିତି: କନ୍ଧ ମହିଳା

ରାୟଗଡ଼ା,୧୨।୫

(ଆଶିଷ ରଞ୍ଜନ ପଣ୍ଡା)

ପୁଷ୍ଟିହୀନତା ଦୂର ଏବଂ ମାତୃ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଗର୍ଭବତୀ ଏବଂ ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦିଆଯାଉଛି। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଗରିବ ଗର୍ଭବତୀ ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣରେ ଆଧାର କାର୍ଡ ସଂଲଗ୍ନ ମୋବାଇଲ ନମ୍ବର କଣ୍ଟା ସାଜିଛି। କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ନିୟମଗିରି ପାହାଡ଼ର ପାରସାଲି ପଞ୍ଚାୟତରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ମହିଳାଙ୍କ ନିକଟରେ ମୋବାଇଲ ନ ଥିବାରୁ ସେମାନେ ପୋଷଣ ଖାଦ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡି କେନ୍ଦ୍ରରୁ ଅଣ୍ଡା ଓ ଛତୁଆ ପାଇବାକୁ ହେଲେ ଆଧାର କାର୍ଡ ଓ ମୋବାଇଲ ନମ୍ବର ବାଧ୍ୟତାମୂଳକ ହୋଇଛି। କିନ୍ତୁ ଏଠାକାର ଅଧିକାଂଶ ମହିଳାଙ୍କ ନିକଟରେ ମୋବାଇଲ ନ ଥିବାରୁ ସେମାନେ ଏହି ଯୋଜନାର ଲାଭ ପାଇପାରୁ ନ ଥିବା କହିଛନ୍ତି। ଆମ ପାଖରେ ତ ଖାଇବାକୁ ଟଙ୍କା ନାହିଁ, ମୋବାଇଲ କିଣିବାକୁ ଟଙ୍କା କେଉଁଠୁ ଆଣିବୁ ବୋଲି ପାରସାଲି ପଞ୍ଚାୟତରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଜଣେ ମହିଳା ମେଣ୍ଡ୍ରଣି ଜାକାକା କହିଛନ୍ତି।

କଲ୍ୟାଣସିଂହପୁରଠାରୁ ପ୍ରାୟ ୧୫ କି.ମି. ଦୂର ନିୟମଗିରି ପାହାଡ଼ ରାସ୍ତାରେ ଯିବା ପରେ ପାରସାଲି ପଞ୍ଚାୟତ ମହକୁମା। ସେଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଗତ ଶନିବାର ପ୍ରାୟ ୧୫ରୁ ୨୦ଜଣ ଡଙ୍ଗରିଆ କନ୍ଧ ମହିଳା ନିଜ ପିଲାଛୁଆଙ୍କୁ ଧରି ସରକାର ଦେଉଥିବା ଅଣ୍ଡା ଓ ଛତୁଆ ନେବା ପାଇଁ ବସିଥିଲେ। ସକାଳ ୮ରୁ ୧୦ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଅଙ୍ଗନୱାଡ଼ି କର୍ମୀ ଆସି ସେମାନଙ୍କୁ ଆଧାର କାର୍ଡ ଏବଂ ଆଧାର ସଂଲଗ୍ନ ମୋବାଇଲ ନମ୍ବର ମାଗିଥିଲେ। କିନ୍ତୁ କାହାରି ପାଖରେ ମୋବାଇଲ ନ ଥିବାରୁ ଅଙ୍ଗନୱାଡି କର୍ମୀ ସେମାନଙ୍କୁ ଅଣ୍ଡା, ଛତୁଆ ନ ଦେଇ ଫେରାଇ ଦେଇଥିଲେ। ଯାହାକୁ ନେଇ ଡଙ୍ଗରିଆ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଙ୍ଗନୱାଡ଼ି କର୍ମୀ କାହିଁକି ଉକ୍ତ ମହିଳାଙ୍କୁ ଅଣ୍ଡା, ଛତୁଆ ଦେଲେ ନାହିଁ ପଚାରିବାରୁ ଏବେ ଅଣ୍ଡା ଓ ଛତୁଆ ପାଇବାକୁ ହେଲେ ଆଧାର କାର୍ଡ ଇ-କେୱାଇସି ବାଧ୍ୟତାମୂଳକ ହୋଇଛି। ଇ-କେୱାଇସି ସମୟରେ ହିତାଧିକାରୀଙ୍କ ଫେସ୍ କ୍ୟାପଚର କରିବା ସହିତ ଆଧାର ସଂଲଗ୍ନ ମୋବାଇଲ ନମ୍ବରକୁ ଓଟିପି ଆସିବ। ତେଣୁ ମୋବାଇଲ ନମ୍ବର ବାଧ୍ୟତାମୂଳକ ବୋଲି ସେ କହିଛନ୍ତି। କେବଳ ନିୟମଗିରିରେ ନୁହେଁ ବରଂ ଜିଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ସମସ୍ୟା ଦେଖାଦେଇଛି ବୋଲି ସେ କହିଛନ୍ତି। ଏ ନେଇ ଅଙ୍ଗନୱାଡ଼ି କର୍ମୀମାନେ ନିଜ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିବା ମଧ କହିଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓଙ୍କୁ ପଚାରିବାରୁ ଇ-କେୱାଇସି ନ କଲେ ତାହା ପୋଷଣ ଟ୍ରାକରେ ଅପଡେଟ୍ ହେବ ନାହିଁ। ଏନେଇ ସେ ବିଶେଷ କିଛି ଟେକ୍ନିକାଲ ଭାବରେ ଜାଣିନାହାନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ମଚାରୀ ମଧୁଲତା ଦଣ୍ଡସେନା ଅଭିଜ୍ଞ ଅଛନ୍ତି ସେ ହିଁ କହିପାରିବେ ବୋଲି କହିଥିଲେ। ଏ ସମ୍ପର୍କରେ କେବଳ ଜିଲା ଅଧିକାରୀ ନୁହନ୍ତି, ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ମଧ ବିଶେଷ କିଛି ଜାଣିନାହାନ୍ତି। ଯାହାକୁ ପଚାରିଲେ ଏ ବିଷୟରେ ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ସେମାନେ ଜାଣିଛନ୍ତି ବୋଲି କହୁଛନ୍ତି। ତେବେ ପୂର୍ବରୁ ବିନା ଇ-କେୱାଇସିରେ ଶିଶୁଙ୍କୁ ଅଣ୍ଡା ଓ ଛତୁଆ ମିଳୁଥିଲା, ଯାହା ଏବେ ମିଳିପାରୁନି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବିଶେଷକରି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କୁ ପିଭିଟିଜି ସ୍କିମ୍‌ରେ ସାମିଲ କରାଯାଇଥିବାବେଳେ ସେମାନେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଏହାର ସମାଧାନ କରିବା ଆବଶ୍ୟକ ବୋଲି ଡଙ୍ଗରିଆ ମହିଳାମାନେ ଦାବିକରିଛନ୍ତି।



ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ବସିଥିବା ଡଙ୍ଗରିଆ ମହିଳାମାନେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ଜନିତ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ପ୍ରତ୍ୟେକ କାମ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ସମ୍ପନ୍ନ ହେବ। ବ୍ୟବସାୟ , ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବୃଷ** ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବ୍ୟବସାୟ ତଥା ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଶନିଦୃଷ୍ଟିଜନିତ ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

**ମିଥୁନ** ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କର କଥାକୁ ଓଲଟା ବୁଝିମନକୁ ଭାରାକ୍ରାନ୍ତ କରିପାରନ୍ତି । ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ। ଶୁକ୍ରଙ୍କ ଶୁଭ ପ୍ରଭାବରେ କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଆପଣ ପରିସ୍ଥିତିକୁ ଯେତେ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେବ। ରବି କୃତ୍ତିକା ନକ୍ଷତ୍ରସ୍ଥ ଯୋଗୁ ସାମୟିକ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** ଉଚ୍ଚସ୍ଥ ରବି ହେତୁ ପ୍ରତ୍ୟେକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଫିସ୍‌ରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣାରେ ଲାଭବାନ୍ ହେବେ। ବହୁ ବିଳମ୍ବରେ ହାତକୁ ନେଇଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କନ୍ୟା** ସକାଳୁ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବାକୁ ମନ ବଳାଇବେ। ପାପଗ୍ରହଜନିତ ଖଳ ଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ମାଲି ମକଦ୍ଦମା, ତର୍କବିତର୍କ,ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ପରିସ୍ଥିତିରେ ପଡ଼ି ନିଜକୁ ସଙ୍କୁଚିତକରି ରଖିବାକୁ ବାଧ୍ୟ ହେବେ।

**ତୁଳା** ବିରକ୍ତି ପ୍ରକାଶକରି ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ଚନ୍ଦ୍ର ଓ ମଙ୍ଗଳ ନୀଚସ୍ଥ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଚନ୍ଦ୍ରଙ୍କ ପ୍ରଭାବରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତିରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ବନ୍ଧୁଙ୍କୁ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରିନେବେ। ପଡ଼ୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତି ପରୋକ୍ଷ ଶତ୍ରୁତା କରିପାରନ୍ତି। ଚତୁର୍ଥରେ ପାପଗ୍ରହ ଯୋଗୁ ଆଜି ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ଆଲୋଚନା ମାଧ୍ୟମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବାଣିଜରେ ଉନ୍ନତି କରିବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ,ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ଏକାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନୀ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। ଶନି ଓ ରାହୁଙ୍କ ଶୁଭ ପ୍ରଭାବରୁ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷର ହୋଇପାରେ।

**ମୀନ** ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନହେବା କଷ୍ଟକର ହୋଇପଡ଼ିବ। ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ବୁଧଙ୍କ ସ୍ଥିତି ଜନିତ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ ,ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ମେ ୧୩ ତାରିଖ, ବିଶ୍ୱ ଶ୍ୱାସରୋଗ ଦିବସ(ମେ ଦ୍ୱିତୀୟ ମଙ୍ଗଳବାର), ରାଷ୍ଟ୍ରୀୟ ଏକତା ଦିବସ, ଜ୍ୟେଷ୍ଠ କୃଷ୍ଣ ପ୍ରତିପଦା ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ.୦୯।୦୮ ପରେ ବିଶାଖା/ବିଛା, ଅଦ୍ୟ ବିବାହ ପାଣିଗ୍ରହଣ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୨୯ ଗତେ, ଘ.୧୦।୨୫ ମଧ୍ୟେ, ଘ, ୦୧।୦୦ ଗତେ, ଘ. ୦୧।୨୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨।୫୬ ଗତେ, ଘ.୦୪।୩୩ ମଧ୍ୟେ ରାହୁକାଳ।

# କମ୍ ଖର୍ଚ୍ଚରେ ଅଧିକ ରୋଜଗାର

## ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ଛତୁ ଚାଷ

**ବାରିପଦା,୧୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଧାନ କ୍ଷେତରେ ନଷ୍ଟ ହେଉଥିବା ନଡ଼ାକୁ ବ୍ୟବହାର କରି ଜୈବିକ ପଦ୍ଧତିରେ ଛତୁ ଚାଷ କରିବା ପ୍ରଣାଳୀ ଏବେ ଚାଷୀଙ୍କୁ ଆକୃଷ୍ଟ କରିଛି। ଅବ୍ୟବହୃତ ନଡ଼ାକୁ ବ୍ୟବହାର କରି ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷ କରି ଚାଷୀମାନେ କମ୍ ଖର୍ଚ୍ଚରେ ଅଧିକ ଲାଭବାନ ହୋଇପାରୁଛନ୍ତି। ମୟୂରଭଞ୍ଜ ଜିଲାରେ ଛତୁଚାଷରୁ ମୁହଁ ବୁଲାଉଥିବା ଚାଷୀଙ୍କୁ ଏନେଇ ସ୍ୱତନ୍ତ୍ର ତାଲିମ ଦିଆଯାଉଛି।

ଖରିଫ ଧାନ ଚାଷ ଅମଳ ସମୟରେ ଚାଷୀମାନେ ଅତ୍ୟାଧୁନିକ ମେଶିନ ବ୍ୟବହାର କରୁଛନ୍ତି। ଧାନ ନେଇଯିବା ପରେ ବିଲରେ ପଡିରହୁଥିବା ନଡ଼ାକୁ ନିଆଁ ଲଗାଇ ନଷ୍ଟ କରୁଛନ୍ତି। ଏପରି ସ୍ଥଳେ ଛତୁ ଚାଷୀମାନେ ନଡ଼ାର ଅଭାବ ଓ ଦରବୃଦ୍ଧି ଯୋଗୁ ଛତୁ ଚାଷରେ କ୍ଷତି ସହିବାରେ ଲାଗିଥିଲେ। ଫଳରେ ଛତୁଚାଷ ପ୍ରତି ଆଗ୍ରହ କମିବାରୁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିକଶିତ ନୂତନ ପ୍ରଣାଳୀରେ ବିଲରେ ପଡ଼ିଥିବା ନଡ଼ାକୁ ବ୍ୟବହାର କରି ଅଳ୍ପ ଖର୍ଚ୍ଚରେ ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଉତ୍ପାଦନ କୌଶଳ ଉପରେ କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ଏଥିରେ ପ୍ରାରମ୍ଭିକ ସଫଳତା ମିଳିଛି ।

ତାଲିମ ନେଉଥିବା ମହୁଲିଆ ଗ୍ରାମର ଚାଷୀ ନକୁଳ ସିଂ ଓ ଜାମଦା ବ୍ଲକର ମହିଳା ଛତୁଚାଷୀ ହରପ୍ରିୟା ସ୍ୱାଇଁ କୁହନ୍ତି, ପାରମ୍ପରିକ ପ୍ରଣାଳୀରେ ବ୍ୟବହାର ହେଉଥିବା ନଡା ବଦଳରେ ଟ୍ରାକ୍ଟର ବା ମେଶିନ ଦ୍ୱାରା ଅମଳ କରାଯାଇଥିବା ନଡ଼ାରେ ଲାଭଜନକ ଉପଯୋଗ ହୋଇପାରିଛି । ଫଳରେ ଅଳ୍ପ ଖର୍ଚ୍ଚ ଓ କମ୍ ସମୟ ମଧ୍ୟରେ ଅଧିକ ଉପାର୍ଜନ ହୋଇପାରୁଛି। ଅର୍ଦ୍ଧ-କମ୍ପୋଷ୍ଟ ପ୍ରଣାଳୀରେ ଅଧିକ ଅମଳ ମିଳୁଥିବାରୁ ଚାଷୀମାନେ ଏହି ନୂତନ ପଦ୍ଧତିକୁ ଆପଣାଇବା ପାଇଁ ଅଲ୍ ଓଡ଼ିଶା ଡିଏସ୍‌ଟି ଟ୍ରେନର ମସରୁମ୍ ଆଣ୍ଡ ଏଗ୍ରିକଲଚର ପକ୍ଷରୁ ବାରିପଦା ବ୍ଲକ୍ ଅଧୀନ ମହୁଲିଆ ଗ୍ରାମରେ ଆଶାୟୀ ଛତୁଚାଷୀଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉଛି। ଏଥିରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକ୍ ସହ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର ଓ ପଶ୍ଚିମବଙ୍ଗ ଅଞ୍ଚଳର ଛତୁଚାଷୀମାନେ ମଧ୍ୟ ତାଲିମ ନେଉଛନ୍ତି।

**ଆବଶ୍ୟକ ଉପାଦାନ–** ଗ୍ରୀଷ୍ମମଣ୍ଡଳୀୟ ଛତୁ ଗବେଷଣା ଓ ତାଲିମ କେନ୍ଦ୍ରରେ ବିକଶିତ କରାଯାଇଥିବା ଅର୍ଦ୍ଧ-କମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଉତ୍ପାଦନର କୌଶଳ ଅନୁଯାୟୀ ମୁଖ୍ୟତଃ ୪ଟି ଉପାଦାନ ଆବଶ୍ୟକ। ସେଗୁଡିକ ମଧ୍ୟରେ ମେଶିନ ଦ୍ୱାରା ଅମଳ କରାଯାଇଥିବା ନଡ଼ା ୩



ଶହ କିଗ୍ରା, ଗହମ ଚୋକଡ଼ ୧୮କିଗ୍ରା (୬ ପ୍ରତିଶତ), ସଦ୍ୟ କୁକୁଡ଼ାଖତ(୧.୫-୪.୫କିଗ୍ରା), କ୍ୟାଲସିୟମ କାର୍ବୋନେଟ/ଚୂନ ୬ କିଗ୍ରା (୨ ପ୍ରତିଶତ)।

**ପ୍ରସ୍ତୁତି** – ନଡ଼ାକୁ ଛୋଟ ଛୋଟ କାଟି ପରିଷ୍କାର ସିମେଣ୍ଟ ଚଟାଣ ଉପରେ ପତଳା ଭାବେ ବିଛାଇ ଦୁଇଦିନ ପର୍ଯ୍ୟନ୍ତ ପାଣି ସିଞ୍ଚି ଭିଜାଯାଏ। ଦୁଇ ଦିନ ପରେ ସେଥିରେ ଆବଶ୍ୟକ ପରିମାଣର ଗହମ ଚୋକଡ଼ ଓ କୁକୁଡ଼ା ଖତ ମିଶାଇ ୧.୫ ମିଟର ଲେଖାଏ ଲମ୍ବ, ପ୍ରସ୍ଥ ଓ ଉଚ୍ଚତାରେ ଗଦା ମରାଯାଏ । ତୃତୀୟ କିମ୍ବା ଚତୁର୍ଥ ଦିନ ପୁଣି ଗଦାକୁ ଭାଙ୍ଗି ତଳ ଉପର କରାଯାଏ ଓ ସେଥିରେ କ୍ୟାଲସିୟମ କାର୍ବୋନେଟ (ଚୂନ)କୁ ଭଲ ଭାବରେ ମିଶାଇ ପୁଣି ଗଦା ମରାଯାଏ । ମୋଟ ୬ ଦିନ ପରେ ତାହା ବିଘଟିତ ହୋଇ କମ୍ପୋଷ୍ଟରେ ପରିଣତ ହୁଏ। ଏହା ପରେ କମ୍ପୋଷ୍ଟ ଭଲ ଭାବରେ ଘାଣ୍ଟି ବେଡ୍ ପ୍ରସ୍ତୁତ କରିବା ପାଇଁ ଛତୁ ଘର ମଧ୍ୟକୁ ନିଆଯାଏ। ଘର ମଧ୍ୟରେ ଥାକରେ ଅଧ ମିଟର ଚଉଡ଼ା ଓ ୧୫ ସେ.ମି. ଉଚ୍ଚତାରେ ଭଲ ଭାବରେ ବିଛାଇ ଦିଆଯାଏ। ଥାକରେ କମ୍ପୋଷ୍ଟ ବିଛାଇବାର ୮ ରୁ ୧୨ ଘଣ୍ଟା ପରେ ଘର ମଧ୍ୟକୁ ବଏଲର ସାହାଯ୍ୟରେ ଗରମ ବାୟୁ ଛଡ଼ାଯାଏ। ଫିମ୍ପି ପ୍ରୟୋଗର ୪ରୁ ୫ଦିନ ମଧ୍ୟରେ ପାଳଛତୁ ଫିମ୍ପି କମ୍ପୋଷ୍ଟରେ ସମ୍ପୂର୍ଣ୍ଣ ଭାବରେ ମାଡିଯାଏ । ଫିମ୍ପି ମାଡିଗଲା ପରେ କମ୍ପୋଷ୍ଟରୁ ପଲିଥିନ ବାହାର କରିଦିଆଯାଏ। ସେବେଠାରୁ ଛତୁ ଅମଳ ପର୍ଯ୍ୟନ୍ତ ଘର ମଧ୍ୟରେ ପବନ ଚଳାଚଳ ଓ ଆଲୋକର ବ୍ୟବସ୍ଥା କରାଯାଏ। ଫିମ୍ପି ବ୍ୟବହାର କରିବାରୁ ୮-୧୦ଦିନ ମଧ୍ୟରେ ଶାଗୁଦାନା ପରି ପାଳଛତୁ କଢ ସବୁ ବାହାରି ଆଉ ୪-୫ଦିନ ମଧ୍ୟରେ ଅମଳ ଯୋଗ୍ୟ ହୋଇଥାଏ । ପ୍ରତି ଶହେ କିଗ୍ରା କମ୍ପୋଷ୍ଟରୁ ସର୍ବୋଚ୍ଚ ୧୫-୧୬ କିଗ୍ରା ଛତୁ ଅମଳ ହୋଇଥାଏ। ଅର୍ଦ୍ଧ-କମ୍ପୋଷ୍ଟ ପ୍ରଣାଳୀରେ ଛତୁ ଅମଳ କରି ସାରିବା ପରେ ସେଗୁଡ଼ିକୁ ସିଧାସଳଖ ଜୈବିକ ଖତ ରୂପେ ବ୍ୟବହାର କରାଯାଇଥାଏ। ଅଧିକ ଉପାର୍ଜନ କାରଣରୁ ଏଣିକି ପାରମ୍ପରିକ ଛତୁଚାଷ ଛାଡ଼ି ଲୋକେ କମ୍ପୋଷ୍ଟ ଚାଷ ଆପଣାଇବେ ବୋଲି ପ୍ରଶିକ୍ଷକ ଶିଶିର ମହାନ୍ତି କହିଛନ୍ତି।

# ମୋରମ ଚାଲାଣ, ୬ ଡମ୍ପର ଜବତ



ପୋଲିସ ଜବତ କରିଥିବା ଡମ୍ପର।

**ମୋରଡ଼ା,୧୨।୫(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ତଥା ତହସିଲ ଅଞ୍ଚଳରେ ବେଆଇନ ଖଣିଜ ଚାଲାଣ ବଢ଼ି ଚାଲିଥିବା ବେଳେ ଖଣି ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଉକ୍ତ ଅଞ୍ଚଳରେ ବାଲି, ମୋରମ ଚାଲାଣ ଖୁଲମଖୋଲା ହେଉଥିଲା। ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ହସ୍ତକ୍ଷେପ ପରେ ଏହା ଉପରେ କିଛି ମାତ୍ରାରେ ଅଙ୍କୁଶ ଲାଗିଛି। ତେବେ ବର୍ତ୍ତମାନ ଚାଲାଣକାରୀମାନେ ଚତୁରତାର ସହିତ ମୋରମ ଚୋରି କରୁଥିବା ନଜରକୁ ଆସିଛି। ଏହି ଥାନା ଅଧୀନ ଆମ୍ବଡିହା ଗ୍ରାମରୁ ମାଟି ଖନନ ନିମନ୍ତେ ଏକ ଘରୋଇ କମ୍ପାନୀ ଅନୁମତି ନେଇଥିବା ବେଳେ ମାଟି ପରିବର୍ତ୍ତେ ବେଆଇନ ଭାବେ ମୋରମ ଖୋଳୁଥିବା ଦେଖିବାକୁ ମିଳିଛି। ଡମ୍ପରରେ ପ୍ରଥମେ ମୋରମ ଭର୍ତ୍ତି କରିବା ପରେ ତା ଉପରେ ମାଟି ଦେଇ ମୋରମ ଚାଲାଣ କରାଯାଉଥିଲା। ଖବର ପାଇ ରବିବାର ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ପୋଲିସ ନାକିଚୁଆ ପଞ୍ଚାୟତର ଚିଙ୍ଗଲଗଡ଼ିଆ ନିକଟରେ ତିନୋଟି ଡମ୍ପରକୁ ଜବତ କରିଛି। ସେହିପରି ଭୋର ୪ଟାରେ ପୁଣି ୩ଟି ମୋରମ ବୋଝେଇ ଡମ୍ପରକୁ ଜବତ କରିଛି ପୋଲିସ। ଗୋଟିଏ ପରମିଟରେ ଏକାଧିକ ଥର ମାଟି ଚାଲାଣ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଏଭଳି ବେଆଇନ ଖନନକୁ ଗ୍ରାମବାସୀ ବିରୋଧ କରିବା ସହିତ ଅଞ୍ଚଳରେ ପ୍ରବଳ ଧୂଳି ଉଡ଼ିବା ଫଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି ବୋଲି କହିଛନ୍ତି।

# ବସ୍-ଟ୍ରକ୍ ଧକ୍କା, ୧୦ ଆହତ

**ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ)/ କରଞ୍ଜିଆ (କବିତା ମହାନ୍ତ) ,୧୨।୫**

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଅଧୀନ ଚଡ଼େଇଭୋଳ ନିକଟସ୍ଥ ୪୯ନଂ. ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟାରେ ଏକ ବସ୍ ସହ ଆଇରନ ବୋଝେଇ ଟ୍ରକ୍ ମୁହାଁମୁହିଁ ହୋଇଛି। ଦୁର୍ଘଟଣା ପରେ ଶିବ ଶକ୍ତି ନାମକ ଯାତ୍ରୀବାହି ବସ୍‌ଟି ଓଲଟି ପଡ଼ିବାରୁ ୧୦ ଯାତ୍ରୀ ଆହତ ହୋଇଛନ୍ତି। ସେଥିରେ ଥିବା ଅନ୍ୟ ପ୍ରାୟ ୪୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଆହତ ଯାତ୍ରୀମାନଙ୍କୁ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବସ୍‌ଟି କେନ୍ଦୁଝରରୁ କରଞ୍ଜିଆ ଆସୁଥିବା ସମୟରେ ଯଶୀପୁର ପଟୁ କେନ୍ଦୁଝର ଆଡ଼କୁ ଯାଉଥିବା ଏକ ଆଇରନ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଟ୍ରକ୍ ଧକ୍କାରେ ବସ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଚଡ଼େଇଭୋଳ ଫାଣ୍ଡି ଅଧିକାରୀ ଜୟନ୍ତ ପାଣିଗ୍ରାହୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



ଦୁର୍ଘଟଣା ପରେ ଓଲଟି ପଡ଼ିଥିବା ବସ୍ ଓ ଯାତ୍ରୀମାନେ।



ଚିତ୍ରଡ଼ା ଚନ୍ଦନ ଯାତ୍ରା ଅବସରରେ ନୌକାରେ ବିଜେ କରିଥିବା ମଦନମୋହନ।

# ଚିତ୍ରଡ଼ାରେ ଚନ୍ଦନ ଯାତ୍ରା

## ଜଳକ୍ରୀଡ଼ା କଲେ ମଦନମୋହନ

ମୋରଡ଼ା,୧୨।୫(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ଧର୍ମକ୍ଷେତ୍ରର ପ୍ରତିଷ୍ଠା ଦିବସ ସହିତ ସୋମବାର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ବିଗ୍ରହମାନଙ୍କୁ ନୂତନ ବସ୍ତ୍ର ପରିଧାନ କରାଯିବା ପରେ ମୁଖ୍ୟ ପୂଜାରୀ ମଦନମୋହନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ୪ଟାରେ ମହାପ୍ରଭୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଚିତ୍ରଡ଼ା ଧର୍ମକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଏକ ବିମାନରେ ସ୍ଥାନୀୟ ରାଜାବନ୍ଧ ନିକଟକୁ ଭକ୍ତମାନେ ଆଣିଥିଲେ। ସେଠାରେ ଶତାଧିକ ଭକ୍ତଙ୍କ ଗହଣରେ ମହାପ୍ରଭୁ ଜଳକ୍ରୀଡ଼ା କରିଥିଲେ। ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ପ୍ରଥମେ ଏକ ନୌକାରେ ବିଜେ କରାଇ ମନ୍ଦିର ପୂଜାରୀ ମଦନ ମୋହନ ପଣ୍ଡା, ନାଉରୀ କୈଳାସ ଦଳେଇ ସ୍ଥାନୀୟ ରାଜାବନ୍ଧରେ ପରିଭ୍ରମଣ କରାଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଭଜନ କୀର୍ତ୍ତନର ବ୍ୟବସ୍ଥା କରାଯାଇଥିଲା। ଦଇତାପତିଙ୍କ ସହିତ ମନ୍ଦିରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ

**ଉଦଳା,୧୨।୫(ସନ୍ତୋଷ କୁମାର ବାଚ୍ଛିନୀ)**

ଉଦଳା ହାଇସ୍କୁଲ ଛକ ଅତୁଲ ବାବୁଙ୍କ ପଡ଼ିଆରେ ତ୍ରିନାଥ ଗୋସାଇଁ କମିଟି ପକ୍ଷରୁ ସୋମବାରଠାରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ପୂର୍ବାହ୍ନ ସାଢେ ୧୦ଟାରେ ଅଧିବାସ ଓ ଘଟୋତ୍ତଳନ ପରେ ଅପରାହ୍ନ ୩ଟାରେ ମହାମନ୍ତ୍ର ନାମ ସଂକୀର୍ତ୍ତନ ଗାନ ଆରମ୍ଭ ହୋଇଥିଲା। ଏହି ଅଷ୍ଟପ୍ରହର ନାମଯଜ୍ଞ ଦୁଇ ଦିନ ଧରି ଅନୁଷ୍ଠିତ ହେବ ବୋଲି କମିଟିର ବରିଷ୍ଠ ଉପଦେଷ୍ଟା ଅମୀୟ କୁମାର ବଳ ସୂଚନା ଦେଇଛନ୍ତି। ଏହି ନାମଯଜ୍ଞରେ ଡିହିରାକୁଳ ରାଧାଗୋବିନ୍ଦ ସଂକୀର୍ତ୍ତନ ମଣ୍ଡଳୀ, ନୂଆଗାଁ ମହାବୀର ସଂକୀର୍ତ୍ତନ ମଣ୍ଡଳୀ ଏବଂ ବାଲେଶ୍ୱର ଜିଲା ବାଗୁଡ଼ି ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଯୋଗଦେଇ ହରିନାମ ସଂକୀର୍ତ୍ତନ ଗାନ କରିଥିଲେ। ମୁଖ୍ୟକର୍ତ୍ତା ଭାବେ ଡିକେନ୍ସ ବେହେରା, ମଧୁସୂଦନ ଦାସ ଏବଂ ବିଭୂଦତ୍ତ ମହାନ୍ତି ଘଟୋତ୍ତଳନ ସହିତ ସମସ୍ତ ପୂଜା ନୀତି ସମ୍ପନ୍ନ କରିଥିଲେ। ବୈଷ୍ଣବ ଅର୍ଜ୍ଜୁନ ଦାଶଙ୍କ ତତ୍ତ୍ୱାବଧାନରେ ଏହି ନାମ ସଂକୀର୍ତ୍ତନର ପୂଜାର୍ଚ୍ଚନା ଆୟୋଜନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ମହାନ୍ତି, ଅବୁଜ ବାରିକ, ବିଜୟ ପଣ୍ଡା, ବିଜନ ନାୟକ, ଦିଲ୍ଲୀପ କୁମାର ପ୍ରାମାଣିକ, ଆଶିଷ ମହାନ୍ତି, ମୁରଲୀ ଶିଅଳ, ପ୍ରଭାକର ଜେନା, ରଞ୍ଜନ ମହାନ୍ତି, ଦୀପକ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ। ମଙ୍ଗଳବାର ପ୍ରସାଦ ସେବନ ସହିତ ଅପରାହ୍ନ ୪ଟାରେ ଅଷ୍ଟ ପ୍ରହର ନାମଯଜ୍ଞ ଶେଷ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

# ଘରେ ନିଆଁ ଲଗାଇ ପୋଡ଼ି ମାରିଦେବା ଉଦ୍ୟମ

**ଉଦଳା,୧୨।୫(ସନ୍ତୋଷ କୁମାର ବାଚ୍ଛିନୀ)**

ପାରିବାରିକ ବିବାଦରୁ ପୁତୁରା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଘରେ ନିଆଁ ଲଗାଇ ଦାଦା ପୋଡ଼ି ମାରିବା ପାଇଁ ଉଦ୍ୟମ କରିବା ଥାନାରେ ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଗେଣ୍ଡାଗଡ଼ିଆ ଗ୍ରାମରେ ରବିବାର ରାତିରେ ଏହି ଘଟଣା ଘଟିଛି। । ସୂଚନା ଅନୁଯାୟୀ, ଗେଣ୍ଡାଗଡ଼ିଆ ଗ୍ରାମର ଚୁନା ମହୁରିଆ ଏବଂ ଟିମା ମହୁରିଆ ଦୁଇ ଭାଇ। ଦୀର୍ଘ ଦିନ ହେବ ଉଭୟଙ୍କ ମଧ୍ୟରେ ଘରୋଇ ବିବାଦ ଲାଗି ରହିଛି। ରବିବାର ଚୁନା ଘରେ ନ ଥିବା ବେଳେ ତାଙ୍କ ପୁଅ ମାନସ, ମାନସଙ୍କ ସ୍ତ୍ରୀ, ୪ ବର୍ଷର ଝିଅ ସହିତ ମାନସଙ୍କ ଭଉଣୀ ଏବଂ ୨ ମାସର ଭଣଜା ଖାଇସାରି ଶୋଇଥିଲେ। ରାତି ପ୍ରାୟ ୧୧ଟା ସମୟରେ ପୁତୁରା ମାନସ ଏବଂ ପରିବାର ସଦସ୍ୟଙ୍କୁ ମାରିଦେବା ପାଇଁ ଟିମା ବାହାର ପାଖରୁ କବାଟ ବନ୍ଦ କରି ଚାଳ ଘରେ ନିଆଁ ଲଗାଇ ଦେଇଥିଲେ। ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି କବାଟ ଖୋଲି ଘର ଭିତରେ ଥିବା ୫ ଜଣଙ୍କୁ ଉଦ୍ଧାର କରିଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ କପ୍ତିପଦା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ୩ ବଖରା ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ସହିତ ନଗଦ ଟଙ୍କା ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଛି। ଏନେଇ ମାନସ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବଜ୍ରପାତରେ ଜୀବନ ଗଲା

**ଝାରପୋଖରିଆ,୧୨।୫ (ସୁଧିର କୁମାର ମହାନ୍ତ)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଭୁରୁଷାଣୀ ପଞ୍ଚାୟତର ତଳକ ଗାଁରେ ସୋମବାର ବଜ୍ରପାତରେ ଜଣେ ବୃଦ୍ଧ ଓ ଏକ ଗାଈର ମୃତ୍ୟୁ ଘଟିଛି। ମୃତକ ହେଲେ ସୁରେନ୍ଦ୍ର ନାଥ ମହାନ୍ତ(୬୧)।

ଅପରାହ୍ନ ୫ଟାରେ ବର୍ଷା ହେବାରୁ ବିଲରେ ବନ୍ଧା ହୋଇଥିବା ଗାଈକୁ ଆଣିବାକୁ ଯାଇଥିବା ବେଳେ ସୁରେନ୍ଦ୍ର ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଗାଈ ସହ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ରଗ୍‌ବୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ଜିଲା ରଗବୀ ସଂଘ କାର୍ଯ୍ୟକର୍ତ୍ତାଙ୍କ ସହ ସମ୍ବର୍ଦ୍ଧିତ ଖେଳାଳିମାନେ।

**ବାରିପଦା,୧୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଜାତୀୟସ୍ତରରେ ଚମତ୍କାର ପ୍ରଦର୍ଶନ କରି ମୟୂରଭଞ୍ଜ ଜିଲାର ରଗବୀ ଖେଳାଳିମାନେ ଘରକୁ ଫେରିଛନ୍ତି। ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ଜିଲା ରଗବୀ ସଂଘ ଏକ ସମ୍ବର୍ଦ୍ଧନା ସଭାରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛି। ସିନିୟର ମହିଳା ରଗବୀ ଦଳର ଖେଳାଳି ଆରତି ମୁର୍ମୁ ଜାତୀୟ ବରିଷ୍ଠ ରଗବୀ ଚାମ୍ପିୟନସିପ-୨୦୨୫ରେ ଓଡ଼ିଶା ଦଳରୁ ଖେଳି ଦଳପାଇଁ ରୌପ୍ୟ ପଦକ ହାସଲ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ବିନୟବଚନ ହେମ୍ବ୍ରମ ଓଡ଼ିଶା ସିନିୟର୍ ରଗବୀ ଦଳ ପାଇଁ ଜାତୀୟ ବରିଷ୍ଠ ରଗବୀ ଚାମ୍ପିୟନସିପରେ ଉତ୍ତମ ପ୍ରଦର୍ଶନ କରିଥିଲେ ମଧ୍ୟ ଦଳ ସେମିଫାଇନାଲରେ ପରାସ୍ତ ହୋଇ ଚାମ୍ପିୟନସିପରୁ ବାହାରି ଯାଇଥିଲା। ଏହି ସଫଳତା ଓଡ଼ିଶାର କ୍ରୀଡ଼ା ଜଗତରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଅନ୍ୟପଟେ, ବିହାରର ପାଟନାରେ ଆୟୋଜିତ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ମୟୂରଭଞ୍ଜର ଯୁବ ଖେଳାଳିମାନେ ନିଜର ପ୍ରତିଭା ଦେଖାଇଛନ୍ତି। ମମତା ମୁର୍ମୁ ଓଡ଼ିଶା ଜୁନିଅର୍ ବାଳିକା ରଗବୀ ଦଳରେ ଏବଂ ସୁମନ୍ତ ମୁର୍ମୁ ଓ ସଦିନସନ ହାଁସଦା ଓଡ଼ିଶା ଜୁନିୟର ବାଳକ ରଗବୀ ଦଳରେ ଖେଳି ଦଳ ପାଇଁ ରୌପ୍ୟ ପଦକ ହାସଲ କରିବା ସହ ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଏହି ଅବସରରେ ସଂଘ ପକ୍ଷରୁ ଆୟୋଜିତ ସମ୍ମାନ ସମାରୋହରେ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା।

# ହାତୀ ଉପଦ୍ରବ, ଧାନ ଚାଷୀ ଚିନ୍ତାରେ

**ମୋରଡ଼ା,୧୨।୫(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନ ମଣ୍ଡଳୀର ମୋରଡା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବ୍ଲକରେ ହାତୀପଲ ଆଡ୍ଡା ଜମାଇଛନ୍ତି। ବର୍ଷ ତମାମ ହାତୀ ଉପଦ୍ରବ ଜାରି ରହୁଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡ଼ିଲେଣି। ରବିବାର ରାତିରେ ରାସଗୋବିନ୍ଦପୁର ବ୍ଲକ ତଥା ବେତନଟୀ ରେଞ୍ଜ ଅଧୀନ ବଡ଼ାମପୁର ସଂରକ୍ଷିତ ଜଙ୍ଗଲରେ ୧୦୨ଟି ହାତୀ ଥିବା ବେଳେ ଭୋର ସମୟରେ ୭୦ଟି ହାତୀ ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମାଳିହତା-ମୋରଡ଼ା ମୁଖ୍ୟ ରାସ୍ତା ପାର ହୋଇ ବଳଦିଆ ଜଙ୍ଗଲରେ ପ୍ରବେଶ କରିଥିବା ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି। ସେହିପରି ୩୭ଟି ହାତୀ ନାକିଚୁଆ ଜଙ୍ଗଲରେ ଥିବା ସୂଚନା ମିଳିଛି। ରବି ଧାନ ଚାଷ କରିଥିବା ଚାଷୀଙ୍କ ପାଇଁ ଏହି ହାତୀପଲ ଚିନ୍ତାର କାରଣ ପାଲଟିଛନ୍ତି।



ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା



# କେବଳ ଜୀବାଶ୍ମ ଇନ୍ଧନ ନୁହେଁ

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏବେ ଅନୁମାନ କରିଛି ଯେ, ଓଡ଼ିଶାରେ ଆଗାମୀ ୨ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ। ଅର୍ଥାତ୍ ଆସନ୍ତା ୧୫ ତାରିଖରେ ରାଜ୍ୟର କେତେକ ସହରରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ। ଭାରତର ପାଣିପାଗ ବିଭାଗର ଏଭଳି ଆକଳନର ପୂର୍ବାଭାସ କିଛିଦିନ ତଳେ ଅନ୍ତର୍ଜାତୀୟ ସ୍ତରର ବୈଜ୍ଞାନିକ ଓ ଜଳବାୟୁ ସଂସ୍ଥାଗୁଡ଼ିକ ଦ୍ୱାରା ଗଠିତ ସଙ୍ଗଠନ 'କ୍ଲାଇମାମିଟର'ରେ ପ୍ରକାଶିତ ରିପୋର୍ଟକୁ ସିଦ୍ଧ କରୁଛି। ୨୦୨୫ ଏପ୍ରିଲ ଏହାର ପୂର୍ବ ଦଶନ୍ଧିଗୁଡ଼ିକ ତୁଳନାରେ ୪ ଡିଗ୍ରୀ ସେଲସିୟସ ଅଧିକ ଉତ୍ତପ୍ତ ଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ସୂଚନା ଦିଆଯାଇପାରେ ଯେ, ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଉତ୍ତାପ ବୃଦ୍ଧି ଓ ପୃଥିବୀରେ ସଂଘଠିତ ଅତ୍ୟଧିକ ବିପର୍ଯ୍ୟୟ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କ୍ଲାଇମାମିଟରକୁ ୟୁରୋପୀୟ ସଂଘ ଓ ଫ୍ରେଞ୍ଚ୍ ନ୍ୟାଶନାଲ ସେଣ୍ଟର୍ ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ( ସିଏନ୍ଆର୍ଏସ୍) ପାଣ୍ଠି ଯୋଗାଇଥାନ୍ତି। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଗତ ମାସରେ ଅନେକ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିଲା। ଏପରିକି ଏପ୍ରିଲ ୨୧ରେ ଝାରସୁଗୁଡ଼ା ୪୫.୪ ଡିଗ୍ରୀ ଉପରକୁ ଯାଇଥିବା ବେଳେ ଆସନ୍ତା ୧୫ ତାରିଖ ସୁଦ୍ଧା ତାପମାତ୍ରା ପୁଣି ୪୫ ଡିଗ୍ରୀ ସେଲସିୟସକୁ ଗଲେ ତାହା ଜନଜୀବନକୁ ଦୁର୍ବିଷହ କରିବା ଥୟ।

ଏହା ଜଣାଶୁଣା ଯେ, ତାପମାତ୍ରା ବୃଦ୍ଧି ପାଇଁ ଜୀବାଶ୍ମ ଇନ୍ଧନକୁ ଅଧିକ ଦାୟୀ କରାଯାଉଛି। କିନ୍ତୁ ପରିବହନ ଓ ନିର୍ମାଣ ଶିଳ୍ପ ସହିତ ଆହୁରି ଅନେକ କ୍ଷେତ୍ର ବିଶ୍ୱତାପନକୁ ଘୋର ପ୍ରଭାବିତ କରୁଛନ୍ତି। ତେବେ ଭାରତରେ ଆବଶ୍ୟକ ହେଉଥିବା ମୋଟ ଶକ୍ତିର ୭୫ ଭାଗ କେବଳ ଜୀବାଶ୍ମ ଇନ୍ଧନ ଚାଳିତ ପ୍ଲାଣ୍ଟରୁ ମିଳୁଛି। ଏହାର ସବୁଠୁ ବଡ଼ ଅଂଶ ରହୁଛି ଥର୍ମାଲ ପାୱାର ବା ତାପଜ ଶକ୍ତି। ଓଡ଼ିଶାର ଗଚ୍ଛିତ କୋଇଲାକୁ ଅନିଶା କରି ଘରୋଇ ଓ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକ ଏଠାରେ ଥର୍ମାଲ ପ୍ଲାଣ୍ଟ କରିବାକୁ ଆଗଭର ହେଉଛନ୍ତି। ଏହି ସଂଖ୍ୟା ବଢ଼ିଲେ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିଯିବା ଆଶଙ୍କା ସୃଷ୍ଟି ହେଲାଣି। ଚଳିତ ମାସ ପ୍ରଥମ ସପ୍ତାହରେ 'ଦି ଲାନ୍‌ସେଟ୍ ପ୍ଲାନେଟାରୀ ହେଲ୍‌ଥ' ପକ୍ଷରୁ ପ୍ରକାଶିତ ପ୍ରବନ୍ଧରେ ଦର୍ଶାଯାଇଛି ଯେ, ଜଳବାୟୁ ପରିବର୍ତ୍ତନଜନିତ ଖାଦ୍ୟାଭାବ ଓ ଅପପୁଷ୍ଟି ଯୋଗୁ ମଣିଷର ଅନ୍ତନଳୀ ପ୍ରଭାବିତ ହୋଇ ରୋଗ ସୃଷ୍ଟି କରିବ। ଏଥିରୁ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଆଗାମୀ ଦିନରେ ମଣିଷ ଉପରେ କିଭଳି ସିଧାସଳଖ ପ୍ରଭାବ ପକାଇବ ତାହା ଅନୁମେୟ।

୨୦୧୫ରେ ଜାତିସଂଘ ଜଳବାୟୁ ସମ୍ମିଳନୀ (କପ୍୨୧)ର ପ୍ୟାରିସ ଚୁକ୍ତିରେ ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସ ଭିତରେ ସୀମିତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିପାଇଁ ଗରିବ ଓ ବିକାଶଶୀଳ ଦେଶଗୁଡ଼ିକୁ ଆର୍ଥିକ ଓ ବୈଷୟିକ ସହଯୋଗ ଯୋଗାଇବା ସକାଶେ ଧନୀ ରାଷ୍ଟ୍ରଗୁଡ଼ିକ ବାର୍ଷିକ ୧୦୦ ବିଲିୟନ ଆମେରିକୀୟ ଡଲାର ପାଣ୍ଠି ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଥିଲା। ଏହା କାର୍ବନ ନିର୍ଗମନ ହ୍ରାସ କରିବା, ସବୁଜ ଶକ୍ତି ସୃଷ୍ଟି କରିବା ଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦ ଜାନୁଆରୀ ୨୦୨୫ରେ ଶପଥ ନେବାର ଦିନକ ପରେ ପାରିସ ଚୁକ୍ତିରୁ ଓହରି ଯାଇଛନ୍ତି। ଯେହେତୁ ବିଶ୍ୱତାପନ ନିୟନ୍ତ୍ରଣ ଦିଗରେ ଆମେରିକାର ପାଣ୍ଠି ଓ ପ୍ରଯୁକ୍ତି ନିହାତି ଜରୁରୀ, ତାହାର ପଛଘୁଞ୍ଚା ଏହି ମିଶନକୁ ନିଶ୍ଚିତ ଭାବେ କ୍ଷତି ପହଞ୍ଚାଇବ। ତେବେ ଏସବୁକୁ ଦୃଷ୍ଟିରେ ରଖି ଭାରତ ନିଜସ୍ୱ ପଦକ୍ଷେପ ନେବା ଦରକାର। ୨୦୭୦ ସୁଦ୍ଧା ନେଟ୍ ଜିରୋ ଅର୍ଥାତ୍ ଯେତିକି କାର୍ବନ ନିର୍ଗମନ କରିବ ସେତିକି ଶୋଷିନେବାର ବ୍ୟବସ୍ଥା କରିବାକୁ ଭାରତ ଲକ୍ଷ୍ୟ ରଖିବା ଏକ ବିଳମ୍ବିତ ପ୍ରୟାସ ମନେହେଉଛି। ତାହାର ଯଥେଷ୍ଟ ପୂର୍ବରୁ ଉପଯୁକ୍ତ ପଦକ୍ଷେପ ନିଆ ନ ଗଲେ ଅସହ୍ୟ ତାପମାତ୍ରାରେ ବଞ୍ଚିବା କଷ୍ଟକର ହୋଇଯିବ। ସ୍ଥିତି ଯାହା ହେଲାଣି କେବଳ କଥାରେ କହିଲେ ହେବ ନାହିଁ, କାମରେ ପ୍ରତିଫଳିତ ହେବା ଜରୁରୀ । ତେବେ ଉଦ୍‌ଜାନ ଶକ୍ତି ବ୍ୟବହାର କରି ଗାଡ଼ି ଚଳାଇବାକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଗୁରୁତ୍ୱ ଦେଇଥିଲେ। ଏପରିକି ମାର୍ଚ୍ଚ ୨୦୨୨ରେ ପାର୍ଲାମେଣ୍ଟକୁ ଉଦ୍‌ଜାନଚାଳିତ ଗାଡ଼ି ଚଳାଇ ସେ ଆସିବା କଥା ସମସ୍ତଙ୍କର ମନେଥିବ। ତାହା ଏବେ କେତେ ବାଟ ଆଗେଇଛି ଅଜଣା ହୋଇରହିଛି। ଏସବୁକୁ ବିଚାର କଲେ ଭାରତ ପାଇଁ ଜୀବାଶ୍ମ ଇନ୍ଧନଚାଳିତ ଯାନ ହ୍ରାସ କରି ବିଦ୍ୟୁତ ଚାଳିତ ଯାନ ବ୍ୟବହାର ବୃଦ୍ଧି କରାଯିବା ଦରକାର। ଏଥିପାଇଁ ଆବଶ୍ୟକ ବିଦ୍ୟୁତ୍ ଶକ୍ତି ଜଳରୁ ଅଧିକ ଉତ୍ପାଦନ ହେବା ଆବଶ୍ୟକ।

ଏବର ସ୍ଥିତିରେ ବନୀକରଣ ଉପରେ ଜୋର ଦିଆଯିବା ସହିତ ଜଙ୍ଗଲକୁ ସୁରକ୍ଷା ଦେବା ନିହାତି ଜରୁରୀ ହୋଇପଡ଼ିଲାଣି। ସାଧାରଣତଃ ବଡ଼ ସହରଗୁଡ଼ିକରେ ସବୁଠାରୁ ଅଧିକ ତାପମାତ୍ରା ବୃଦ୍ଧି ଦେଖିବାକୁ ମିଳୁଛି। ଏହାର ମୂଳ କାରଣ ହେଲା ବିକାଶ ନାମରେ ସବୁଆଡ଼େ କଂକ୍ରିଟ ମାଡ଼ିଯିବା ଓ ଅନ୍ଧାଧୁନିଆ ଗଛକଟା। ସହରୀ ଜଳବାୟୁ ସଂକ୍ରାନ୍ତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ନଗରାଞ୍ଚଳରେ ଅର୍ବାନ ଫରେଷ୍ଟ ବା ସହରରେ ଛୋଟ ଜଙ୍ଗଲ ଥିଲେ ତାପମାତ୍ରା ୭ ଡିଗ୍ରୀ ସେଲସିୟସ କମିପାରେ। ସେହିପରି ଅତ୍ୟଧିକ ତାପମାତ୍ରାର ଦିନକୁ ହିସାବକୁ ନେଲେ ତାହା ସଂଖ୍ୟାତ୍ମକ ଦୃଷ୍ଟିରୁ ୨୩ ପ୍ରତିଶତ କମିଯିବ। ଏହାର ଅର୍ଥ ହେଲା ତାପମାତ୍ରା କମାଇବାର ସବୁଠାରୁ ପ୍ରମୁଖ ଭୂମିକା ଗଛର ରହିଛି। ତେଣୁ ଅଧିକ ମାତ୍ରାରେ ବନୀକରଣ ସହ ବନ ସଂରକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦେବାର ସମୟ ଆସିଲାଣି।

ଜୀବାଶ୍ମ ଇନ୍ଧନ ଉପରେ ସମ୍ପୂର୍ଣ୍ଣ ନଜର କେନ୍ଦ୍ରୀଭୂତ ହେବା ଦ୍ୱାରା ବିଶ୍ୱତାପନକୁ ନିୟନ୍ତ୍ରଣ ରଖିବାର ଅନ୍ୟସବୁ ସହଜ ବାଟକୁ ବନ୍ଦ କରିଦିଆଯାଉଛି। ଜଙ୍ଗଲ ବଞ୍ଚିଲେ ଜୀବଜନ୍ତୁ ସୁରକ୍ଷିତ ରହିବେ। ସମୁଦ୍ର ଓ ସାମୁଦ୍ରିକ ଜୀବଙ୍କୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ଦରକାର। ଏଭଳି ଅନେକ ଦିଗ ଅଛି ଯେଉଁସବୁକୁ ଅଣଦେଖା କରି ସୁଇଚ୍ ଟିପିଲା ଭଳି କେବଳ ଜୀବାଶ୍ମ ଇନ୍ଧନ ବ୍ୟବହାର କମାଇବା ଉପରେ ଗୁରୁତ୍ୱ ଦେଲେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣକୁ ଆଣିବା କଷ୍ଟକର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 4 | 5 |
| | | | 4 | | 5 | 2 | | |
| 1 | | | | 6 | | | | 9 |
| | 6 | | 2 | | 9 | | | |
| | | | | | | 3 | | |
| 2 | | | 3 | 4 | | 1 | | |
| | 7 | 3 | | | 6 | | | |
| 6 | | | | 9 | | 8 | | |
| | | 8 | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 7 | 5 | 1 | 6 | 4 | 3 | 8 |
| 5 | 6 | 3 | 9 | 4 | 8 | 2 | 7 | 1 |
| 4 | 1 | 8 | 2 | 7 | 3 | 9 | 6 | 5 |
| 6 | 8 | 5 | 3 | 2 | 4 | 7 | 1 | 9 |
| 9 | 4 | 1 | 7 | 6 | 5 | 8 | 2 | 3 |
| 7 | 3 | 2 | 8 | 9 | 1 | 6 | 5 | 4 |
| 3 | 5 | 4 | 6 | 8 | 7 | 1 | 9 | 2 |
| 8 | 2 | 6 | 1 | 3 | 9 | 5 | 4 | 7 |
| 1 | 7 | 9 | 4 | 5 | 2 | 3 | 8 | 6 |

ଗତକାଲିର ଉତ୍ତର

# ଭାରତରେ ଖାଦ୍ୟ ଅପଚୟ



ବିଦ୍ୟାଧର ମହାରଣା

ଆମ ଦେଶରେ ଯେତେ ଖାଦ୍ୟ ଉତ୍ପାଦନ ହୁଏ, ତାହାର ୪୦-୫୦ ପ୍ରତିଶତ ଉତ୍ପାଦନଠାରୁ ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହୃତ ହେବା ମଧ୍ୟରେ ଅପଚୟ ହୋଇଥାଏ। ଏହାର ପରିମାଣ ବର୍ଷରେ ଅନ୍ତତଃ ୬୦ ନିୟୁତ ଟନ୍ ହୋଇପାରେ। କଥାରେ ଅଛି, "ଗୋଦରା କୋଡ଼େ ଯେତେ ମାଡ଼େ ସେତେ।" ଚାଷୀମାନେ ଖରା, ବର୍ଷା, ଶୀତ କାକର ସହି ଖାଦ୍ୟ ଉତ୍ପାଦନ କରନ୍ତି, କିନ୍ତୁ ଅନ୍ୟମାନେ ବିଭିନ୍ନ ସମୟରେ ଏହାର ଅପଚୟ କରନ୍ତି। ପ୍ରଥମତଃ ସାଇତା ଶସ୍ୟ ଭଣ୍ଡାର, ଶୀତଳ ଭଣ୍ଡାର ଓ ପର୍ଯ୍ୟାପ୍ତ ପରିବହନ ଅଭାବରୁ ଫସଲ ଅମଳ ପରବର୍ତ୍ତୀ ଅପଚୟ ହୋଇଥାଏ। ଦ୍ୱିତୀୟରେ ବଜାରଦର ବାରମ୍ବାର ଅସ୍ଥିର ହେବାଯୋଗୁ ଅତ୍ୟଧିକ ଅମଳ ହୋଇଥିବା କୃଷି ଉତ୍ପାଦକୁ ଚାଷୀମାନେ ବିକ୍ରୟ କରିବାରେ ଅସୁବିଧାର ସମ୍ମୁଖୀନ ହୋଇ ଜମି କିମ୍ବା ରାସ୍ତାରେ ଢାଳି ଦିଅନ୍ତି କିମ୍ବା ଗାଈ ଗୋରୁ ଖୁଆଇ ଦିଅନ୍ତି। ସହରାଞ୍ଚଳରେ ଖାଉଟିମାନେ ଅତ୍ୟଧିକ ଖାଦ୍ୟ ପଦାର୍ଥ, ବିଶେଷକରି ପନିପରିବା ଓ ଫଳ କିଣି ସାଇତି ରଖନ୍ତି; ଯାହା ଫଳରେ ଏହି ଖାଦ୍ୟ ପଦାର୍ଥ ପଚିଶଢ଼ି ଯାଏ। ଗ୍ରାମାଞ୍ଚଳରେ ମଧ୍ୟ ଖାଉଟିମାନେ ସ୍ଥାନୀୟ ସାପ୍ତାହିକ ହାଟରୁ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ପଦାର୍ଥ କିଣି ଘରେ ରଖନ୍ତି ଏବଂ ଉପଯୁକ୍ତ ସାଇତା ପ୍ରଣାଳୀ ଅଭାବରୁ ଏଥିରୁ କେତେକ ନଷ୍ଟ ହୋଇଯାଏ। ତୃତୀୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସାମାଜିକ ଉତ୍ସବଗୁଡ଼ିକରେ ଆବଶ୍ୟକତାଠାରୁ ଅଧିକ ରୋଷେଇ ହୁଏ, ଯାହାର ପ୍ରାୟ ୧୦-୨୦ ପ୍ରତିଶତ ନଷ୍ଟ ହୋଇଥାଏ। ଏହିପରି ବିବାହ ବ୍ରତ ଓ ହୋଟେଲଗୁଡ଼ିକରେ ଆମ ଦେଶରେ ବାର୍ଷିକ ୧୪ ବିଲିୟନ ଡଲାର ମୂଲ୍ୟର ଖାଦ୍ୟ ଅପଚୟ ହୁଏ। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ୨୦୨୧ ତଥ୍ୟ ଅନୁଯାୟୀ ବିଶ୍ୱରେ ଯେତେ ଖାଦ୍ୟ ଉତ୍ପାଦନ କରାଯାଏ, ତାହାର ୧୭ ପ୍ରତିଶତ ପରିବାର ଓ ଅନ୍ୟତ୍ର ଅପଚୟ ହୁଏ ଏବଂ ଏହାର ପରିମାଣ ପ୍ରାୟ ୯୩୧ ନିୟୁତ ଟନ୍ ହୋଇପାରେ। ଏଥିମଧ୍ୟରୁ କେବଳ ପରିବାରଗୁଡ଼ିକରେ ୫୭୦ ନିୟୁତ ଟନ ଖାଦ୍ୟ ନଷ୍ଟ ହୋଇଥାଏ।

ଅର୍ଥନୈତିକ ଦିଗରୁ ବିଚାର କଲେ ଖାଦ୍ୟ ଅପଚୟ ପ୍ରଭାବ ଚାଷୀ, ଖୁଚୁରା ବ୍ୟବସାୟୀ ଓ ଉପଭୋକ୍ତାଙ୍କ ଉପରେ ସିଧାସଳଖ ପଡୁଛି। ଏହି ଅପଚୟ ଖାଦ୍ୟ ଯୋଗୁ ଶ୍ରମ ଶକ୍ତି, ଜଳ ଓ ଅନ୍ୟାନ୍ୟ ସମ୍ବଳର ମଧ୍ୟ ଅପଚୟ ହେଉଛି। ନଷ୍ଟ ହେଉଥିବା ଖାଦ୍ୟ ବାହାର ଜାଗାରେ ପଡ଼ିରହିଲେ ଏଥିରୁ ମିଥେନ୍ ପରି ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୋଇ ଜଳବାୟୁ ପରିବର୍ତ୍ତନ ପାଇଁ ଏକ କାରଣ ହୋଇପାରେ। ଏପରି ଖାଦ୍ୟ ଅପଚୟ ଯୋଗୁ ୮-୧୦% ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗମନ ହୁଏ। ଖାଦ୍ୟ ପ୍ରସ୍ତୁତି ବାବଦରେ ଯେତିକି ବ୍ୟୟ ହେଉଛି ଓ ସମୟ ଖର୍ଚ୍ଚ ହୁଏ, ତାହାର କିଛି ଅଂଶ ଏଥିଯୋଗୁ ନଷ୍ଟ ହୋଇଥାଏ। କେତେକ ଅଞ୍ଚଳରେ ଖାଦ୍ୟ ବଳକା ହୋଇ ବିନଷ୍ଟ ହେଲା ବେଳେ ଅନ୍ୟ ଅଞ୍ଚଳରେ ଏହାର ଅଭାବ ଯୋଗୁ ଅପପୁଷ୍ଟି, ପୁଷ୍ଟିହୀନତା,



ରକ୍ତଶୂନ୍ୟତା ଓ ଅନାହାର ଦେଖାଯାଏ। ଖାଦ୍ୟ ନଷ୍ଟ ଏବଂ ତାହାର ଅର୍ଥନୈତିକ ଓ ପରିବେଶ ଜନିତ କ୍ଷତି କିପରି ରୋକାଯାଇ ପାରିବ, ସେ ବିଷୟରେ କେହି ସଚେତନ ନୁହନ୍ତି। ଅତୀତରେ ବିବାହ ବ୍ରତରେ ଅତିଥି ସଂଖ୍ୟା ସୀମିତ କରିବାକୁ ଆଦେଶ ଜାରି ହୋଇଥିଲେ ମଧ୍ୟ ଏହା ପାଣିରେ ଗାର ସଦୃଶ । ବରଂ ଅତିଥି ସଂଖ୍ୟା ବୃଦ୍ଧି ପାଇଁ ପ୍ରତିଯୋଗିତା ଲାଗିଛି। ଦେଶର କ୍ଷୁଧା ଓ ଖାଦ୍ୟ ନିରାପତ୍ତା ପାଇଁ ଏଗୁଡ଼ିକ ଯେ କିଛି ପରିମାଣରେ ଦାୟୀ ଏକଥା କେହି ବୁଝିବାକୁ ନାରାଜ।

ଖାଦ୍ୟ ଅପଚୟ ରୋକିବା ପାଇଁ ବିଭିନ୍ନ ଦେଶରେ କେତେକ ବ୍ୟବସ୍ଥା ଅନୁସୃତ ହୁଏ। ଫ୍ରାନ୍ସ ଦେଶରେ ଖୁଚୁରା ବ୍ୟବସାୟୀ ଖାଦ୍ୟ ଉପଯୋଗୀ ପଦାର୍ଥ ବାହାରକୁ ଫୋପାଡ଼ିବାକୁ ମନା କରାଯାଇ ଏଗୁଡ଼ିକ ବଦାନ୍ୟ ଅନୁଷ୍ଠାନ କିମ୍ବା ବେସରକାରୀ ସଂସ୍ଥାକୁ ଦାନ କରାଯାଏ। ଇଟାଲୀରେ ପ୍ରତ୍ୟେକ ଖୁଚୁରା ବ୍ୟବସାୟୀ ଖାଦ୍ୟକୁ ଅନୁଦାନ ଆକାରରେ ବଣ୍ଟନ କଲେ କୌଣସି ଦଣ୍ଡ ପାଇବାରୁ ଛାଡ଼ ପାଇବେ ଓ ଟିକସ ରିହାତି ପାଇବେ। ଚାଇନାରେ ଅତ୍ୟଧିକ ଖାଦ୍ୟ ପ୍ରସ୍ତୁତ କରି ଆତିଥ୍ୟ ଦିଆଯିବା ଦୋଷାବହ ଓ ଏଥିନିମନ୍ତେ ଅର୍ଥଦଣ୍ଡ ପାଇଁ ଆଇନ ପ୍ରବର୍ତ୍ତନ କରାଯାଇଛି। ଏହି ଦେଶରେ ଖାଦ୍ୟ ଅପଚୟ ହ୍ରାସ ପାଇଁ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରାଯାଏ। ଦକ୍ଷିଣ କୋରିଆରେ ଖାଦ୍ୟକୁ ମାଟିରେ ପୋତିବାକୁ ନିଷେଧ କରାଯାଇ ଏଗୁଡ଼ିକ ପୁନଃ ବ୍ୟବହାର ବାଧ୍ୟତାମୂଳକ କରାଯାଏ। ସ୍ପେନରେ ଖାଦ୍ୟ ଶୃଙ୍ଖଳର ସମସ୍ତ ଅଂଶୀଦାର ଖାଦ୍ୟ ଅପଚୟ ହ୍ରାସ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ନିୟମ କରିଛନ୍ତି। ସିଙ୍ଗାପୁର ସରକାର ସବୁ ବଡ଼ବଡ଼ ମଲ୍ ଓ ହୋଟେଲ ଅନ୍ୟାନ୍ୟ ଅପଚୟଠାରୁ ଜୈବିକ ଖାଦ୍ୟ ଅପଚୟ ଅଲଗା କରିବା ପାଇଁ ବାଧ୍ୟ କରିଛନ୍ତି। ଯୁକ୍ତରାଷ୍ଟ୍ରର କେତେକ ରାଷ୍ଟ୍ର ଖାଦ୍ୟକୁ ନଷ୍ଟ କରି ଅନ୍ୟତ୍ର ପୋତିବାକୁ ବାରଣ କରିଛନ୍ତି। ମିଳିତ ଜାତିସଂଘ ଚିରନ୍ତନ ବିକାଶ ଲକ୍ଷ୍ୟ ୧୨.୩ରେ ଉଲ୍ଲେଖ କରିଛନ୍ତି ୨୦୩୦ ସୁଦ୍ଧା ଖାଦ୍ୟ ଅପଚୟକୁ ଅନ୍ତତଃ ୫୦% ହ୍ରାସ କରାଯିବା ଆବଶ୍ୟକ।

ଆମର ଅଭ୍ୟାସ ଓ ମାନସିକତାରେ ପରିବର୍ତ୍ତନ ଏବଂ ଖାଦ୍ୟର ମୂଲ୍ୟାୟନ ପ୍ରତି ସଚେତନ ମନୋଭାବ ସୃଷ୍ଟି ହେଲେ ଯାଇ ଏହି ସମସ୍ୟାର କେତେକ ସମାଧାନ ସମ୍ଭବ। ବିବାହ ବ୍ରତ ଉତ୍ସବରେ ଆମେ ଆବଶ୍ୟକତାଠାରୁ କିଛି ବି ଅଧିକ ଖାଦ୍ୟ ଆମ ପ୍ଲେଟରେ ରଖିବା ଉଚିତ ନୁହଁ। ପର୍ବ ପର୍ବାଣିରେ ଆମେ ସହରର ବିଭିନ୍ନ ଖାଦ୍ୟବ୍ୟାଙ୍କ କିମ୍ବା ଆହାର କେନ୍ଦ୍ରରେ କିଛି ଖାଦ୍ୟ ମହଜୁଦ କରି ରଖିଲେ ଗରିବମାନେ ଏହାକୁ ଖାଇ ପାରିବେ। ଖାଦ୍ୟଶସ୍ୟ ଅମଳ ପରେ ଖାଦ୍ୟକୁ ସାଇତି ରଖିବା ପାଇଁ ବହୁସଂଖ୍ୟାରେ ଶସ୍ୟଭଣ୍ଡାର ଓ ଶୀତଳ ଭଣ୍ଡାର ନିର୍ମାଣ କରି ଏଗୁଡ଼ିକ କାର୍ଯ୍ୟକ୍ଷମ କରିବା ଆବଶ୍ୟକ। ସାଇତା ଶସ୍ୟକୀଟ ନିୟନ୍ତ୍ରଣ ପାଇଁ ଗୋଦାମ ବିଶୋଧନ, ଶସ୍ୟ ସହିତ ନିମ୍ବ, ବେଗୁନିଆ ପତ୍ର, ପାଉଁଶ ଇତ୍ୟାଦି ମିଶ୍ରଣ ଅନୁମୋଦନ କରାଯାଏ। ଅତୀତରେ ସରକାର ଚାଷୀମାନଙ୍କୁ ଧାତବ ଡୋଲି ରିହାତି ହାରରେ ଯୋଗାଇ ଦେଉଥିଲେ। ଶସ୍ୟ ଭଣ୍ଡାରରେ ଲଙ୍କା ଓ ଇଡିବି ଧୂଆଁ ଦିଆଯାଉଥିଲା। ମୂଷାମାନେ ଘରେ, ଗୋଦାମ ଘରେ ଓ ଫସଲ କ୍ଷେତରେ ଶସ୍ୟ ନଷ୍ଟ କରୁଥିବାରୁ ଏମାନଙ୍କୁ ନିୟନ୍ତ୍ରଣ ପାଇଁ ଯନ୍ତା ଓ କିଛି ମୂଷାନାଶକ ବିଷ ପ୍ରୟୋଗ କରାଯାଉଥିଲା। କିନ୍ତୁ ପରିବେଶ ଦୃଷ୍ଟିକୋଣରୁ ଏହି ବିଷ ଆଉ ବ୍ୟବହାର କରାଯାଉନାହିଁ।

ଖାଦ୍ୟ ଅପଚୟ ନିରାକରଣ ପାଇଁ ଜନ ସଚେତନତା ଆବଶ୍ୟକ। ମନେରଖିବାକୁ ହେବ, ଗୋଟିଏ ଦାନା ସଞ୍ଚୟ କରିବା ଅର୍ଥ ଗୋଟିଏ ଦାନା ଉତ୍ପାଦନ କରିବା ସହ ସମାନ। ଖାଦ୍ୟାଭାବ ଦେଖାଯାଉଥିବା ଅଞ୍ଚଳରେ ଖାଦ୍ୟବ୍ୟାଙ୍କ, ଗୋଷ୍ଠୀ ପାକଶାଳା ସ୍ଥାପନ କରି ଅଭାବ ସମୟରେ ଖାଦ୍ୟକୁ ଗରିବ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇ ପାରିବ। ଖାଦ୍ୟଦ୍ରବ୍ୟ ବହୁଳ ଭାବରେ ଭାରତୀୟ ଖାଦ୍ୟ ନିଗମ ଶସ୍ୟ ଭଣ୍ଡାର, ଖାଦ୍ୟ ନିରାପତ୍ତା ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଇତ୍ୟାଦିରେ ବିନଷ୍ଟ ହୋଇଥାଏ। ଏଣୁ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରି ଗୋଦାମଗୁଡ଼ିକରେ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ ଦ୍ୱାରା ଖାଦ୍ୟ ସଂରକ୍ଷଣ କରିପାରିବେ।

ଖାଦ୍ୟ ପଦାର୍ଥ ବଜାରରୁ କିଣିଲା ବେଳେ ଯେତିକି ଦରକାର ସେତିକି କିଣିବା ଆବଶ୍ୟକ ଓ ଏଗୁଡ଼ିକୁ ଉପଯୁକ୍ତ ଭାବରେ ସାଇତି ରଖାଯିବା ଦରକାର। ଏଥିପାଇଁ ଫ୍ରିଜ୍, କପ୍ ବୋର୍ଡ, ଟିଣପାତ୍ର ଇତ୍ୟାଦି ବ୍ୟବହାର କରାଯାଏ। ପ୍ୟାକିଂ ଖାଦ୍ୟ ପଦାର୍ଥ ଖୋଳ ଉପରେ ଲେଖାଥିବା ଏକ୍ସପାରି ତାରିଖ ପୂର୍ବରୁ ଏଗୁଡ଼ିକୁ ବ୍ୟବହାର କରିବା ଉଚିତ୍। ରୋଷେଇ ପରେ ଯେଉଁ ଖାଦ୍ୟ ବଳିଲା, ତାହାକୁ ଫ୍ରିଜ୍ କିମ୍ବା ଅନ୍ୟତ୍ର ସାଇତି ରଖି ପରେ ବ୍ୟବହାର କରାଯାଇପାରେ। ଫଳ ଓ ପନିପରିବାକୁ ଆଚାର, ଜାମ୍, ଜେଲି, କେଚପ, ସସ, ଜୁସ ଆକାରରେ ସାଇତି ରଖାଯାଇପାରେ। ଆଜିକାଲି କେତେକ ଆପାର୍ଟମେଣ୍ଟ ବାହାରେ ବଳକା ଖାଦ୍ୟକୁ ସାଇତି ରଖିବା ପାଇଁ ବଡ଼ବଡ଼ ଫ୍ରିଜ ରଖାଯାଇଛି। ଏଥିରେ ସାଇତା ରହିଥିବା ଖାଦ୍ୟକୁ ଗରିବ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଇ ପାରିବ।

ଏତିକି କୁହାଯାଇପାରିବ ଯେ, ଭାରତରେ ବ୍ୟାପକ ଭାବରେ ଅପଚୟ ହେଉଥିବା ଖାଦ୍ୟଦ୍ରବ୍ୟ ଗୁଡ଼ିକର ଅର୍ଥନୈତିକ ଓ ପରିବେଶୀୟ ପ୍ରଭାବ ଦୃଷ୍ଟିରୁ ସଂରକ୍ଷଣ ପାଇଁ ବହୁବିଧ ଭାବରେ ସରକାରୀ, ବେସରକାରୀ ଓ ଗୋଷ୍ଠୀ କ୍ଷେତ୍ରରେ ଏକୀଭୂତ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ। ଆବଶ୍ୟକ ପଡ଼ିଲେ ହୋଟେଲ, ରେଷ୍ଟୁରାଣ୍ଟ, କଲ୍ୟାଣ ମଣ୍ଡପ ଇତ୍ୟାଦି ପାଇଁ ସତନ୍ତ୍ର ଆଇନ ପ୍ରଣୟନ କରି ଦଣ୍ଡବ୍ୟବସ୍ଥା କରାଯିବା ଆବଶ୍ୟକ।

ଭୁବନେଶ୍ୱର,
ମୋ: ୯୪୩୭୦୭୧୧୯୦

# ସାହିତ୍ୟ ସୃଷ୍ଟିରେ ପ୍ରକାଶନର ଭୂମିକା




ଶ୍ରୁତକୀର୍ତ୍ତି ତ୍ରିପାଠୀ

ପ୍ରକାଶନ; ଏହି ଶବ୍ଦ ହିଁ ସାହିତ୍ୟ ଜଗତର ନୂଆ ଦରଜା ଖୋଲି ପାଠକମାନଙ୍କୁ ପଠନ ପ୍ରତି ଆକର୍ଷିତ କରେ। ସ୍ରଷ୍ଟାଙ୍କର ରଚନାଗୁଡ଼ିକୁ ପାଠକ ପାଖରେ ପହଞ୍ଚାଇବାର ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ପ୍ରକାଶନ। ଏହା କେବଳ ଲେଖକ/ଲେଖିକାଙ୍କ ରଚନାକୁ ପ୍ରକାଶିତ କରେ ନାହିଁ, ବରଂ ପାଠକମାନଙ୍କୁ ଅନେକ ନୂଆ ଓ ଅଜଣା ରଚନା ସହ ପରିଚିତ କରେଇବାରେ ସାହାଯ୍ୟ କରେ। ଜ୍ଞାନ ବିତରଣ କରିବା ଏବଂ ଅଧ୍ୟୟନ କ୍ଷେତ୍ରକୁ ଅଧିକରୁ ଅଧିକ ଉତ୍ସାହିତ କରିବା ହେଉଛି ପ୍ରକାଶନର ମୂଳ ଉଦ୍ଦେଶ୍ୟ। ସତ ହେଉଛି, ଲେଖକ ଓ ପାଠକଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରେ ପ୍ରକାଶନ।

ଯଦି ଜଣେ ଲେଖୁଛି, ତା'ର ଲେଖକୀୟ କୃତି ନିଶ୍ଚିତ ଭାବରେ ପୁସ୍ତକ ଆକାରରେ ପ୍ରକାଶିତ ହେବା ଆବଶ୍ୟକ। ପୁସ୍ତକ ପ୍ରକାଶିତ ହେବା ଦ୍ୱାରା ଲେଖକ ଭିତରେ ଲୁକ୍କାୟିତ ବିଶିଷ୍ଟ ଜ୍ଞାନ ବା ବିଦ୍ୟା ପାଠକଙ୍କ ପାଇଁ ଉନ୍ମୋଚିତ ହୁଏ। ଗୋଟିଏ ପୁସ୍ତକ ଗୋଟିଏ ନିର୍ଦ୍ଦିଷ୍ଟ ପାଠକ ଶ୍ରେଣୀଙ୍କୁ ଲେଖକ ପ୍ରତି ଆକର୍ଷିତ କରିବାର ସାମର୍ଥ୍ୟ ରଖେ; ଯେଉଁମାନେ ଲେଖକର ଲିଖନ ଶୈଳୀ, ତା'ର ଦୃଷ୍ଟିକୋଣ, ଚିନ୍ତାଧାରା ଏବଂ ଶେଷରେ ଲେଖକ ବିଷୟରେ ଜାଣିବାର ରୁଚି ରଖନ୍ତି। ଲେଖକ ବା ସ୍ରଷ୍ଟାଟିଏ ନିଜ ପ୍ରକାଶିତ ପୁସ୍ତକରେ ନିଜର ମୁକ୍ତ ବିଚାର, ସମାଲୋଚନା, ବିଶ୍ଳେଷଣ, ତର୍ଜମାକୁ ସ୍ୱାଧୀନ ଭାବରେ ବିନା କୌଣସି ସଙ୍କୋଚରେ ପରିପ୍ରକାଶ କରିପାରେ। ନିଜେ ଜଣେ ବିଶେଷଜ୍ଞ ସାଜି ନିଜର ଅନ୍ତରଦୃଷ୍ଟିକୁ ପ୍ରଦର୍ଶିତ କରିବାର କ୍ଷମତା ରଖେ। କିଏ ଜାଣେ ଯେ ଲେଖକଟିଏର ଲିଖନ କଳା, ତା'ର ଗବେଷଣା, ତର୍ଜମା ଅନେକଙ୍କ ମନର କଥା ହୋଇ ପାଠକଙ୍କ ହୃଦୟକୁ ଛୁଇଁ ନ ଯିବ। ଏମିତି ବି ହୋଇପାରେ ସେମାନେ ଲେଖକର ବିଚାରଧାରା ଦ୍ୱାରା ପ୍ରେରିତ ହେବେ ଏବଂ ସେହି ଭାବନାକୁ କାର୍ଯ୍ୟରେ ପରିଣତ କରି ଦେଖାଇବେ। ସତ୍ୟତା ହେଉଛି ପ୍ରକାଶିତ ହେବା ପରେ ଲେଖକ/ଲେଖିକାଟିଏ ନିଜର ସ୍ୱତନ୍ତ୍ର ପରିଚୟ ପାଏ।

ପୁସ୍ତକଟିଏ ପ୍ରକାଶିତ ହେଲେ ଏହାର ସ୍ରଷ୍ଟା ଚାହେଁ ଯେ ଅଧିକରୁ ଅଧିକ ଲୋକ ତାଙ୍କ ବହି ପଢନ୍ତୁ। ଅଧିକରୁ ଅଧିକ ପାଠକ ପଢ଼ିଲେ ପୁସ୍ତକ ବିଷୟରେ 'ଭଲ' କିମ୍ବା 'ଭୁଲ୍' ମତାମତ ମାଧ୍ୟମରେ ପୁସ୍ତକ ଉପରେ ସମୀକ୍ଷା କରନ୍ତୁ। ପରବର୍ତ୍ତୀ ସମୟରେ ଲେଖକ ଚାହେଁ, ତା' ବହି ତା' ଅଞ୍ଚଳରୁ, ତା' ଜିଲାରୁ, ତା' ରାଜ୍ୟରୁ ବାହାରି ଅନ୍ୟ ରାଜ୍ୟ ବା ଦେଶର ପାଠକଙ୍କ ପାଖରେ ପହଞ୍ଚୁ। ସେ କ୍ଷେତ୍ରରେ ପ୍ରକାଶନ ସଂସ୍ଥାର ଅବଦାନ ଗୁରୁତ୍ୱ ବହନ କରେ। ବିଶ୍ୱାସ କରନ୍ତୁ, ଲେଖକଟିଏର କାମ ହେଲା ଲେଖିବା, ସେ ଯଦି ଏ ସବୁରେ ପଶିଲା, ଯେପରିକି ବହି କେମିତି ବାହାରକୁ ଯିବ, ବଜାରରେ ବିକ୍ରି କେମିତି ହେବ, ତା' ହେଲେ ତ ତା'ର ସର୍ଜନଶୀଳତା ବାଧାପ୍ରାପ୍ତ ହେବ ! ଏ କାମ କାହାର, ପ୍ରକାଶନ ସଂସ୍ଥାର। ସେମାନେ ଲେଖକର ମାର୍ଗଦର୍ଶକ ରୂପେ ଲେଖାକୁ ନିର୍ଭୁଲ ଭାବରେ ମୁଦ୍ରଣ କରିବେ, ସୁନ୍ଦର ପ୍ରଚ୍ଛଦ



ଦେଇ ବହିର ପ୍ରକାଶନର ଦାୟିତ୍ୱ ନେବେ। ପରବର୍ତ୍ତୀ ସମୟରେ କେମିତି ପୁସ୍ତକଟି ଅଧିକ ପାଠକଙ୍କ ପାଖକୁ ପହଞ୍ଚି ପାରିବ ସେଥିପାଇଁ ଯତ୍ନଶୀଳ ହେବେ। ଆଉ ଏହା ସମ୍ଭବ ହେବ ଗଣମାଧ୍ୟମରେ ବିଜ୍ଞାପନ, ସାମାଜିକ ଗଣମାଧ୍ୟମରେ ପ୍ରକାଶନ, ପୁସ୍ତକମେଳାରେ ପ୍ରଦର୍ଶନ ଏବଂ ଉପଯୁକ୍ତ ସମୀକ୍ଷା ଜରିଆରେ। ଏହାକୁ ସଫଳ କରିବା ପଛରେ ବଡ଼ ହାତ ରହିଥାଏ ଗୁଣୀ ଏବଂ ଦାୟିତ୍ୱବାନ୍ ପ୍ରକାଶକ, ତାଙ୍କ ସଂସ୍ଥାର ସହଯୋଗୀ ଏବଂ ସଦସ୍ୟମାନଙ୍କର।

ପ୍ରକାଶକମାନଙ୍କ ପାଖରେ ଉଦ୍ୟୋଗୀକରଣର ଅନୁଭବ ଥାଏ; ସେମାନେ ଜାଣନ୍ତି ପାଣ୍ଡୁଲିପିକୁ କିଭଳି ମୁଦ୍ରଣ କରାଯାଇ ବଜାର ଉପଲବ୍ଧ କରାଯିବ। ଲେଖକ ତ ଲେଖିବ, ମାତ୍ର ତାକୁ ଆକର୍ଷଣୀୟ ଢଙ୍ଗରେ ପରିବେଷଣ କରି ପାଠକଙ୍କ ପାଖକୁ ପହଞ୍ଚେଇବେ ପ୍ରକାଶକ। ଥରେ ପୁସ୍ତକ ପ୍ରକାଶିତ ହୋଇଗଲେ ତା'ର ବିତରଣ ଏବଂ ବିକ୍ରି ମଧ୍ୟ ଅତ୍ୟନ୍ତ ଜରୁରୀ। ଏବେ ତ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ପୁସ୍ତକର ପ୍ରଚାର, ପ୍ରସାର ସହ କ୍ରୟ ଓ ବିକ୍ରୟ ସମ୍ଭବ ହେଉଛି। ପୁସ୍ତକଗୁଡ଼ିକୁ ପୁସ୍ତକାଳୟ, ପାଠାଗାର, ପୁସ୍ତକମେଳା ଆଦି ସ୍ଥାନକୁ ପହଞ୍ଚେଇବା ଏବଂ ପାଠକଙ୍କ ଲୋକଲୋଚନକୁ ଆଣିବା ପ୍ରକାଶନ ସଂସ୍ଥାର ମିଳିତ କାର୍ଯ୍ୟ।

ସ୍ରଷ୍ଟାଟିଏ ଯେତେବେଳେ କୌଣସି ପ୍ରତିଷ୍ଠିତ ପ୍ରକାଶନ ଦ୍ୱାରା ପ୍ରକାଶିତ ହୁଏ, ତା' କାମକୁ ବିଶ୍ୱାସ କରାଯାଏ। ଅମୁକ ପ୍ରକାଶନୀ ସଂସ୍ଥା ତା'ର ବହି ପ୍ରକାଶ କରିଛି, ଅର୍ଥାତ୍ ଲେଖକ ନିଶ୍ଚୟ ଭଲ ଲେଖୁଥିବେ ଏବଂ ଏହା ହିଁ ପୁସ୍ତକକୁ ପାଠକ, ଆଲୋଚକ, ସମାଲୋଚକ, ସମୀକ୍ଷକଙ୍କ ପାଇଁ ଆକର୍ଷଣୀୟ କରେ। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ଭାବିତ ପୁରସ୍କାର ଚୟନ ପ୍ରଣାଳୀରେ ପୁସ୍ତକଟି କେଉଁ ପ୍ରକାଶନ ସଂସ୍ଥାର ତାହା ଦେଖାଯାଏ। ପ୍ରକାଶନ ସଂସ୍ଥା ପୁସ୍ତକର ଆଇନଗତ ଦିଗକୁ ସମ୍ଭାଳି ନିଅନ୍ତି, ଯାହା ଗୁରୁତ୍ୱପୂର୍ଣ୍ଣ। ପୁସ୍ତକର ରଚନା ସ୍ୱତ୍ୱଲିପି (କପିରାଇଟ୍ସ), ନଥିଭୁକ୍ତୀକରଣ (ରେଜିଷ୍ଟ୍ରେଶନ), ସରକାରୀ ଅନୁମତି ପତ୍ର ( ଲାଇସେନ୍ସ), ବିକ୍ରିକରଣ ନିୟମ (ସେଲିଂ ରୁଲ୍‌ସ) ଏବଂ ଆବଶ୍ୟକ ପରିସ୍ଥିତିରେ ସତର୍କତା ଅବଲମ୍ବନ ଆଦି ପ୍ରକାଶନ ସଂସ୍ଥାର ଦାୟିତ୍ୱ। ଏହାଦ୍ୱାରା ଲେଖକ ନିଶ୍ଚିନ୍ତ ହୋଇ ନିଜର ଗବେଷଣା ଏବଂ ଲିଖନ କାର୍ଯ୍ୟରେ ଧ୍ୟାନ କେନ୍ଦ୍ରିତ କରେ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସ୍ରଷ୍ଟାକୁ ପୁସ୍ତକ ପ୍ରକାଶନ ନିମିତ୍ତ ରାଜଭାଗ ପ୍ରଦାନ ବା ରୟାଲ୍‌ଟି ମନି ଯୋଗାଇବା। ସ୍ରଷ୍ଟାର ରଚନାତ୍ମକ ଲେଖନୀ ପାଇଁ ପାରିଶ୍ରମିକ ରୂପେ ଏହା ପ୍ରଦାନ କରାଯାଏ; ମାତ୍ର ସନ୍ଦେହ ହୁଏ ଯେ, ଓଡ଼ିଶାର କୌଣସି ପ୍ରକାଶନ ସଂସ୍ଥା ଲେଖକ / ଲେଖିକାଙ୍କୁ ଏହା ପ୍ରଦାନ କରୁଥିବେ। ଓଡ଼ିଶା ବାହାରେ ଏବଂ ବିଦେଶରେ ଲେଖକଙ୍କୁ ଲେଖିବା ପୂର୍ବରୁ ଅଗ୍ରିମ ରାଶି ଯୋଗାଇ ଦିଆଯାଇଥାଏ। କାରଣ ଏହାଦ୍ୱାରା ସେମାନଙ୍କୁ ଲେଖିବା ବେଳେ ଆର୍ଥିକ ସହାୟତା ମିଳିବା ସହିତ ସେ ଶହେ ପ୍ରତିଶତ ଇଚ୍ଛା ଏବଂ ଉତ୍ସାହ ପ୍ରୟୋଗ କରି ପୁସ୍ତକ ପାଇଁ ଲେଖିବା ସମ୍ଭବ ହୁଏ। ଆଗାମୀ ଦିନରେ ଆଶା କରାଯାଇପାରେ ଯେ ଓଡ଼ିଶାର ପ୍ରକାଶକ ଏବଂ ପ୍ରକାଶନ ସଂସ୍ଥା ଏ ଦିଗରେ ଧ୍ୟାନ ଦେବେ।

ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ଜଳ ପ୍ରଦୂଷଣ ଓ ସଙ୍କଟକୁ ଲକ୍ଷ୍ୟ କରି ତାହାର ସମାଧାନ ପାଇଁ ଆଗକୁ ବଢ଼ିଛନ୍ତି ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ରାମବାବୁ ତିୱାରୀ। ଏବେ ତାଙ୍କୁ ୩୦ ବର୍ଷ। ସେ ନିଜ ଗାଁ ଅଧୱାନର ଲୋକଙ୍କ ସହାୟତାରେ ପୋଖରୀ ପୁନରୁଦ୍ଧାର କରିବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ଅନେକ ପୋଖରୀରୁ ପଙ୍କ ବାହାର କରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ରାମବାବୁ ଏହି କାର୍ଯ୍ୟ ୧୭ ବର୍ଷ ବୟସରୁ ଆରମ୍ଭ କରିଥିଲେ। ସେ ସେତେବେଳେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ ଓ ବୁନ୍ଦେଲଖଣ୍ଡର ଜଳ ସଙ୍କଟ ଦୂର କରିବା ଲାଗି ନିଷ୍ପତ୍ତି ନେଇ ନିଜ ଗାଁ ପୋଖରୀ ପୁନରୁଦ୍ଧାରରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଏହା ତାଙ୍କ କ୍ୟାରିୟର ଓ ଜୀବନର ଗତିପଥରେ ମୁଖ୍ୟ ବିଷୟ ହୋଇଯିବ ବୋଲି ସେ କେବେ ବି କଳ୍ପନା କରି ନ ଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ମେ ୧୯୭୬

- ହିନ୍ଦୋଳ ପ୍ରଜାମଣ୍ଡଳ ଆନ୍ଦୋଳନର ବିଶିଷ୍ଟ ସଂଗ୍ରାମୀ ଶ୍ରୀ ଦୀନବନ୍ଧୁ ଆଚାର୍ଯ୍ୟଙ୍କ ପରଲୋକ।
- ରାଜ୍ୟରେ ବିକ୍ରି ଟିକସ ଆଇନ ପ୍ରଶାସନିକ ବ୍ୟବସ୍ଥାର ଉନ୍ନତି ଘଟାଇବା ଉଦ୍ଦେଶ୍ୟରେ ଓଡ଼ିଶା ବିକ୍ରି ଟିକସ ଆଇନ ଏବଂ ନିୟମାବଳିର ବ୍ୟାପକ ସଂଶୋଧନ କରାଯାଇଛି।

## ଚିରନ୍ତନୀ

ଆକାଶ ଧରଣୀର ରୂପର ସଉଦାରେ
ହୋଇଲି ସୁଷମାର ଗରାକ
କିଣିଲି ଯେଉଁ ରୂପ ବିଚାରେଁ ଆଜି ତାହା
ହେବକି କବିତାର ଖୋରାକ!
-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାନନ ବିହାର-୨ର ମୁଖ୍ୟରାସ୍ତା ସୁଧୁରିବ କେବେ

ମହାଶୟ,

ଭୁବନେଶ୍ୱରର ପଟିଆ ଅଞ୍ଚଳ ବର୍ତ୍ତମାନ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆପାର୍ଟମେଣ୍ଟ ଓ ଘରଦ୍ୱାର ଆଶାତୀତ ଭାବରେ ବୃଦ୍ଧି ପାଉଛି। ଜନବସତି ବଢ଼ି ଚାଲିଛି। ଏହାର ରାସ୍ତାଘାଟ ଛଅ ମାସ ଭଲ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରୁଗ୍ଣ। ଭଙ୍ଗାରୁଜା ଖାଲଢ଼ିପ ଅବସ୍ଥାରେ ପଡ଼ି ରହୁଛି। କାନନ ବିହାର-୨ ଲେନ୍ ୱାନ ରାସ୍ତା ବର୍ଷାଋତୁ ପୂର୍ବରୁ ଭାଙ୍ଗିବା ଆରମ୍ଭ ହୋଇଥିଲା। ବର୍ଷାରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ପାଣି ଗଡ଼ି ରାସ୍ତାକୁ ବେହାଲ କରିଦେଲା। କଂକ୍ରିଟ ରାସ୍ତା ଉପରେ ପଡ଼ିଥିବା ପିଚୁ ଖାଇଯାଇ ରାସ୍ତାସାରା ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ଆଶା ଥିଲା ବର୍ଷାଋତୁ ପରେ ବିଭାଗ ରାସ୍ତା ମରାମତି କରିବ ବୋଲି। ବର୍ଷାଗଲା, ଶୀତଗଲା ବର୍ତ୍ତମାନ ଗ୍ରୀଷ୍ମ ସରିବାକୁ ବସିଲାଣି। ପୁଣି ବର୍ଷା ଆସିବାକୁ ସଜବାଜ ହେଲାଣି। କିନ୍ତୁ ଅବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡୁଛି। କାନନ ବିହାର-୨ର ବରିଷ୍ଠ ନାଗରିକମାନେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଯଦି ନିର୍ବାଚିତ ଜନପ୍ରତିନିଧି ବା ସରକାରୀ ଅଧିକାରୀଙ୍କ ଏ ଅଞ୍ଚଳବାସୀ ଓ ଏରାସ୍ତା ବ୍ୟବହାରୀଙ୍କ ପ୍ରତି ସାମାନ୍ୟତମ ଦରଦଥାଏ; ତେବେ ଏହାର ଆଶୁ ପ୍ରତିକାର କଲେ ଜନସାଧାରଣ ଉପକୃତ ହୁଅନ୍ତେ।

-ଡ. ଶରତ ଚନ୍ଦ୍ର ପରିଡ଼ା, କାନନ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କରାଚୀ, ଲାହୋର ସାମରିକ ସ୍ଥଳକୁ ଟାର୍ଗେଟ୍ ହୋଇଥିଲା

ନୂଆଦିଲ୍ଲୀ,୧୨ା୫



ଏ.କେ. ଭାରତୀ

ପାକିସ୍ତାନୀ ସେନା ଆକ୍ରମଣର ଜବାବ ଦେବାକୁ ଯାଇ ଭାରତୀୟ ବାୟୁସେନା କରାଚୀ ଓ ଲାହୋରରେ ଥିବା ସାମରିକ ସ୍ଥଳକୁ ଟାର୍ଗେଟ୍ କରିଥିଲା। ଏକ ଗଣମାଧ୍ୟମ ସମ୍ମିଳନୀରେ ବାୟୁସେନାର ଅପରେଶନ୍ସ ଡିଜି ଏୟାର ମାର୍ଶାଲ ଏ.କେ. ଭାରତୀ ଏହି ସୂଚନା ଦେଇଛନ୍ତି। ପାକିସ୍ତାନର ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣର ଜବାବରେ ଏହାର କରାଚୀ ନିକଟସ୍ଥ ମାଲିର୍ କ୍ୟାଣ୍ଟନ୍‌ମେଣ୍ଟରେ ଥିବା ମିଶାଇଲ୍ ସାଇଟ୍‌କୁ ଟାର୍ଗେଟ୍ କରାଯାଇଥିଲା। ସେହିପରି ଲାହୋର ଏବଂ ପଞ୍ଜାବ ପ୍ରଦେଶର ଗୁଜ୍ରାନୱାଲାରେ ଥିବା ରାଡାର ସାଇଟ୍‌କୁ ବାୟୁସେନା ଟାର୍ଗେଟ୍ କରିଥିଲା ବୋଲି ଭାରତୀ କହିଛନ୍ତି। 'ଅପରେଶନ ସିନ୍ଦୂର' ବେଳେ ନୌସେନା ମଧ୍ୟ ଆରବ ସାଗରରେ ଆକ୍ରମଣ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିଥିଲା ଏବଂ ଏହାର ଟାର୍ଗେଟ୍‌ରେ କରାଚୀ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥିଲା ବୋଲି ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ କହିଥିଲେ। ଗତ ୭ ତାରିଖ ରାତି ୧ଟା ୫ ମିନିଟ୍‌ରୁ ୨୫ ମିନିଟ୍ ପାଇଁ ଅପରେଶନ ସିନ୍ଦୂର କରାଯାଇଥିଲା। ଏଥିରେ ପାକିସ୍ତାନର ୪ଟି ଏବଂ ପାକ୍ ଅଧିକୃତ କଶ୍ମୀରର ୫ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରାଯାଇଥିଲା। ଏହି ଆକ୍ରମଣରେ ଶତାଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ କେବଳ ଆତଙ୍କବାଦୀଙ୍କ ବିରୋଧରେ ଥିଲା, ପାକ୍ ସେନା ବିରୋଧରେ ନୁହେଁ। ତେବେ ପାକିସ୍ତାନୀ ସୁରକ୍ଷା ବଳ ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ଏଥିରେ ହସ୍ତକ୍ଷେପ କରିବାରୁ ଭାରତ କାର୍ଯ୍ୟାନୁଷ୍ଠାନ ବଢ଼ାଇବାକୁ ବାଧ୍ୟ ହୋଇଥିଲା ବୋଲି ଏୟାର ମାର୍ଶାଲ ଭାରତୀ କହିଛନ୍ତି।

## ସମସ୍ତ ସାମରିକ ଘାଟି, ସିଷ୍ଟମ୍ କାର୍ଯ୍ୟକ୍ଷମ ରହିଛି

ପାକିସ୍ତାନୀ ସେନାର ଆକ୍ରମଣ ସତ୍ତ୍ୱେ ଭାରତର ସମସ୍ତ ସାମରିକ ଘାଟି ଓ ସିଷ୍ଟମ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ଆବଶ୍ୟକ ପଡ଼ିଲେ ଯେକୌଣସି ପ୍ରକାର ମିଶନ ପାଇଁ ଏହା ପ୍ରସ୍ତୁତ ରହିଥିବା ଏୟାର ମାର୍ଶାଲ ଭାରତୀ କହିଛନ୍ତି। ଭାରତର ବିଭିନ୍ନ ସାମରିକ ସ୍ଥଳକୁ ଟାର୍ଗେଟ୍ କରିବା ପାଇଁ ପାକିସ୍ତାନୀ ସେନାର ଉଦ୍ୟମକୁ ଦେଶର ଏୟାର ଡିଫେନ୍ସ ସିଷ୍ଟମ୍ ସଫଳତାର ସହ ପ୍ରତିହତ କରିଥିଲା। ପାକ୍ ସେନାର ସବୁ ଆକ୍ରମଣକୁ ସମନ୍ୱିତ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସିଷ୍ଟମ ପ୍ରତିହତ କରିଥିଲା ବୋଲି ଭାରତୀ କହିଛନ୍ତି।

## କିରାନା ହିଲ୍ସ ଆଣବିକ କେନ୍ଦ୍ର ଆକ୍ରମଣକୁ ବାୟୁସେନାର ଖଣ୍ଡନ

ନୂଆଦିଲ୍ଲୀ,୧୨ା୫

ଭାରତୀୟ ସଶସ୍ତ୍ର ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସୀମାନ୍ତ ଅଞ୍ଚଳରେ ରହିଥିବା ସାମରିକ ଭିତ୍ତିଭୂମିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ପାକିସ୍ତାନର କିରାନା ହିଲ୍ସସ୍ଥିତ ଆଣବିକ କେନ୍ଦ୍ରକୁ ଟାର୍ଗେଟ୍ କରାଯାଇ ନ ଥିଲା ବୋଲି ବାୟୁସେନା ଅପରେଶନ ଡିଜି ଏୟାର ମାର୍ଶାଲ ଏ.କେ. ଭାରତୀ ସୋମବାର ସ୍ପଷ୍ଟ କରିଛନ୍ତି। ସୋମବାର ଏକ ଖବରଦାତା ସମ୍ମିଳନୀରେ ଏକ ପ୍ରଶ୍ନର ଉତ୍ତର ଦେଇ ଭାରତୀ କହିଛନ୍ତି, କିରାନା ହିଲ୍ସରେ ନ୍ୟୁକ୍ଲିୟର ଇନ୍‌ଷ୍ଟାଲମେଣ୍ଟ ରହିଥିବା ଜଣାଇଥିବାରୁ ଧନ୍ୟବାଦ। ଆମେ ଏ ସମ୍ପର୍କରେ ଜାଣି ନ ଥିଲୁ ଏବଂ ସେଠାରେ ଅକ୍ରମଣ କରିନାହୁଁ। ବାୟୁସେନା ସାରଗୋଧାସ୍ଥିତ ମୁଶାଫ୍ ଏୟାରବେସ୍‌କୁ ଆକ୍ରମଣ କରିଥିବାବେଳେ କିରାନା ହିଲ୍ସ ତଳେ ରହିଥିବା ଭୂତଳ ଅଣୁଅସ୍ତ୍ର ଭଣ୍ଡାର ସହ ଏହାର ସମ୍ପୃକ୍ତି ଥିବାରୁ ଏହାକୁ ଟାର୍ଗେଟ କରାଯାଇଥିବା ସୋସିଆଲ ମିଡିଆରେ ଦାବି କରାଯାଇଥିଲା। ସରଗୋଧା ଜିଲାରେ ଥିବା ବିଶାଳ ପର୍ବତଶ୍ରେଣୀ କିରାନା ହିଲ୍ସ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ରହିଛି। ରାବୱା ଏବଂ ସରଗୋଧା ସହର ମଧ୍ୟରେ ରହିଥିବା ଏହି ପର୍ବତ ଧୂସର ଦେଖାଯାଉଥିବାବେଳେ ଏହାକୁ ସ୍ଥାନୀୟ ଅଞ୍ଚଳରେ 'ବ୍ଲାକ୍ ମାଉଣ୍ଟେନ୍ସ' କୁହାଯାଇଥାଏ।

## ୩୨ ଏୟାରପୋର୍ଟରେ ବିମାନ ସେବା ଆରମ୍ଭ



ନୂଆଦିଲ୍ଲୀ, ୧୨ା୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ସୋମବାର ଦେଶର ୩୨ଟି ଏୟାରପୋର୍ଟର ବିମାନ ସେବାକୁ ପୁଣିଥରେ ଆରମ୍ଭ କରାଯାଇଛି। ପାକିସ୍ତାନ ସହ ଜାରି ରହିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦେଖି ଗତ ୭ରୁ ଏହି ବିମାନ ବନ୍ଦରଗୁଡ଼ିକୁ ସାମୟିକ ଭାବରେ ବନ୍ଦ କରାଯାଇଥିଲା। ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆ (ଏଏଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉତ୍ତର ଏବଂ ପଶ୍ଚିମ ଭାରତର ଏହି ୩୨ଟି ଏୟାରପୋର୍ଟରୁ ବିମାନ ଯାତ୍ରା ପାଇଁ ଯାତ୍ରୀମାନେ ସମ୍ପୃକ୍ତ ଏୟାରଲାଇନ୍ସଗୁଡ଼ିକଠାରୁ ସୂଚନା ନିଅନ୍ତୁ ବୋଲି ଏଏଆଇ କହିଛି।

# ନାଗରିକଙ୍କ ସୁରକ୍ଷାରେ ୧୦ ସାଟେଲାଇଟ୍ ନିୟୋଜିତ: ଇସ୍ରୋ ମୁଖ୍ୟ



ଇମ୍ଫାଲ,୧୨ା୫


ଦେଶର ନାଗରିକମାନଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ଲାଗି ୧୦ଟି ସାଟେଲାଇଟ୍ କ୍ରମାଗତ ଭାବେ କାର୍ଯ୍ୟ କରୁଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଅଧ୍ୟକ୍ଷ ଡ. ଭି. ନାରାୟଣନ କହିଛନ୍ତି। ମଣିପୁରର ଇମ୍ଫାଲସ୍ଥିତ କେନ୍ଦ୍ରୀୟ କୃଷିବିଶ୍ୱବିଦ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଇସ୍ରୋ ଅଧ୍ୟକ୍ଷ କହିଥିଲେ, ଭାରତ ଏକ ଉଜ୍ଜ୍ୱଳ ମହାକାଶ ଶକ୍ତିରେ ପରିଣତ ହୋଇଛି ଏବଂ ୨୦୪୦ ସୁଦ୍ଧା ଏହାର ପ୍ରଥମ ମହାକାଶ କେନ୍ଦ୍ର ସ୍ଥାପନ କରିବାକୁ ଯାଉଛି। ବର୍ତ୍ତମାନ ସୁଦ୍ଧା ୩୪ ଦେଶର ୪୩୩ଟି ସାଟେଲାଇଟ୍‌କୁ ଭାରତ ମହାକାଶକୁ ପଠାଇଛି। ନାଗରିକଙ୍କ ନିରାପତ୍ତା ପାଇଁ ରଣନୈତିକ ଉଦ୍ଦେଶ୍ୟରେ ୧୦ଟି ସାଟେଲାଇଟ୍ ଦିନରାତି କାମ କରୁଛି। ଦେଶର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ହେଲେ ଆମକୁ ସାଟେଲାଇଟ୍ ଜରିଆରେ କାମ କରିବାକୁ ହେବ। ଆମକୁ ୭,୦୦୦ କିଲୋମିଟର ସମୁଦ୍ରକୂଳ ଏବଂ ସମ୍ପୂର୍ଣ୍ଣ ଉତ୍ତର ଭାଗ ଉପରେ ନଜର ରଖିବାକୁ ହେବ। ସାଟେଲାଇଟ୍ ଏବଂ ଡ୍ରୋନ୍ ପ୍ରଯୁକ୍ତି ବିନା ଏହା ସମ୍ଭବ ନୁହେଁ ବୋଲି ନାରାୟଣନ କହିଛନ୍ତି। ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଉପରେ ଅଧ୍ୟୟନ ଏବଂ ଜଳବାୟୁ ପର୍ଯ୍ୟବେକ୍ଷଣ ନିମନ୍ତେ ଇସ୍ରୋ ଜି୨୦ ଦେଶଗୁଡ଼ିକ ପାଇଁ ସାଟେଲାଇଟ୍ ବିକଶିତ କରିଛି। ୧୯୭୫ରେ ଭାରତ ପ୍ରଥମ ସାଟେଲାଇଟ୍ ମହାକାଶକୁ ପଠାଇଥିଲା। ବର୍ତ୍ତମାନ ସୁଦ୍ଧା ଆମେ ବିଭିନ୍ନ ପ୍ରକାର ଓ ଭିନ୍ନ ସାମର୍ଥ୍ୟର ୧୩୧ଟି ସାଟେଲାଇଟ୍ ନିର୍ମାଣ କରିଛୁ ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି।



ସୀମାପାର ଶେଲ୍ ମାଡ଼ ଘଟଣା ପରେ ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସ୍ଥିତି ଅନୁଧ୍ୟାନ ପାଇଁ ସୋମବାର ପୁଞ୍ଚରେ ପହଞ୍ଚିଛନ୍ତି।

# ବିକ୍ରମ ମିସ୍ରିଙ୍କୁ ଟ୍ରୋଲିଂ: ଚାରିଆଡ଼ୁ ନିନ୍ଦା

ନୂଆଦିଲ୍ଲୀ, ୧୨ା୫ (ପି.ଟି.)



ଉଭୟ ଭାରତ ଏବଂ ପାକିସ୍ତାନ ଅସ୍ତ୍ରବିରତି ନେଇ ସହମତ ହୋଇଛନ୍ତି ବୋଲି ଶନିବାର ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଘୋଷଣା କରିଥିଲେ। ଏହାପରେ ତାଙ୍କୁ ଅନ୍‌ଲାଇନ ଟ୍ରୋଲିଂର ସାମ୍ନା କରିବାକୁ ପଡ଼ିଥିଲା। ଟ୍ରୋଲର୍ସମାନେ ମିସ୍ରିଙ୍କ ସମେତ ତାଙ୍କ ଝିଅ ଏବଂ ତାଙ୍କର ପୂରା ପରିବାରକୁ ଟାର୍ଗେଟ କରିଥିଲେ। ଏହି ଘଟଣା ପରେ ଦେଶର ଅନେକ ବରିଷ୍ଠ କୂଟନୀତିଜ୍ଞ ଏବଂ ରାଜନେତାମାନେ ମିସ୍ରିଙ୍କୁ ସମର୍ଥନ କରିବା ସହ ତାଙ୍କୁ କରାଯାଉଥିବା ଟ୍ରୋଲିଂକୁ ନିନ୍ଦା କରିଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ଡିପ୍ଲୋମାଟ, ଆଇଏଏସ୍ ଏବଂ ଆଇପିଏସ୍ ଆସୋସିଏଶନ ଅଫ୍ ଇଣ୍ଡିଆ ପରି ସଙ୍ଗଠନ ପକ୍ଷରୁ ମଧ୍ୟ ମିସ୍ରିଙ୍କୁ କରାଯାଉଥିବା ଏହି ଟ୍ରୋଲ୍‌କୁ ନିନ୍ଦା କରାଯାଇଛି। ପୂର୍ବତନ ବହିର୍ବ୍ୟାପାର ସଚିବ ନିରୁପମା ମେନନ୍ ରାଓ ମିସ୍ରି ଏବଂ ତାଙ୍କ ପରିବାରକୁ କରାଯାଉଥିବା ଟ୍ରୋଲିଂକୁ ଲଜ୍ଜାଜନକ କହିବା ସହ ଏହା ଶାଳୀନତାର ସମସ୍ତ ସୀମାକୁ ପାର୍ କରିଥିବା କହିଛନ୍ତି। ସେ ଏକ୍ସ'ରେ ଲେଖିଛନ୍ତି, ମିସ୍ରି ଜଣେ ଉତ୍ସର୍ଗୀକୃତ କୂଟନୀତିଜ୍ଞ, ଯିଏ ଦୃଢ଼ତାର ସହ ଅନେକ ବର୍ଷ ଧରି ଭାରତକୁ ନିଜର ସେବା ଦେଇ ଆସୁଛନ୍ତି। ତାଙ୍କୁ ସମାଲୋଚନା କରିବା ପାଇଁ କାହାର ଅଧିକାର ନାହିଁ। ଘଟଣାକୁ ନେଇ ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ) ପକ୍ଷରୁ ଏକ ବିବୃତି ଜାରିକରି କୁହାଯାଇଛି, ମିସ୍ରିଙ୍କ ପରିବାର ଓ ଖାସ୍‌କରି ତାଙ୍କ ଝିଅଙ୍କୁ ନେଇ ସୋସିଆଲ ମିଡିଆରେ କରାଯାଉଥିବା ଅଶ୍ଳୀଳ ପୋଷ୍ଟ ଓ ଟ୍ରୋଲିଂକୁ ଏନ୍‌ସିଡବ୍ଲ୍ୟୁ କଡ଼ା ଭାଷାରେ ନିନ୍ଦା କରୁଛି। ମିସ୍ରିଙ୍କ ଝିଅଙ୍କ ବ୍ୟକ୍ତିଗତ ତଥ୍ୟ ସୋସିଆଲ ମିଡିଆରେ ଶେୟାର କରିବା ଏକ ଦାୟିତ୍ୱହୀନ କାର୍ଯ୍ୟ। ଏହା ତାଙ୍କ ଗୋପନୀୟତାକୁ ଗୁରୁତର ଉଲ୍ଲଂଘନ କରୁଛି, ଯାହା ଆଗାମୀ ଦିନରେ ତାଙ୍କ ସୁରକ୍ଷାକୁ ବିପଦରେ ପକାଇବାର ସମ୍ଭାବନା ରହିଛି। ସୋମବାର ଅନେକ ରାଜନେତା ମଧ୍ୟ ମିସ୍ରିଙ୍କ ସମର୍ଥନରେ ବାହାରିଛନ୍ତି। ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱାଇସି କହିଛନ୍ତି, ମିସ୍ରି ଜଣେ ପରିଶ୍ରମୀ ଏବଂ ସଚ୍ଚୋଟ ଅଧିକାରୀ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ଘୋଷଣା କରିବା ପାଇଁ ତାଙ୍କୁ ଟ୍ରୋଲ୍ କରିବା ଅନୁଚିତ। ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଏକ୍ସ'ରେ ଲେଖିଛନ୍ତି, କୌଣସି ଅଧିକାରୀ ନିଷ୍ପତ୍ତି ନିଅନ୍ତି ନାହିଁ। ପାକିସ୍ତାନ ସହ ଅସ୍ତ୍ରବିରତିର ନିଷ୍ପତ୍ତି କେନ୍ଦ୍ର ସରକାରଙ୍କର ଥିଲା। ଏଥିପାଇଁ ମିସ୍ରିଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ତେବେ ମିସ୍ରିଙ୍କ ସମ୍ମାନହାନି କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କେନ୍ଦ୍ର ସରକାର କାହିଁକି ଚୁପ୍ ବସିଛନ୍ତି ବୋଲି ଅଖିଳେଶ ପ୍ରଶ୍ନ କରିଛନ୍ତି। ତେବେ ମିସ୍ରି ଏବଂ ତାଙ୍କ ପୂରା ପରିବାର ବିରୋଧରେ ଟ୍ରୋଲ୍ ବଢ଼ିବା ପରେ ସେ ତାଙ୍କ ଏକ୍ସ' ଆକାଉଣ୍ଟକୁ ପ୍ରାଇଭେଟ୍ କରିଦେଇଛନ୍ତି।

## ଯୁଦ୍ଧ ବଲିଉଡ୍ ସିନେମା ନୁହେଁ: ପୂର୍ବତନ ସେନାଧ୍ୟକ୍ଷ

ପୁଣେ,୧୨ା୫


ମନୋଜ ନରଭନେ

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦକୁ ନେଇ ଅନେକେ ପ୍ରଶ୍ନ ଉଠାଇଥିବାବେଳେ ଭାରତୀୟ ସେନାର ପୂର୍ବତନ ମୁଖ୍ୟ ଜେନେରାଲ ମନୋଜ ନରଭନେ ଏହାକୁ ସମାଲୋଚନା କରିଛନ୍ତି। ଯୁଦ୍ଧ କୌଣସି ପ୍ରେମସମ୍ପର୍କ କିମ୍ବା ବଲିଉଡ୍ ଚଳଚ୍ଚିତ୍ର ନୁହେଁ ବୋଲି ସେ କହିଛନ୍ତି। ପୁଣେରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଜେନେରାଲ ନରଭନେ କହିଛନ୍ତି, ଯଦି ନିର୍ଦ୍ଦେଶ ମିଳେ ତେବେ ସେ ଯୁଦ୍ଧକୁ ଯିବେ। କିନ୍ତୁ କୂଟନୀତି ତାଙ୍କର ପ୍ରଥମ ପସନ୍ଦ। ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିବା ପରେ ଉଭୟ ପକ୍ଷ ମଧ୍ୟରେ ୪ ଦିନ ଧରି ଜୋର୍‌ଦାର ଆକ୍ରମଣ ଜାରି ରହିଲା। ଶନିବାର ଉଭୟ ପକ୍ଷ ଅସ୍ତ୍ରବିରତି ପାଇଁ ସହମତ ହୋଇଥିଲେ। ଯଦି ଆପଣମାନେ ଯୁଦ୍ଧ ଖର୍ଚ୍ଚର ସଂଖ୍ୟାକୁ ବିଚାରକୁ ନେବେ, ତେବେ ବିପୁଳ କ୍ଷତି ହେବା ପୂର୍ବରୁ ବିଜ୍ଞ ବ୍ୟକ୍ତିମାନେ ଏହାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିବା ଅନୁଭବ କରିପାରିବେ ବୋଲି ନରଭନେ କହିଛନ୍ତି।

## ପହଲଗାମ୍ ଆକ୍ରମଣ ଉପରେ ସରକାରଙ୍କୁ ଜବାବ ମାଗିଲା କଂଗ୍ରେସ

ନୂଆଦିଲ୍ଲୀ,୧୨ା୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ ସୁରକ୍ଷାରେ ତ୍ରୁଟି ନିମନ୍ତେ କିଏ ଦାୟୀ, ସରକାର ଜବାବ ରଖିବାକୁ କଂଗ୍ରେସ ଦାବି କରିଛି। ଅପରାଧୀଙ୍କୁ ଗିରଫ କରାଯାଇଛି କିମ୍ବା ସେମାନେ ସୁରକ୍ଷା ବଳ କାର୍ଯ୍ୟାନୁଷ୍ଠାନରେ ନିହତ ହୋଇଛନ୍ତି, ତାହା ସରକାର ଜଣାନ୍ତୁ ବୋଲି ଏଆଇସିସି ମୁଖ୍ୟାଳୟରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ଭୂପେଶ ବଘେଲ କହିଛନ୍ତି। ଭାରତ ପାକିସ୍ତାନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପକୁ ଅନୁମତି ଦେବା ଲାଗି ଦେଶର ବୈଦେଶିକ ନୀତିରେ ପରିବର୍ତ୍ତନ ହୋଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି।



ଜମ୍ମୁ-କଶ୍ମୀରର ବାରାମୁଲାସ୍ଥିତ ଏକ ଆଶ୍ରୟସ୍ଥଳୀରେ ଥିବା ଲୋକମାନେ ସୋମବାର ନିଜ ନିଜ ଘରକୁ ଫେରୁଛନ୍ତି।



ଶ୍ରୀନଗରରେ ନିୟୋଜିତ ସୁରକ୍ଷା କର୍ମଚାରୀ।

## ପ୍ରତ୍ୟକ୍ଷ ଆଲୋଚନା କରନ୍ତୁ ଭାରତ-ପାକ୍

### ଆମେରିକାର ପ୍ରସ୍ତାବ

ୱାଶିଂଟନ, ୧୨ା୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଥିଲା। ସୋମବାର ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏବଂ ବ୍ରିଟେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡେଭିଡ୍ ଲେମି ଭାରତ ପାକିସ୍ତାନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏନେଇ ଆମେରିକା ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି, ଭାରତ ଓ ପାକିସ୍ତାନ ପରସ୍ପର ସହ ଅସ୍ତ୍ରବିରତିକୁ ବଜାୟ ରଖିବା ସହ ଯୋଗାଯୋଗ ଚ୍ୟାନେଲ ଖୋଲା ରହିବା ଉଚିତ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ହେବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଆମେରିକା ସମର୍ଥନ କରିବ ବୋଲି ଏହି ଅବସରରେ ମାର୍କୋ କହିଥିଲେ। ଦ୍ୱିପାକ୍ଷିକ ଆଲୋଚନାକୁ ସୁଦୃଢ଼ କରିବା ପାଇଁ ସେ ଉଭୟ ଭାରତ ଏବଂ ପାକିସ୍ତାନକୁ ଆହ୍ୱାନ କରିଛନ୍ତି।

# ଦିନକରେ ନିବେଶକ ଯୋଡ଼ିଲେ ୧୬ଲକ୍ଷ କୋଟି

ମୁମ୍ବାଇ,୧୨।୫

ଅନ୍ତରାଷ୍ଟ୍ରୀୟ ସମସ୍ୟା ଓ ଭୂ ରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ଷ୍ଟକ ମାର୍କେଟ୍‌ର କାରବାର ଏକ ବଡ ଧରଣର ବୃଦ୍ଧି ହାସଲ କରିଛି। ଗୋଟିଏ ପଟରେ ଭାରତ-ପାକ ଯୁଦ୍ଧର ବିରତି ଘୋଷଣା ଏବଂ ଅନ୍ୟ ପଟରେ ଶୋୟାର ବଜାରର ନିବେଶକମାନେ ଆଶାଆଶଙ୍କା ମଧ୍ୟରେ ନିବେଶ କରୁଥିବାବେଳେ ସୋମବାର ପୁଞ୍ଜି ବଜାରର ଫଳାଫଳ ଉଭୟ ଷ୍ଟକ ବଜାର ଓ ନିବେଶକମାନଙ୍କୁ ଖୁସି କରି ଦେଇଛି। ଏପରିକି ଦିନକ ମଧ୍ୟରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କାର ନିବେଶ ପୁଞ୍ଜି ବଜାରରେ ଯୋଗ କରିଛନ୍ତି। ପୂର୍ବ ଦିବସର କାରବାର ଶେଷ ଫଳାଫଳ ସୁଦ୍ଧା ବଜାର ପୁଞ୍ଜି ୪୧୬.୪୦ ଲକ୍ଷ କୋଟି ଥିଲାବେଳେ ସୋମବାର କାର୍ଯ୍ୟ



ଦିବସର ଫଳାଫଳ ଶେଷ ସୁଦ୍ଧା ନିବେଶକ ପୁଞ୍ଜି ବଜାରରେ ପ୍ରାୟ ୧୬ ଲକ୍ଷ କୋଟି ଯୋଡିବାରୁ ବଜାର ପୁଞ୍ଜି ୪୩୨.୫୫ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ପୁଞ୍ଜି ବଜାରରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର କାରବାର ଉତ୍ସାହଜନକ ରହିଥିଲାବେଳେ ସେନସେକ୍ସର କାରବାର ପ୍ରାୟ ୩୦୦୦ ପଏଣ୍ଟ ନିକଟବର୍ତ୍ତୀ ବୃଦ୍ଧି କରିଥିଲା। ସେହିଭଳି ନିଫ୍ଟି ୯୦୦ ପଏଣ୍ଟରୁ ଅଧିକ ବଢ଼ି ୨୪,୯୨୪.୭୦ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ନିଫ୍ଟି ମିଡକ୍ୟାପରେ ୪.୧୨% ବୃଦ୍ଧି ଘଟି ୫୫,୪୧୬.୦୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ସ୍ମଲକ୍ୟାପର କାରବାର ୪.୪୫% ବୃଦ୍ଧି ଘଟି ୮୦୮୦.୭୫ ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୩.୩୪% ବଢ଼ି ୫୫,୩୮୨.୮୫ ଅଙ୍କରେ ଏବଂ ନିଫ୍ଟି ଆଇଟି ୬.୭୦% ବୃଦ୍ଧି ଘଟି୩୮,୨୮୨.୫୫ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିପରି୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର ମିଡକ୍ୟାପ କାରବାରରେ ୩.୮% ଏବଂ ସ୍ମଲକ୍ୟାପ କାରବାରରେ ୪% ବୃଦ୍ଧି ଘଟିଥିଲା।

## ଶେୟାର ବଜାର କାରବାରରେ ଉତ୍ସାହ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୨୯୭୫ (୨୯୭୫.୪୩) ପଏଣ୍ଟ ବୃଦ୍ଧି ଘଟି ୮୨,୪୩୦ (୮୨,୪୨୯.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୯୧୭ (୯୧୬.୭୦) ପଏଣ୍ଟ ବଢ଼ି ୨୪,୯୨୫ (୨୪,୯୨୪.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ମେଟାଲ, ଆଇଟି, ଆଇରନ, ପାୱାର, ଶକ୍ତି ଭଳି ପ୍ରମୁଖ ନିବେଶକମାନେ ପ୍ରାୟ ୫%ର ନିବେଶ ବୃଦ୍ଧି କରିଛନ୍ତି।

# ଏଲ୍‌ଆଇସି କଟକ ମଣ୍ଡଳର ଭୂମିପୂଜନ ଉତ୍ସବ




ଭୁବନେଶ୍ୱର,୧୨।୫ (ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ ବା ଏଲ୍‌ଆଇସି କଟକ ମଣ୍ଡଳର ବହୁ ପ୍ରତୀକ୍ଷିତ ଭୂମିପୂଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏପରିକି କଟକରେ ଏଲ୍‌ଆଇସିର ନୂତନ ଗୃହ ନିର୍ମାଣ ପ୍ରକଳ୍ପ (ସେକ୍ଟର-୧ ରେ ଇନଭେଷ୍ଟମେଣ୍ଟ ବିଲଡିଂ) ଏବଂ (ସେକ୍ଟର ୧୩ରେ ପଲିସି ହୋଲଡର ହାଉସିଂ ସ୍କିମ୍) ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ ସହ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଲଆଇସିର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ବି.ବି. ଯାଦବ, ପୂର୍ବ ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, ଅତିରିକ୍ତ କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ପି.କେ.ଜେ.ଡୁଙ୍ଗଡୁଙ୍ଗ, ପୂର୍ବ ମଧ୍ୟ କ୍ଷେତ୍ରର ଆଞ୍ଚଳିକ ପ୍ରବନ୍ଧକ (ବିକ୍ରୟ) ମନୋଜ କୁମାର ପଣ୍ଡା ଏବଂ ଏଲ୍‌ଆଇସି କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାରଙ୍କ ସମେତ ଏଲଆଇସି ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ୟାମଳ କାନ୍ତୀ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବେଦାନ୍ତର ସୌର ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୫

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ସୌର ଆଲୋକୀକରଣ ପ୍ରକଳ୍ପ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଝାରପାଲମ, ମୁଣ୍ଡେଲଖେତ, ଗରଞ୍ଜୋର, କୁରାଲୋଇ, ବଞ୍ଜାରୀ, ଲଖନପୁର, ବେଲପାହାଡ଼ି ଗ୍ରାମପଞ୍ଚାୟତ ଅଞ୍ଚଳରେ ୩୨୧ ସୌରଶକ୍ତି ଚାଳିତ ଷ୍ଟ୍ରିଟ ଲାଇଟ ସ୍ଥାପନ କରାଯାଇଛି। ଏହି ସବୁଜ ପଦକ୍ଷେପ ଜରିଆରେ ୧୦,୦୦୦ରୁ ଅଧିକ ବାସିନ୍ଦାଙ୍କୁ ପରିବେଶ ଅନୁକୂଳ ଆଲୋକ ପ୍ରଦାନ କରିବା ସହିତ ବାର୍ଷିକ ପ୍ରାୟ ୨୨ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ଯୋଗଦାନ କରିବ। ସେହିଭଳି ସ୍ଥାନୀୟ ବଜାର, ଗ୍ରାମର ପ୍ରବେଶ ପଥ, ବସ୍ ଷ୍ଟାଣ୍ଡ, ଗୋଷ୍ଠୀ କେନ୍ଦ୍ର, ବିଦ୍ୟାଳୟ ଏବଂ ମୁଖ୍ୟ ରାସ୍ତା ଭଳି ସ୍ଥାନରେ ଲାଗିଥିବା ସୌର ଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ କେବଳ ରାତ୍ରିକାଳୀନ ଦୃଶ୍ୟମାନତା ବୃଦ୍ଧି କରିବ ନାହିଁ, ବରଂ ଏହି ଅଞ୍ଚଳରେ ଯାତାୟାତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଉନ୍ନତ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରିବ, ଯାହା ସ୍ଥାନୀୟ ଗୋଷ୍ଠୀର ସାମଗ୍ରିକ ଜୀବନଧାରଣ ମାନରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ, ସେଠାରେ ସ୍ଥାୟୀ ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ସୌର ଆଲୋକୀକରଣ ପ୍ରକଳ୍ପ ଭିତ୍ତିଭୂମି ସହାୟତା ମାଧ୍ୟମରେ ବଞ୍ଚିତ ଶ୍ରେଣୀର ଆବଶ୍ୟକତାକୁ ପୂରଣ କରିବା ଉପରେ ଆମର ଧ୍ୟାନକୁ ପ୍ରତିଫଳିତ କରିଥାଏ। ଏହି ଆଲୋକଗୁଡ଼ିକ କେବଳ ଉପରୋକ୍ତ ଗ୍ରାମଗୁଡ଼ିକୁ ଆଲୋକିତ କରୁ ନାହିଁ ବରଂ ସ୍ଥାନୀୟ ବ୍ୟବସାୟକୁ ସଶକ୍ତ କରିବା ସହିତ ଗମନାଗମନରେ ମଧ୍ୟ ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ବୃଦ୍ଧି କରି ସାମାଜିକ-ଅର୍ଥନୈତିକ ପ୍ରଗତିର ପଥକୁ ଅଧିକ ଆଲୋକିତ କରୁଛି। ସୁନ୍ଦରଗଡ ଜିଲା ହେମଗିରି ବ୍ଲକ ଅନ୍ତର୍ଗତ ମୁଣ୍ଡରଖେତ ପଞ୍ଚାୟତର ସରପଞ୍ଚ ସନ୍ନ୍ୟାସୀ ବାଗ କହିଛନ୍ତି, ବେଦାନ୍ତର ଏଭଳି ପଦକ୍ଷେପ କେବଳ ଆମ ଗ୍ରାମଗୁଡ଼ିକୁ ଆଲୋକିତ କରି ନାହିଁ ବରଂ ଆମ ସମସ୍ତଙ୍କୁ ସୁରକ୍ଷିତ ମଧ୍ୟ କରିଛି।

# ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଆଉଟଲେଟ୍

ଭୁବନେଶ୍ୱର,୧୨।୫

ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଆଉଟଲେଟ ସୋମବାର ଝାରସୁଗୁଡ଼ାର ବେହେରାମାଲ ରୋଡ୍ ରାଧାମାଧବ ମନ୍ଦିର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଡାଇରେକ୍ଟର ରାଜେଶ କୁମାର ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୁପ୍ତା ପରିବାର ସଦସ୍ୟଙ୍କ ସମେତ ଶୋ'ରୁମ୍ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହି ଉଦଘାଟନୀ ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ମେଗା ସେଲ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏ ସମ୍ପର୍କରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଡାଇରେକ୍ଟର ରାଜେଶ ଗୁପ୍ତା କହିଛନ୍ତି, ଝାରସୁଗୁଡାରେ ଏହି ମେଗା ଶୋରୁମ୍‌କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ଅଞ୍ଚଳରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଉପସ୍ଥିତି ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ



ହେବ। ଗ୍ରାହକମାନେ ଏହି ଆକର୍ଷଣୀୟ ଅଫରଗୁଡିକୁ ଆଗ୍ରହର ସହିତ ଗ୍ରହଣ କରିବେ, କାରଣ ଆଜିର ଡିଜିଟାଲ ଯୁଗରେ ଗ୍ରାହକ ସର୍ବଦା ଚାହେଁ କମ୍ ଦାମ ଏବଂ ସର୍ବନିମ୍ନ ମୂଲ୍ୟଯୁକ୍ତ ସହଜ କିସ୍ତିରେ ନିଜର ପ୍ରଡକ୍ଟ କିଣିବା, ଯାହାକୁ ବଜାଜ ଫାଇନାନ୍ସ, ଆଇଡିଏଫସି, ଏଚଡିଏଫସି ଏବଂ ଏଚଡିବି ଭଳି ଫାଇନାନ୍ସର ମାନେ ସହଜ କର ଦେଇଛନ୍ତି। ସହଜରେ ଋଣ କରାଇବା ସହିତ କ୍ରେଡିଟ୍ କାର୍ଡ ମାଧ୍ୟମରେ ଆକର୍ଷଣୀୟ କ୍ୟାଶବ୍ୟାକ ଅଫର ଆଦି ଗ୍ରାହକମାନଙ୍କ ପାଇଁ ବର୍ତ୍ତମାନ ବିଶେଷ ସୁଯୋଗ ଆଣିଦେଇଛି, ବିନା ସୁଧରେ ସହଜ ଏବଂ କମ୍ ମୂଲ୍ୟର କିସ୍ତି ସହିତ ୨ଟା କିସ୍ତି ପର୍ଯ୍ୟନ୍ତ ଫ୍ରି ଅଫର ପ୍ରଦାନ କରାଯାଉଛି। ଏତଦ୍ ବ୍ୟତୀତ ସର୍ବନିମ୍ନ ମୂଲ୍ୟରେ ୫ବର୍ଷର ଅତିରିକ୍ତ ୱାରେଣ୍ଟି ଆମ ନିଜସ୍ୱ କମ୍ପାନୀ ପକ୍ଷରୁ ଦିଆଯାଇଛି।

# ଟ୍ରୁକଲର ପ୍ଲାଟଫର୍ମରେ ନୂତନ ଫିଚର

ଭୁବନେଶ୍ୱର,୧୨।୫

ବିଶ୍ୱ ଯୋଗାଯୋଗ ପ୍ଲାଟଫର୍ମ ଟ୍ରୁକଲରରେ ଏକ ନୂତନ ଫିଚରର ଶୁଭାରମ୍ଭ କରାଯାଇଛି। ଏପରିକି ପ୍ଲାଟଫର୍ମ ଏଆଇ-ଚାଳିତ ମେସେଜ୍ ଆଇଡି ଭଳି ଏକ ଯୁଗାନ୍ତକାରୀ ସମାଧାନ ନେଇ ଆସିଛି, ଯାହାକି ବର୍ତ୍ତମାନ ଭାରତ ଏବଂ ଅନ୍ୟ ୩୦ଟି ଦେଶରେ ଆରମ୍ଭ ହୋଇଛି। ଉନ୍ନତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ (ଏଲ୍‌ଏଲ୍‌ଏମ୍) ବ୍ୟବହାର କରି ଏହି ନୂତନ ଫିଚର ଗ୍ରାହକଙ୍କ ଡିଭାଇସରେ ଉପଭୋକ୍ତାଙ୍କର ଏସ୍‌ଏମ୍‌ଏସ ଇନବକ୍ସକୁ ସ୍କାନ କରି (ହଁ, ଆପଣଙ୍କର ଡାଟା ବ୍ୟକ୍ତିଗତ ରହିଥାଏ) ଏବଂ ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ମେସେଜ ଗୁଡ଼ିକୁ ଚିହ୍ନଟ କରିଥାଏ। ବ୍ୟାଙ୍କ ଆଲର୍ଟ ଏବଂ ଓଟିପିଠାରୁ ଡେଲିଭରି ଅପଡେଟ୍, ଫ୍ଲାଇଟ୍ ଆଟିନେରାରୀ ଏବଂ ପେମେଣ୍ଟ ରିମାଇଣ୍ଡର୍ ପର୍ଯ୍ୟନ୍ତ-ମେସେଜ୍ ଆଇଡିଗୁଡ଼ିକ ଶବ୍ଦରେ ସିଗନାଲଗୁଡ଼ିକୁ ଧରିଥାଏ। ଏହା ମୁଖ୍ୟ ବିବରଣୀଗୁଡ଼ିକୁ ସଂକ୍ଷେପ କରିଥାନ୍ତି, ଗୁରୁତ୍ୱପୂର୍ଣ୍ଣଗୁଡ଼ିକୁ ହାଇଲାଇଟ୍ ଏବଂ ଆପଣଙ୍କୁ ଶୀଘ୍ର ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ। ଏ ସମ୍ପର୍କରେ ଟ୍ରୁକଲରର ଇନସାଇଟ୍ସ, ପ୍ରଡକ୍ଟ ଡାଇରେକ୍ଟର ଜନ୍ ଜୋସେଫ କହିଛନ୍ତି, 'ପ୍ରିମିୟମ୍ ଏବଂ ଅଣ-ପ୍ରିମିୟମ୍ ଉପଭୋକ୍ତାଙ୍କ ପାଇଁ ମେସେଜ୍ ଆଇଡିରେ ଏଆଇ ର ସମନ୍ୱୟ ସହିତ ଆମେ ଲୋକମାନଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଏସଏମଏସ ମେସେଜ୍ ପରିଚାଳନା କରିବା ପାଇଁ ଏକ ସ୍ମାର୍ଟ, ଅଧିକ ସୁରକ୍ଷିତ ଉପାୟ ପ୍ରଦାନ କରୁଛୁ। ଆମର ଲକ୍ଷ୍ୟ ହେଉଛି ଯୋଗାଯୋଗକୁ ଅଧିକ ସୁରକ୍ଷିତ ଓ ଦକ୍ଷ କରିବା ଏବଂ ଏହି ନବସୃଜନ ଯାତ୍ରାର ପରବର୍ତ୍ତୀ ପଦକ୍ଷେପକୁ ପ୍ରତିନିଧିତ୍ୱ କରିଥାଏ।

## ଅପରାଧ

**ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ଘଟଣା**

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ, ବନ୍ଧୁକ ଜବତ

ଭୁବନେଶ୍ୱର,୧୨।୫ (ସତ୍ୟଜିତ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସ୍‌ମସ୍ ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ଘଟଣାକୁ ନେଇ କମିଶନରେଟ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ଗୁଳି ମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆଉ ୨ଜଣଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ସୋମବାର ଗିରଫ କରିଛି। ଗିରଫଦ୍ୱୟ ହେଲେ ଧଉଳି ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ରହୁଥିବା ନୟାପଲ୍ଲୀ ବେହେରା ସାହିର ଦଧିବାମନ ଜେନା ଓରଫ ଦଧି(୨୪) ଓ ସୁନ୍ଦରପଦା କପିଳପ୍ରସାଦ ଗାଁର କୃଷ୍ଣଚନ୍ଦ୍ର ବାରିକ ଓରଫ କାହ୍ନା(୨୫)। ମୁଖ୍ୟ ଅଭିଯୁକ୍ତ ଦଧିଙ୍କଠାରୁ ଅପରାଧରେ ବ୍ୟବହୃତ ବନ୍ଧୁକ (୭.୫୬ ଏମ୍‌ଏମ୍ ମାଉଜର) ଜବତ ହୋଇଛି। ଉଭୟଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦଧିଙ୍କ ନାଁରେ ଭରତପୁର ଓ ନୟାପଲ୍ଲୀ ଥାନା ଅଞ୍ଚଳରେ ଗୋଟିଏ ଲେଖାଏ ମାମଲା ଏବଂ କାହ୍ନାଙ୍କ ନାଁରେ ସୁନ୍ଦରଗଡ଼ ଜିଲାର କୋଇଡା ଥାନା, ଭୁବନେଶ୍ୱରର





ଗିରଫ ୨ ଅଭିଯୁକ୍ତ ଓ ଜବତ ବନ୍ଧୁକ।

**ପୂର୍ବରୁ ଗିରଫ ହୋଇଛନ୍ତି ୧୧**

ଏୟାରପୋର୍ଟ, ବଡ଼ଗଡ଼ ଓ ଏୟାରଫିଲ୍ଡ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ପୂର୍ବରୁ ଅର୍ଥାତ୍ ଗତ ରବିବାର ଏହି ମାମଲାରେ ସମ୍ପୃକ୍ତ ୧୧ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସମସ୍ତେ ଜେଲରେ ଅଛନ୍ତି। ଏବେ ଆଉ ୨ ଗିରଫ ହେବା ପରେ ଏହି ସଂଖ୍ୟା ୧୩ରେ ପହଞ୍ଚିଛି। ତେବେ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଅଭିଯୁକ୍ତମାନେ କସ୍‌ମସ୍ ବାରକୁ ଆସି ବିଳମ୍ବିତ ସମୟ ପର୍ଯ୍ୟନ୍ତ ରହିଥିଲେ। ରାତି ପ୍ରାୟ ୧ଟା ୩୦ରୁ ୨ଟା ଭିତରେ ବାର୍ ବନ୍ଦ ହେବ ବୋଲି କହି ବାଉନ୍ସର ସୂର୍ଯ୍ୟକାନ୍ତ ପ୍ରଧାନ ଅଭିଯୁକ୍ତମାନଙ୍କୁ ଚାଲିଯିବାକୁ କହିଥିଲେ। ଫଳରେ ସୂର୍ଯ୍ୟକାନ୍ତଙ୍କ ସହ ସେମାନଙ୍କର ଝଗଡ଼ା ହୋଇଥିଲା। ଏହି ସମୟରେ ଅଭିଯୁକ୍ତମାନେ ବାହାରକୁ ଆସି ବାର୍ ଉପରକୁ ପଥର ମାଡ଼ କରିଥିଲେ। ଏଥିସହ ସୂର୍ଯ୍ୟକାନ୍ତଙ୍କୁ ଆକ୍ରମଣ ପାଇଁ ଛକି ରହିଥିଲେ। ଭୋର ପ୍ରାୟ ୪ଟାରେ ସୂର୍ଯ୍ୟକାନ୍ତ ବାର୍‌ରୁ ବାହାରକୁ ଆସିବା ପରେ ସହଯୋଗୀଙ୍କ ସହ ଛକି ରହିଥିବା ମୁଖ୍ୟ ଅଭିଯୁକ୍ତ ଦଧି ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ।

# ୭ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର: ଫେରିବାଲା ଗିରଫ

ପିପିଲି,୧୨।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୭ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ବୃଦ୍ଧ ବଳାତ୍କାର କରିଥିବା ଜଣାପଡ଼ିଛି। ଶିଶୁକନ୍ୟାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପିପିଲି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମେଦିନିପୁରର ଏସ୍. କେ. ବେରିଲ୍। ସେ ବହୁଦିନ ହେବ ପିପିଲିରେ ରହି ଫେରି ବ୍ୟବସାୟ କରନ୍ତି।

ପିପିଲି ଏନ୍‌ଏସି ଅଞ୍ଚଳରେ ଜନୈକା ଶିଶୁକନ୍ୟାଙ୍କୁ ଫେରିବାଲା ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଛି। ଏନେଇ ପୋଲିସ କେସ୍ ନଂ. ୨୯୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଶିଶୁକନ୍ୟାଙ୍କ ସହିତ ବଳାତ୍କାର କରାଯାଇଥିବାବେଳେ ସୋମବାର ସେ ଖେଳିବା ସମୟରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ପରେ ଘଟଣା ସାମ୍ନାକୁ ଆସିଥିଲା। ମେଦିନିପୁରର ଫେରିବାଲା ଏଭଳି କାଣ୍ଡ ଭିଆଇଥିବା ପୀଡ଼ିତା କହିବା ପରେ ଅଭିଯୁକ୍ତଙ୍କୁ ଲୋକେ ଧରି ପ୍ରବଳ ମାଡ଼ ମାରିଥିଲେ। ଖବରପାଇ ପିପିଲି ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପିପିଲିରେ ବିଭିନ୍ନ ପ୍ରକାର ଲୋକ ଫେରି ନାମରେ ଛୋଟବଡ଼ ଅପରାଧରେ ଲିପ୍ତ ରହୁଛନ୍ତି ବୋଲି ସଂଗଠିତ ହିନ୍ଦୁର ସଂଯୋଜକ ପ୍ରଦୀପ୍ତ କୁମାର ବେହେରା ଅଭିଯୋଗ କରିଛନ୍ତି।

# ୨ ହାତୀଦାନ୍ତ ଜବତ,୩ ଗିରଫ

ବଣାଇଁ,୧୨।୫(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡର ସୋଲ ରେଞ୍ଜ୍ ଅଧୀନ କୁଞ୍ଜାର ଗ୍ରାମରେ ସୋମବାର ହାତୀ ଦାନ୍ତ ବିକ୍ରି ପାଇଁ ମୂଲଚାଲ ହେଉଥିବା ବେଳେ ବନ ବିଭାଗ ଚଢ଼ାଉ କରି ୩ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଥୋମାସ ଟେଟେ, କୁଅଁର ବିଲୁଙ୍ଗ, ଶତ୍ରୁଘ୍ନ ନାୟକ। ସେମାନଙ୍କ ନିକଟରୁ ୨ଟି ହାତୀ ଦାନ୍ତ ଓ ବାଇକ୍ ଜବତ କରାଯାଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଜବତ ହାତୀଦାନ୍ତର ଓଜନ ଯଥାକ୍ରମେ ୬ ଶହ ଗ୍ରାମ୍ ଓ ୫ ଶହ ୪୦ ଗ୍ରାମ୍ ବୋଲି ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ଲଳିତ ପାତ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଦୀର୍ଘଦିନରୁ ଥୋମାସ ଏବଂ କୁଅଁର ଘରେ ହାତୀ ଦାନ୍ତ ଲୁଚାଇ



ଜବତ ହୋଇଥିବା ୨ଟି ହାତୀ ଦାନ୍ତ।



ଗିରଫ ୩ ଅଭିଯୁକ୍ତ।

ରଖିଥିଲେ। ଏ ସମ୍ପର୍କରେ ଖବର ପାଇ ବଣାଇଁ ବନ ବିଭାଗ ତଦନ୍ତ ଚଳାଇଥିଲା। ବିଭାଗୀୟ କର୍ମଚାରୀ ଗ୍ରାହକ ସାଜି ହାତୀ ଦାନ୍ତ କିଣିବାକୁ ମୂଲଚାଲ କରିବା ବାହାନାରେ ଚଢ଼ାଉ କରି ତିନିଜଣ ବେପାରୀଙ୍କୁ ଗିରଫ କରିଥିଲା। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବଣାଇଁ ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଶୋଇଙ୍କ ନେତୃତ୍ୱାଧୀନ ଏକ ଟିମ୍ ଏହି ଅପରେଶନ କରିଥିଲା। ଏହି ଘଟଣାର ସମସ୍ତ ଶ୍ରେୟ ନେତୃତ୍ୱ ନେଇଥିବା ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଶୋଇ ଓ ଜରଡା ତଥା ସୋଲ ରେଞ୍ଜ୍ ଷ୍ଟାଫ୍‌ଙ୍କୁ ଡିଏଫ୍‌ଓ ପାତ୍ର ଦେଇଛନ୍ତି।

**ଜାଲ୍ ନୋଟ୍ କାରବାର**

# ମାଷ୍ଟରମାଇଣ୍ଡ ଯାଜପୁରରୁ ଗିରଫ

ଭଦ୍ରକ, ୧୨।୫(ସନାତନ ରାଉତ)


- ଘରେ ମେଶିନ ରଖି ଛାପୁଥିଲେ
- ୨.୭୨ ଲକ୍ଷ ଟଙ୍କା ଜବତ

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଜାଲ୍ ନୋଟ୍ କାରବାର ଅଭିଯୋଗରେ ଜଣେ ଯୁବକଙ୍କୁ ରବିବାର ଗିରଫ କରିଥିବାବେଳେ ରାତିରେ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡଙ୍କୁ ଯାଜପୁର ଜିଲାରୁ ଧରିଛି। ସେ ହେଲେ ଦଶରଥପୁର ଥାନା ଅଧୀନ ଛଞ୍ଚଣା ଗ୍ରାମର ଚନ୍ଦ୍ରମଣି ବଳ(୩୮)। ତାଙ୍କୁ ଗିରଫ କରାଯିବା ସହ ତାଙ୍କ ଘରୁ ୨ଲକ୍ଷ ୭୨ହଜାର ୮ଶହ ଟଙ୍କାର ନକଲି ନୋଟ୍ ଜବତ କରାଯାଇଥିବା ସୋମବାର ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ସୂଚନା ଦେଇଛନ୍ତି।

ମଧ୍ୟାହ୍ନରେ ପୁରୁଣାବଜାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଇ କହିଛନ୍ତି, ଶନିବାର ଗ୍ରାମାଞ୍ଚଳ ଥାନା ଅଧୀନ ଆନନ୍ଦବଜାରର ଏକ ଷ୍ଟେଶନେରି ଦୋକାନରେ ଜଣେ ଯୁବକ



ଗିରଫ ମାଷ୍ଟରମାଇଣ୍ଡ ଚନ୍ଦ୍ରମଣି ବଳ।



ଜବତ ହୋଇଥିବା ନକଲି ନୋଟ୍।

କିଛି ସାମଗ୍ରୀ କିଣି ଏକ ୨୦୦ ଟଙ୍କିଆ ନୋଟ୍ ଦେଇଥିଲେ। ପରେ ଖୁଚୁରା କରିବା ପାଇଁ ଆଉ ଏକ ୨୦୦ ଟଙ୍କିଆ ନୋଟ୍ ଦେଇଥିବା ବେଳେ ନୋଟ୍ ଜାଲ୍ ଥିବା ଜାଣିପାରି ଦୋକାନୀ ଉକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ସେହି ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ତାଙ୍କ ପାଖରୁ ୭, ୧୦୦ ଟଙ୍କାର ଜାଲ୍ ନୋଟ୍ ବାହାରିଥିଲା। ଏନେଇ ସବ୍‌ଇନ୍ସପେକ୍ଟର ରମ୍ୟରଞ୍ଜନ ପ୍ରଧାନଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୨୪୦/୨୫) ରୁଜୁ କରାଯାଇ ସମ୍ପୃକ୍ତ ଯୁବକ ତଥା ଦେଉଳପାଳ ଗ୍ରାମର ସୁଶାନ୍ତ ସାହୁଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଜମାନବନ୍ଦୀ ଅନୁସାରେ ପୋଲିସ ରବିବାର ରାତିରେ ଦଶରଥପୁର ଥାନା ଅଧୀନ ଛଞ୍ଚଣା ଗ୍ରାମରୁ ମାଷ୍ଟରମାଇଣ୍ଡ ଚନ୍ଦ୍ରମଣିଙ୍କୁ ଗିରଫ କରିଛି। ଚନ୍ଦ୍ରମଣି ଘରେ ଏକ ଛାପା ମେଶିନରେ ଜାଲ୍ ନୋଟ୍ ଛପାଉଥିବା ପୋଲିସ କହିଛି। ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବାବେଳେ ଯାଜପୁର ଟାଉନ ଥାନା, ଆନ୍ଧ୍ରପ୍ରଦେଶ ବିଜୟୱାଡା ଓ କାଳିଆପାଣି ପୋଲିସ ଦ୍ୱାରା ପୂର୍ବରୁ ଏହି ଜାଲ୍ ନୋଟ୍ କାରବାରରେ ସେ ଗିରଫ ହୋଇଥିଲେ। ଜାଲ୍ ନୋଟ୍ କାରବାର ନେଇ ବାଲେଶ୍ୱର ଜିଲା ନୀଳଗିରି ଥାନାରେ ଏକ ମାମଲାରେ ତାଙ୍କ ନାମରେ ୱାରେଣ୍ଟ ମଧ୍ୟ ରହିଥିବା ପୋଲିସ କହିଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସସ୍ମିତ ମାଝୀ ଓ ଗ୍ରାମାଞ୍ଚଳ ଥାନା ସବ୍‌ଇନ୍ସପେକ୍ଟର ମୋନାଲିସା ପ୍ରଧାନ ଉପସ୍ଥିତ ଥିଲେ।

# ଗ୍ୟାସ୍ ଗୋଦାମରେ ସିଲିଣ୍ଡର ଫାଟି ବିସ୍ଫୋରଣ

ବାଲେଶ୍ୱର, ୧୨।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବଳରାମଗଡ଼ି ମେରାଇନ୍ ଥାନା ଅଧୀନ ନାଉପାଳଗଡ଼ିଠାରେ ଥିବା ଏକ ବେଆଇନ ଗ୍ୟାସ୍ ଗୋଦାମରେ ସୋମବାର ସକାଳେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏକାବେଳେ ୮ରୁ ଊର୍ଦ୍ଧ୍ୱ ସିଲିଣ୍ଡର ଫାଟି ବିସ୍ଫୋରଣ ହେବାରୁ ସ୍ଥାନୀୟ ଅଞ୍ଚଳ ଥରିଉଠିଥିଲା। ବିସ୍ଫୋରଣର ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ, ସ୍ଥାନୀୟ ଲୋକେ ଭୟଭୀତ ହୋଇ ଯିଏ ଯେଉଁଠି ପାରିଲେ ସୁରକ୍ଷିତ ସ୍ଥାନକୁ ଦୌଡ଼ି ପଳାଇଥିଲେ। ବାଲେଶ୍ୱର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।



ବିସ୍ଫୋରଣରେ ଜଳୁଥିବା ଦୋକାନ ଘର।

ଚାନ୍ଦିପୁର ଥାନା ହୋମ୍‌ଗାର୍ଡ ଭାବେ ଚାକିରି କରୁଥିବା ସେକ୍ ହେପାଜ ମହମ୍ମଦ ନାଉପାଳଗଡ଼ିରେ ଏକ ଦୋକାନ କରି ଗ୍ୟାସ୍ ସିଲିଣ୍ଡର ବ୍ୟବସାୟ ଚଳାଇ ଆସୁଥିଲେ। ଉକ୍ତ ଦୋକାନ ଘରେ ୬୦ରୁ ଅଧିକ ଗ୍ୟାସ୍ ଟାଙ୍କି ଥିଲା। ସକାଳ ପ୍ରାୟ ୬ଟା ବେଳେ କୌଣସି କାରଣରୁ ଗୋଦାମ ଘରେ ଅଗ୍ନିକାଣ୍ଡ ଘଟି ଗ୍ୟାସ୍ ସିଲିଣ୍ଡରଗୁଡିକ ବିସ୍ଫୋରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ପ୍ରାୟ ୫ ଶହ ମିଟର ପର୍ଯ୍ୟନ୍ତ ସିଲିଣ୍ଡର ଖଣ୍ଡ ଖଣ୍ଡ ହୋଇ ଛିଟିକି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ବିସ୍ଫୋରଣରେ ଜଣେ ପଡ଼ୋଶୀଙ୍କ ଘରର କବାଟ ଓ ଝରକା ପୋଡ଼ିଯାଇଥିବା ବେଳେ କୌଣସି ଧନଜୀବନ କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ମେରାଇନ୍ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# ଶ୍ରୀମନ୍ଦିରକୁ କେବେ ମିଳିବ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ୨ବର୍ଷ ବିତିଲାଣି

ଭୁବନେଶ୍ୱର,୧୨।୫
(ରବିନାରାୟଣ ଜେନା)

ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ନୀତିକାନ୍ତି, ସେବାପୂଜା ଓ ସୁରକ୍ଷାକୁ ନେଇ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଉଦ୍‌ବେଗ ରହିଛି। ହେଲେ ବାସ୍ତବକ୍ଷେତ୍ରରେ କାର୍ଯ୍ୟକାରୀ ବେଳକୁ କେଉଁଠି ନା କେଉଁଠି କିଛୁ ରହି ଯାଉଛି। ଫଳରେ ମହାପ୍ରଭୁଙ୍କ ବିଭିନ୍ନ ପ୍ରକାର ନୀତିକାନ୍ତି ଓ ସେବାପୂଜା ବେଳେ କିଛି ନା କିଛି ବ୍ୟତିକ୍ରମ ଉପୁଜୁଛି। ପୂର୍ବରୁ ଦାରୁ ଓ ବ୍ରହ୍ମ ବିଭ୍ରାଟଠାରୁ ଆରମ୍ଭ କରି ବ୍ୟତିକ୍ରମ ଦେଖାଦେଇଥିବାବେଳେ ବଡ଼ଠାକୁର ପଡ଼ିବା ଏବଂ ନିକଟରେ ପଶ୍ଚିମବଙ୍ଗ 'ଦୀଘା'ରେ ଜଗନ୍ନାଥ ଧାମ ଲେଖା ହେବା ପର୍ଯ୍ୟନ୍ତ କଥା ରହିଛି। ଏହାସବୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ ହେଉ ନ ଥିବା ତଥା ଜଣେ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ନିଯୁକ୍ତି ନ ହେବା ଯୋଗୁ ହେଉଥିବା ଅଭିଯୋଗ ହୋଇଛି।

ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଏହିଭଳି କେତେକ ବ୍ୟତିକ୍ରମକୁ ନେଇ ମୃଣାଳିନୀ ପାଢ଼ୀଙ୍କ ମାମଲା ନମ୍ବର-୬୪୯/୨୦୧୮ର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ପକ୍ଷରୁ ୨୦୨୩ ମାର୍ଚ୍ଚ ୨୯ରେ ରାଜ୍ୟ ସରକାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ୨୦୨୩ ଏପ୍ରିଲ ୧୪ରେ ଏକ ସ୍ପଷ୍ଟ ନିର୍ଦ୍ଦେଶ ବାହାରିଥିଲା। ଆଇନ ବିଭାଗ ପକ୍ଷରୁ ତତ୍କାଳୀନ ଅତିରିକ୍ତ ସଚିବ ପ୍ରଣୟ କୁମାର ଦାସ ନିର୍ଦ୍ଦେଶନାମାରେ ୨୫ଟି ତଥ୍ୟ ଉଲ୍ଲେଖ କରିଥିଲେ। ୨୩ ନମ୍ବର ତଥ୍ୟରେ ସରକାରଙ୍କୁ ଦର୍ଶାଯାଇଥିଲା ଯେ, ଶ୍ରୀମନ୍ଦିରରେ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତ କରାଯିବ, ତାଙ୍କୁ ଅନ୍ୟ କୌଣସି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯିବ ନାହିଁ। ଏହି କାର୍ଯ୍ୟ ସାଧାରଣ ପ୍ରଶାସନ ବିଭାଗ କରିବ। ହେଲେ ପୂର୍ବ ସରକାର ତାହାର ଅନୁପାଳନ କରୁ ନ ଥିବାବେଳେ ଏବେ ମଧ୍ୟ ସରକାର ତାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ବିଭିନ୍ନ ସମୟରେ ମହାପ୍ରଭୁଙ୍କ ସେବାପୂଜା ବେଳେ ବିଭିନ୍ନ ପ୍ରକାର ବିଭ୍ରାଟ ଦେଖାଦେଉଛି।

ପ୍ରିୟଦର୍ଶନଙ୍କ କହିବା କଥା ହେଲା, ଯଦି ଜଣେ ସ୍ଥାୟୀ ଓ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ଶ୍ରୀମନ୍ଦିର ପରିଚାଳନା ଲାଗି ନିଯୁକ୍ତ ହୁଅନ୍ତେ, ତେବେ ଶ୍ରୀମନ୍ଦିରରେ ସାମାନ୍ୟତମ ବିଶୃଙ୍ଖଳା ହେଲେ ବି ସଙ୍ଗେ ସଙ୍ଗେ ସମାଧାନ ହୋଇପାରନ୍ତା। ମାତ୍ର ସରକାର ଏହାକୁ କରାଇ ଦେଉ ନ ଥିବାବେଳେ ଯେଉଁ ମୁଖ୍ୟପ୍ରଶାସକ ନିଯୁକ୍ତ ହେଉଛନ୍ତି ସେମାନେ ସରକାରଙ୍କ ଅନ୍ୟାନ୍ୟ ଦୁଇ/ତିନୋଟି ଦାୟିତ୍ୱରେ ରହୁଥିବାରୁ ସପ୍ତାହକରୁ ପ୍ରାୟ ୬ଦିନ ଭୁବନେଶ୍ୱରରେ କାଟୁଛନ୍ତି। ତେବେ ପୂର୍ବରୁ ରଞ୍ଜନ କୁମାର ଦାସ କିଛି ସମୟ ପାଇଁ ମୁଖ୍ୟପ୍ରଶାସକ ଭାବେ ନିଯୁକ୍ତ ହୋଇଥିଲେ। ମାତ୍ର ପରେ ଆଉ କୌଣସି ଆଇଏଏସ୍‌ଙ୍କୁ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ଦାୟିତ୍ୱ ମିଳିନାହିଁ।

ଏହି ପରିପ୍ରେକ୍ଷୀରେ ନିକଟରେ ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରଥମ ରଥସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା, ହେଲେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଅନୁପସ୍ଥିତ ଥିଲେ। ଏହିଭଳି କେତେକ ବ୍ୟତିକ୍ରମ ଉପୁଜୁଛି। ତେଣୁ ସରକାର ତୁରନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାପୂର୍ବକ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ନିଯୁକ୍ତ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ବୋମା ଭିଡୁଥିବା ବେଳେ ବିସ୍ଫୋରଣ, ଜଣେ ମୃତ

## ୨ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର

କାମାକ୍ଷାନଗର,୧୨।୫
(ସୁଧୀର ପରିଡ଼ା)

ଜଙ୍ଗଲରୁ ଜନ୍ତୁ ଶିକାର ପାଇଁ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ମରୁଆବିଲ ପଞ୍ଚାୟତ ଖାଟକିପଶି ଗାଁରେ ସୋମବାର ଅପରାହ୍ନରେ ଏହି ଘଟଣା ଘଟିଛି। ମୃତକ ହେଲେ ଖାଟକିପଶି ଗାଁର ଦେବେନ୍ଦ୍ର ଟିଉ। ୨ ଗୁରୁତର ହେଲେ ଭଞ୍ଜ ନାୟକ ଓ ବୁଲୁ ନାୟକ।

ସୂଚନା ଅନୁଯାୟୀ, ଖାଟକିପଶି ଗାଁର ଦେବେନ୍ଦ୍ର, ଭଞ୍ଜ ଓ ବୁଲୁ ଶିକାର ଉଦ୍ଦେଶ୍ୟରେ ବୋମା ଭିଡୁଥିବା ବେଳେ ହଠାତ୍ ଜୋର୍‌ଦାର ବିସ୍ଫୋରଣ ହୋଇଥିଲା। ଫଳରେ ସମ୍ପୃକ୍ତ ୩ ଜଣଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲକୁ ପଠାଇଥିଲେ। ବାଟରେ ଆମ୍ବୁଲାନ୍ସ ଚକା ଫାଟିଯିବାରୁ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ମେଡିକାଲ ଅଣାଯାଇଥିଲା। ହେଲେ ମେଡିକାଲରେ ଦେବେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଗୁରୁତର ଭଞ୍ଜ ଓ ବୁଲୁଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଘଟଣାସ୍ଥଳରେ କଙ୍କଡ଼ାହାଡ଼ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।


ଗୁରୁତରଙ୍କୁ ମେଡିକାଲ ପଠାଯାଉଛି।

# ଭକ୍ତଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ


ସମୀକ୍ଷା ବୈଠକରେ ଡିଜିପି ୱାଇ. ବି. ଖୁରାନିଆ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ।

## ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ଡିଜିପି

- ସିସିଟିଭି ନଜରରେ ରହିବ ପୁରୀ
- ଏଆଇ, ଡ୍ରୋନ୍ ବ୍ୟବହାର ହେବ

ପୁରୀ,୧୨।୫
(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ୍‌ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ନିମନ୍ତେ ପୁରୀ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଓ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ ସୋମବାର ପୁରୀ ଆସି ସମୀକ୍ଷା କରିଛନ୍ତି। ଭକ୍ତଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ସହ ପୁରୀ ସହର ଓ ରେଳଷ୍ଟେଶନକୁ ସିସିଟିଭି ସର୍ଭେଲାନ୍ସରେ ରଖାଯିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମେତ ପ୍ରଥମଥର ପାଇଁ ଓଡ଼ିଶା ପୋଲିସର କୋଷ୍ଟାଲ ସିକ୍ୟୁରିଟି ୱିଙ୍ଗ୍ ପକ୍ଷରୁ ଡ୍ରୋନ ବ୍ୟବହାର କରାଯିବାକୁ ଏହି ଅବସରରେ ନିଷ୍ପତ୍ତି ନିଆଯାଇଛି।

ପ୍ରଥମେ ଡିଜିପି ଖୁରାନିଆ ଶ୍ରୀମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ପରେ ସମୀକ୍ଷା ବୈଠକରେ ଦେଶରେ ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା, ରଥଯାତ୍ରା ସମୟରେ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ, ଆଇନଶୃଙ୍ଖଳା ବ୍ୟବସ୍ଥା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଡିଜିପି ରାଜ୍ୟ ପୋଲିସ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ନେଇ ପୋଲିସ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇଥିବା ଡିଜିପି ବୈଠକ ପରେ ସୂଚନା ଦେଇଛନ୍ତି। ଚଳିତବର୍ଷ ରଥଯାତ୍ରାରେ କଡ଼ା ସୁରକ୍ଷା ପାଇଁ କୋଷ୍ଟଗାର୍ଡ ଓ ଭାରତୀୟ ନୌସେନାର ସହଯୋଗ ନିଆଯିବା ସହ ପୁରୀ ସହରରେ ସିସିଟିଭି ଏବଂ ଏଆଇ କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ସ୍ୱତନ୍ତ୍ର ଏଆଇ ଟେକ୍ନୋଲୋଜି ବ୍ୟବହାର, ବ୍ୟାପକ ପୋଲିସ ଫୋର୍ସ, ଆର୍‌ପିଏଫ ଏବଂ ଅନ୍ୟ ସୁରକ୍ଷା ବାହିନୀଙ୍କୁ ନିୟୋଜିତ କରାଯିବ। ଭୁବନେଶ୍ୱରରୁ ପୁରୀ ଆସୁଥିବା ଯାନବାହନ ଚଳାଚଳର ସୁବ୍ୟବସ୍ଥା, ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ସମେତ ଶୃଙ୍ଖଳିତ ରଥଟଣା କରାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକ ପରେ ପୋଲିସ ଡିଜି ଖୁରାନିଆ କହିଛନ୍ତି, ରଥଯାତ୍ରାରେ ପୋଲିସ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଛି। ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ସ୍ଥାନରେ ଦାୟିତ୍ୱ ଦିଆଯାଇଛି। କ'ଣ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଆଗକୁ କି ପଦକ୍ଷେପ ନିଆଯିବ ସେ ନେଇ ଆଲୋଚନା ହୋଇଛି। ଟ୍ରାଫିକ ବ୍ୟବସ୍ଥା, ଭକ୍ତଙ୍କ ସୁବିଧା ଓ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ପୁରୀ ସହର ଓ ରେଳଷ୍ଟେଶନକୁ ସିସିଟିଭି ସର୍ଭେଲାନ୍ସରେ ରଖାଯିବ। ଏଆଇ ସମେତ ପ୍ରଥମଥର ପାଇଁ ଓଡ଼ିଶା ପୋଲିସର କୋଷ୍ଟାଲ ସିକ୍ୟୁରିଟି ୱିଙ୍ଗ୍ ପକ୍ଷରୁ ଡ୍ରୋନ ବ୍ୟବହାର କରାଯିବ। ମେରାଇନ ଥାନା ଓ କୋଷ୍ଟଗାର୍ଡ ବୋଟ୍ ସମୁଦ୍ରରେ ମୁତୟନ ହେବ। କୋଷ୍ଟଗାର୍ଡ, ନେଭି, ଆର୍‌ପିଏଫ୍ ଏବଂ ଅନ୍ୟ ଏଜେନ୍ସିଗୁଡ଼ିକର ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ରଥଯାତ୍ରା ସମୟରେ ପୁରୀ ସମେତ ବିଭିନ୍ନ ରେଳଷ୍ଟେଶନରେ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଛି।

# ଅଣଶିକ୍ଷକ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ଆରମ୍ଭ କରିବାକୁ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୫ (ସୁଚିସ୍ମିତା ସାହୁ)

ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟ ଓ ଶିକ୍ଷକ ପ୍ରଶିକ୍ଷକ ମହାବିଦ୍ୟାଳୟ(ଟିଇସି)ରେ କାର୍ଯ୍ୟରତ ଅଣଶିକ୍ଷକଙ୍କ ବଦଳି ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଚଳିତମାସ ୭ ତାରିଖରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରି ସବୁ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଇଛନ୍ତି। ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ସମସ୍ତ ସରକାରୀ ମହାବିଦ୍ୟାଳୟ ଓ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ(ଟିଇସି)ରେ କାର୍ଯ୍ୟରତ ଅଣଶିକ୍ଷକଙ୍କ ବଦଳି ପାଇଁ ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଉପାୟରେ ଆବେଦନ କରିବାକୁ ହେବ। ସମସ୍ତ ଅଣଶିକ୍ଷକ ବର୍ଗ କର୍ମଚାରୀ, ସେକ୍ସନ ଅଫିସର, ବରିଷ୍ଠ ସହାୟକ, କନିଷ୍ଠ ସହାୟକ, ପରୀକ୍ଷାଗାର ସହାୟକ, ପାଠାଗାର ସହାୟକ ପ୍ରମୁଖ ବଦଳି ପାଇଁ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲରେ ଆବେଦନ କରିବେ। ଏଥିପାଇଁ ପୋର୍ଟାଲ ଖୋଲା ରଖି ତୁରନ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି। ସ୍ୱଚ୍ଛତା ଉପାୟରେ ବଦଳି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୌଣସି ପରିପ୍ରେକ୍ଷୀରେ ଅଫ୍‌ଲାଇନରେ ବଦଳି ଆବେଦନ ଗ୍ରହଣ କରାଯିବ ନାହିଁ। ସମସ୍ତ ଆବେଦନ କେବଳ ପୋର୍ଟାଲ ଜରିଆରେ ଗ୍ରହଣ କରାଯିବ। ଯଦି କୌଣସି ପ୍ରସ୍ତାବ ଅଫ୍‌ଲାଇନରେ ଆସେ ତାହାକୁ ନାକଚ କରାଯିବ ବୋଲି ଉଚ୍ଚଶିକ୍ଷା ନିର୍ଦ୍ଦେଶକ କହିଛନ୍ତି।

# ଖୋର୍ଦ୍ଧାର ୧୭ କଲେଜର କାପା ପୋର୍ଟାଲ ଯାଞ୍ଚ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୫(ସୁଚିସ୍ମିତା ସାହୁ)

କଲେଜ ଆକାଉଣ୍ଟିଂ ପ୍ରୋସିଜିଓର ଅଟୋମେଶନ(କାପା) ମଡ୍ୟୁଲ ମାଧ୍ୟମରେ ଅଣସ୍ୱୀକୃତିପ୍ରାପ୍ତ କଲେଜଗୁଡ଼ିକ ଆର୍ଥିକ କାରବାର ତଥ୍ୟ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଅଧିକାଂଶ କଲେଜ ପୋର୍ଟାଲରେ ଠିକ୍ ଭାବେ ତଥ୍ୟ ଅପଲୋଡ୍ କରୁ ନ ଥିବାରୁ ଉଚ୍ଚ ଶିକ୍ଷା ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ଏହି କ୍ରମରେ ଖୋର୍ଦ୍ଧା ଜିଲାରେ ଥିବା ୧୭ଟି ଅଣସ୍ୱୀକୃତିପ୍ରାପ୍ତ କଲେଜ ପରିଦର୍ଶନରେ ଯାଇ ଆବଶ୍ୟକ ଯାଞ୍ଚ କରିବାକୁ କାପା କନ୍‌ସଲଟାଣ୍ଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୪ରୁ ୨୩ ତାରିଖ ପର୍ଯ୍ୟନ୍ତ ୪ଜଣ କନ୍‌ସଲଟାଣ୍ଟ ଶୁଭ ନାରାୟଣ ମହାପାତ୍ର, ବଜରଙ୍ଗ ବୈଶାଖ, ମଧୁସ୍ମିତା ସାମନ୍ତରାୟ ଓ ସରୋଜ କୁମାର ନାୟକ ପୃଥକ ଭାବେ କଲେଜ ପରିଦର୍ଶନ କରିବେ। ସେମାନେ କାପା ପୋର୍ଟାଲ ଆକାଉଣ୍ଟିଂ, ୟୁସି ଦାଖଲ ସ୍ଥିତି ଯାଞ୍ଚ ସହିତ ସମସ୍ୟାଗୁଡ଼ିକର ସମାଧାନ କରିବେ। ଦୈନିକ କ୍ୟାଶ୍‌ବୁକ୍ ରେଜିଷ୍ଟର ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଫ୍ରିଜ୍ ହୋଇଛି କି ନାହିଁ ତା'ର ତଦାରଖ କରିବେ। କ୍ୟାଶ୍‌ବୁକ କ୍ଲୋଜିଂ ବାଲାନ୍ସ ମାନୁଆଲ ଓ ବାଲାନ୍ସ ସହିତ ମେଳ ହେଉଛି କି ନାହିଁ ଦେଖିବା ସହିତ ଆକାଉଣ୍ଟ ସ୍ଥିତି କ୍ଲୋଜିଂ ବାଲାନ୍ସ କ୍ୟାଶ୍‌ବୁକର ବ୍ୟାଙ୍କ ସ୍ଥିତି ସହିତ ମେଳ ଖାଉଛି କି ନାହିଁ ତା'ର ତଦାରଖ କରିବାକୁ କୁହାଯାଇଛି। ସେହିପରି ପାସ୍‌ବୁକ ଖୋଲିବା ଏବଂ ବନ୍ଦ କରିବା ବାଲାନ୍ସ ଠିକ ଅଛି କି ନାହିଁ, ଛାତ୍ରୀଛାତ୍ରଙ୍କ ପ୍ରବେଶ ଓ ପୁନଃପ୍ରବେଶ ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସ୍ୱାମୀଙ୍କୁ ଛାଡ଼ିଲେ, ପ୍ରେମିକ ସହ ଗଲେ

## ମହଙ୍ଗା ପଡ଼ିଲା ଇନ୍‌ଷ୍ଟାଗ୍ରାମ୍ ପ୍ରେମ

### ଦେଖା କରିବାକୁ ଆସି ରାତିସାରା ଅଟକ ରହିଲେ ପ୍ରେମିକ

ଆନନ୍ଦପୁର/ ବଞ୍ଚୋ/ଛେନାପଦି,
୧୨।୫ (ସୁଶାନ୍ତ କୁମାର ସାହୁ/
ପ୍ରଦୋଷ ବିଶ୍ୱାଳ/ ନିରାକାର ପରିଡା)

ଇନ୍‌ଷ୍ଟାଗ୍ରାମ୍‌ରୁ ଆରମ୍ଭ ହେଲା ପ୍ରେମ। ସ୍ୱାମୀ, ସନ୍ତାନ ଓ ସଂସାର ବନ୍ଧନକୁ ତୁଚ୍ଛ କରି ପ୍ରେମିକ ସହ ଘର ଛାଡ଼ିଲେ ମହିଳା। ପ୍ରେମିକାଙ୍କୁ ଦେଖା କରିବାକୁ ଯାଇଥିବା ବେଳେ ଧରାପଡ଼ି ରାତିସାରା ଅଟକ ରହିଥିଲେ ଯୁବକ। ଏନେଇ ପଞ୍ଚାୟତ ବସିଥିବା ଥିବା ବେଳେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିକୁ ମଧ୍ୟ ଅଟକ ରଖିଥିଲେ। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆନନ୍ଦପୁର ଥାନା ଅକରୁଆ ଗ୍ରାମରେ।

ପ୍ରକାଶ ଯେ, ମହିଳା ଜଣଙ୍କ ୭ ବର୍ଷ ପୂର୍ବେ ଅକରୁଆ ଗ୍ରାମରେ ବିବାହ କରିଥିଲେ। ତାଙ୍କର ଗୋଟିଏ ୫ ବର୍ଷର ପୁଅ ରହିଛି। ୨ ବର୍ଷ ପୂର୍ବେ ସୋସୋ ଥାନା ବିଦ୍ୟାଧରପୁର ଗ୍ରାମର ଜଣେ ଯୁବକଙ୍କ ସହିତ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ତାଙ୍କର ବନ୍ଧୁତା ହୋଇଥିଲା। ପରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ମହିଳା ଜଣକ ସ୍ୱାମୀଙ୍କ ଅଜାଣତରେ ବନ୍ଧୁଘର ବୁଲିଯିବା ବାହାନାରେ ଯୁବକଙ୍କ ପାଖକୁ ଯାଉଥିଲେ। ଯୁବକ ଜଣକ ମଧ୍ୟ ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ଭାଇରାଲ କରିବାକୁ ଧମକ ଦେଇ ମହିଳାଙ୍କୁ ବିଭିନ୍ନ ସ୍ଥାନକୁ ଡକାଇ ବ୍ଲାକମେଲ୍ କରିଆସୁଥିଲେ। ରବିବାର ମହିଳା ଜଣଙ୍କ କଟକ ଯାଇ ଯୁବକଙ୍କ ସହିତ ରାତିରେ ଘରକୁ ଫେରିଥିଲେ। ଘର ଭିତରେ ଉଭୟେ କଥାବାର୍ତ୍ତା ହେଉଥିବା ସମୟରେ ପରିବାର ଲୋକେ ବାହାରପଟୁ କବାଟ ବନ୍ଦକରି ଗାଁଲୋକଙ୍କୁ ଡାକିଥିଲେ। ଉଭୟଙ୍କୁ ମଣ୍ଡପରେ ବସାଇ ରାତିସାରା ଗାଁରେ ପଞ୍ଚାୟତ ବସିଥିଲା। ଯୁବକଙ୍କ ପରିବାର ଲୋକେ ପୋଲିସକୁ ଖବର ଦେଇ ତାଙ୍କ ପୁଅକୁ ଉଦ୍ଧାର କରିବା ପାଇଁ କହିଥିଲେ। ପୋଲିସ ପହଞ୍ଚି ପଞ୍ଚାୟତ ଭିତରେ ବସିଥିବା ମହିଳା ଓ ଯୁବକଙ୍କୁ ଉଠାଇ ଆଣିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକେ ପୋଲିସ ଗାଡ଼ିକୁ ଅଟକ ରଖି ପାଟିତୁଣ୍ଡ କରିଥିଲେ। ରାତି ପାହିବା ପରେ ପୋଲିସ ବାଧ୍ୟ ହୋଇ ଫେରିଯାଇଥିଲା। ମହିଳା ଜଣକ ସ୍ୱାମୀ ସହିତ ନ ରହି ପ୍ରେମିକ ପାଖରେ ରହିବେ ବୋଲି କହିଥିଲେ। ପରେ ଚୁକ୍ତିନାମା ଲେଖି ଗ୍ରାମବାସୀ ଯୁବକ ଓ ମହିଳାଙ୍କୁ ଛାଡ଼ି ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୧୨।୫
(ରବିନାରାୟଣ ଜେନା)

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ୧୪ ଜିଲା ପାଇଁ ନୂତନ ଆବାହକ ଓ ସହଆବାହକ ନିଯୁକ୍ତ ହୋଇଛନ୍ତି। ପ୍ରତି ଜିଲା ପାଇଁ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଆବାହକ ଓ ସହ ଆବାହକ ଭାବରେ ନିଯୁକ୍ତି ମିଳିଛି। ଚଳିତ ମାସ ଶେଷସୁଦ୍ଧା ଅନ୍ୟ ସମସ୍ତ ଜିଲାର ଆବାହକ ଓ ସହ ଆବାହକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ଏବଂ ଜୁନ ସୁଦ୍ଧା ସମସ୍ତ ବ୍ଲକର ଆବାହକ ଓ ସହ ଆବାହକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ବୋଲି ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଓ ସାଧାରଣ ସମ୍ପାଦକ ବିଜୟ ପ୍ରଧାନ ଜଣାଇଛନ୍ତି।

ନୂତନ ଆବାହକ ଓ ସହ ଆବାହକଙ୍କ ମଧ୍ୟରେ ବାଲେଶ୍ୱର ଜିଲା ପାଇଁ ସୁବ୍ରତ ଧଡ଼ା ଓ ମିନତି ସିଂ, ମୟୂରଭଞ୍ଜ-ପଶ୍ଚିମ (ଅନୁପ କୁମାର ସୋରେନ ଓ ଗୋଲାପ ସୋରେନ), ମୟୂରଭଞ୍ଜ-ପୂର୍ବ (ଧର୍ମେନ୍ଦ୍ର ମାରାଣ୍ଡି), କୋରାପୁଟ (ରାମୋ ପାଙ୍ଗି ଓ ମୋନି ଜାନି), ନବରଙ୍ଗପୁର (ବାବୁଲି ବାଗ ଓ ଦମୟନ୍ତୀ ଦିଶାରି), ରାୟଗଡ଼ା (ପୁରନ୍ଦର ସିଂ ଓ କାବ୍ୟା କୁଲେଶିକା), ମାଲକାନଗିରି (କୃଷ୍ଣଚନ୍ଦ୍ର ଅନୁଗୁ ଓ ବିନତି ଖିଲ), ବଲାଙ୍ଗୀର (ଶ୍ରୀଧର ବାରିକ ଓ ସୂର୍ଯ୍ୟକାନ୍ତି ଛତ୍ରିଆ), କଟକ (ଜନାର୍ଦ୍ଦନ ପରିଡ଼ା), ଢେଙ୍କାନାଳ (ସ୍ମିତରାଣୀ ସାମଲ), ଅନୁଗୋଳ (କିଶୋର ମହାକୁଡ), କେନ୍ଦୁଝର ( ସୁଦର୍ଶନ ପାଇକରାୟ ଓ ପ୍ରଦୀପ ପ୍ରଧାନ), କନ୍ଧମାଳ (ଗୋକୁଳ ପ୍ରଧାନ ଓ ପ୍ରମଦା ନାୟକ), ପୁରୀ (ବିପିନ ମହାନ୍ତି) ପ୍ରମୁଖ ରହିଛନ୍ତି।

# ଟ୍ରୋଲର୍ସଙ୍କୁ ଜବାବ ଦେଲେ ଭାରତୀ


ଭାରତୀ ସିଂ

**ମୁମ୍ବାଇ:** ଗତ କିଛିଦିନ ଧରି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗି ରହିଥିଲା। ଏହି ସମୟରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ଥାଇଲାଣ୍ଡରେ ଥିଲେ। ସେ ଥାଇଲାଣ୍ଡର ବିଭିନ୍ନ ସ୍ଥାନରୁ ଫଟୋ ଉଠାଇ ତାଙ୍କ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ତେବେ ଏହାକୁ ନେଇ ତାଙ୍କୁ ଟ୍ରୋଲ୍ ହେବାକୁ ପଡ଼ିଥିଲା। ଦେଶରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବା ବେଳେ ଭାରତୀ ବିଦେଶରେ ଛୁଟି କାଟୁଥିବା କହି ଅନେକେ ତାଙ୍କୁ ଟ୍ରୋଲ୍ କରିଥିଲେ। ତାଙ୍କ ପରିବାର ଅମୃତସରରେ ବ୍ଲାକଆଉଟ୍ ଏବଂ ବିଭିନ୍ନ ଅନ୍ୟ କଟକଣାକୁ ସାମ୍ନା କରି ଅସୁବିଧାରେ ଥିବା ବେଳେ ସେ ଥାଇଲାଣ୍ଡରେ ରହି ଛୁଟି କାଟୁଥିବା କହି ଅନେକ ୟୁଜର୍ସ ଭାରତୀଙ୍କୁ ସମାଲୋଚନା କରିଥିଲେ। ସୋମବାର ଭାରତୀ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ବ୍ଲଗ୍ କରି ନିଜ ଉପରେ ହୋଇଥିବା ଟ୍ରୋଲ୍‌ର ଜବାବ ରଖିଛନ୍ତି। ସେ କହିଛନ୍ତି, ତାଙ୍କ ପରିବାର ଅମୃତସରରେ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛନ୍ତି। ସେ ପ୍ରତ୍ୟେକ ଦିନ ନିଜ ପରିବାର ସହ ଫୋନ୍ ଯୋଗେ କଥା ହୁଅନ୍ତି ବୋଲି ଭାରତୀ କହିଛନ୍ତି। ଭାରତ ନିଶ୍ଚିତ ଭାବେ ଏକ ଶକ୍ତିଶାଳୀ ରାଷ୍ଟ୍ର। ଏହା ନିଜର ନାଗରିକଙ୍କୁ ଅସୁବିଧାରେ ପଡ଼ିବାକୁ ଦିଏନାହିଁ ବୋଲି ଭାରତୀ କହିଛନ୍ତି। ଭାରତୀ ଆହୁରି କହିଛନ୍ତି, ସେ ଥାଇଲାଣ୍ଡକୁ ଛୁଟି କାଟିବାକୁ ନୁହେଁ ବରଂ ନିଜର ଏକ କାମରେ ଯାଇଥିଲେ। ଏକ ପ୍ରୋଜେକ୍ଟ ପାଇଁ ଥାଇଲାଣ୍ଡରେ ତାଙ୍କର ୧୦ ଦିନିଆ ଶୁଟିଂ କାର୍ଯ୍ୟସୂଚୀ ଥିଲା, ଯାହା ୩ରୁ ୪ ମାସ ପୂର୍ବରୁ ନିର୍ଦ୍ଧାରିତ ହୋଇସାରିଥିଲା। ଏହି ବ୍ଲଗ୍‌ରେ ଭାରତୀ ଟ୍ରୋଲର୍ସଙ୍କୁ ଜବାବ ଦେଉଥିବା ବେଳେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ।

# ଅସ୍ତ୍ରବିରତି ପ୍ରସ୍ତାବକୁ ରୁଷିଆର ଅଗ୍ରାହ୍ୟ

## ୟୁକ୍ରେନ୍‌ରେ ଡ୍ରୋନ୍ ଆକ୍ରମଣ ଜାରି

କିଭ୍,୧୨।୫

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ୩୦ ଦିନିଆ ସର୍ତ୍ତବିହୀନ ଅସ୍ତ୍ରବିରତି ପ୍ରସ୍ତାବକୁ ମସ୍କୋ ଅଗ୍ରାହ୍ୟ କରିଦେବା ପରେ ସୋମବାର ୟୁକ୍ରେନ୍ ଉପରେ ଶତାଧିକ ଡ୍ରୋନ୍ ଆକ୍ରମଣ କରିଛି। ୟୁକ୍ରେନ୍ ପକ୍ଷରୁ କୌଣସି ଜବାବୀ ଆକ୍ରମଣ ହୋଇନାହିଁ। ଅନ୍ୟପକ୍ଷରେ ଆସନ୍ତା ଗୁରୁବାର ତୁର୍କୀରେ ମୁହାଁମୁହିଁ ଶାନ୍ତି ଆଲୋଚନା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତାଙ୍କ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ଅସ୍ତ୍ରବିରତି ପାଇଁ ରୁଷିଆ ରାଜି ହେଉନାହିଁ। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଥିବା ଏହି ଯୁଦ୍ଧରେ ୧୦ ହଜାରରୁ ଅଧିକ ୟୁକ୍ରେନ୍ ନାଗରିକଙ୍କ ସମେତ ଉଭୟ ପକ୍ଷର ଅନେକ ହଜାର ସୈନ୍ୟ ନିହତ ହେଲେଣି। ରୁଷିଆ ସେନା ୟୁକ୍ରେନ୍‌ର ଏକ-ପଞ୍ଚମାଂଶ ଅଞ୍ଚଳକୁ ଅକ୍ତିଆର କରିଛି। ଶାନ୍ତି ଆଲୋଚନା ପୂର୍ବରୁ ସୋମବାରଠାରୁ ଅସ୍ତ୍ରବିରତି ଆରମ୍ଭ କରିବାକୁ ୟୁକ୍ରେନ୍ ଓ ଏହାର ୟୁରୋପୀୟ ସହଯୋଗୀମାନେ ରୁଷିଆ ନିକଟରେ ଦାବି କରିଥିଲେ। ମସ୍କୋ ସେମାନଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇ ଇସ୍ତାନବୁଲ୍‌ରେ ୟୁକ୍ରେନ୍ ସହ ପ୍ରତ୍ୟକ୍ଷ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲା।


ରୁଷିଆର ଡ୍ରୋନ୍ ମାଡ଼ ପରେ ୟୁକ୍ରେନ୍‌ର କ୍ରାମାଟୋର୍ସ୍କ ସହରସ୍ଥିତ ଏକ ଘର ଭାଙ୍ଗିଯାଇଛି।

# ପାକିସ୍ତାନରେ ଭୂକମ୍ପ

ଇସ୍‌ଲାମାବାଦ, ୧୨।୫

ପାକିସ୍ତାନର କିଛି ସ୍ଥାନରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି। ନୂଆଦିଲ୍ଲୀସ୍ଥିତ ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନ୍‌ସିଏସ୍) ଅନୁଯାୟୀ, ଏହି ଭୂକମ୍ପର ତୀବ୍ରତା ୪.୬ ରହିଥିଲା। ଭାରତୀୟ ସମୟ ସୋମବାର ଦ୍ୱିପ୍ରହର ୧.୨୬ରେ ପାକିସ୍ତାନରେ ଏହି ଭୂକମ୍ପ ଘଟିଥିଲା। ତେବେ ଏହି ଭୂକମ୍ପରେ କେହି ମୃତାହତ ହୋଇଥିବାର ସୂଚନା ମିଳିନାହିଁ। ସପ୍ତାହେ ମଧ୍ୟରେ ପାକିସ୍ତାନରେ ତୃତୀୟଥର ପାଇଁ ଭୂକମ୍ପ ଅନୁଭୂତ ହୋଇଛି।

# ଟ୍ରେଲର-ଟ୍ରକ୍ ଧକ୍କା: ୧୩ ମୃତ

ରାୟପୁର, ୧୨।୫

ଛତିଶଗଡ଼ର ରାଜଧାନୀ ରାୟପୁରରେ ରବିବାର ବିଳମ୍ବିତ ରାତିରେ ଭୀଷଣ ସଡ଼କ ଦୁର୍ଘଟଣା ଘଟିଛି। ରାୟପୁର-ବାଲୋଦା ବଜାର ରାସ୍ତା ସରାଗାଓଁ ନିକଟରେ ଏକ ଯାତ୍ରୀବାହୀ ଟ୍ରକ୍ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେଲର ସହ ଧକ୍କା ହେବାରୁ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୯ ମହିଳା ଏବଂ ୩ ଜଣ ଶିଶୁ ରହିଥିବା ପୋଲିସ କହିଛି। ସ୍ଥାନୀୟ ଚାଟୌଦ ଗ୍ରାମର ୫୦ ଜଣ ଲୋକ ଏକ ବିବାହ କାର୍ଯ୍ୟକ୍ରମ ସାରି ଟ୍ରକ୍‌ରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

**OFFICE OF THE REGULATED MARKET COMMITTEE, NARASINGHPUR**
No.155 Dt.09.05.2025
**e-Procurement Notice**
Organization Chain-Odisha State Agricultural Marketing Board / RMC Narasinghpur
**Bid Identification No. RMC/NARASINGHPUR-03/2024-25**

1. The Sub-Collector, Athgarh-cum-Chairman, R.M.C, Narasinghpur invites percentage rate bids in double cover system in ONLINE MODE from eligible contractors for the work **"Construction of Infrastructure & Developmental Works at Athgarh Market Yard under RMC, Narasinghpur"**.
2. Nature of work : Civil Construction works as per DTCN
3. No. of work : 01 (One)
4. Tender paper cost : Rs.10,000/-
5. Class of Contractors : "A" & "B"
6. Availability of Bid documents in the website : From 10.00 A.M. of 13.05.2025 to 5.00 P.M. of 20.05.2025
7. Date of opening of Bid : Dt.21.05.2025 at 11.00 A.M.

The bidders have to participate in ONLINE bidding only. Further details can be seen from the website : http://www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Sub-Collector, Athgarh-cum-Chairman
RMC, Narasinghpur**

PM SHRI
**PM SHRI JAWAHAR NAVODAYA VIDYALAYA,
PALJHAR, DIST.-BOUDH (ODISHA)**
**TENDER NOTICE 01/2025-26**

Sealed tenders are invited from the Registered and Reputed firms having GST registration for supply of 01- Grocery Items, 02-Vegetable, 03-Non-Veg Items, 04-Fruit, Sweets & Snacks, 05-Toilet Items, 06-M&R(Construction, Plumbing & Electrical Materials), 07-Labour for Painting works, Fixing of Tiles, 08-Selling of Old Papers, 09-Hiring of Vehicles on contract basis, 10-Supply of Medicines, 11-Stitching of Ready Made Uniforms, 12-Hair Cutting, 13-Washing & Pressing of Cloth & 14-Tuck Shop. The tender forms with other particulars can be obtained from the Office of the Principal, JNV, Paljhar, Boudh(O) during office hour on all working days from 13.05.2025 to 27.05.2025 upto 01.00 P.M. on payment of Rs.500/-(Nonrefundable) for each item. The details of tender documents can also be downloaded from the Vidyalaya website https://navodaya.gov.in/nvs/nvs-school/Boudh/en/home/ .The last date for submission of sealed tender papers is 27.05.2025 upto 04.00 P.M. Vidyalaya Purchase Advisory Committee Meeting will be held on 28.05.2025 at 10.00 A.M. for opening of the sealed tenders and selection of the lowest competitive firms. The Chairman of the Committee reserves the right to accept or reject one or all the tenders partially or wholly without assigning any reason thereof. Any dispute in this regard would be subjected to the Court Jurisdiction of the Boudh District only.

**Sd./- Principal**





# ବର ଅପର୍ତ୍ତିଙ୍କୁ କନ୍ୟା ଗୁରେଇ

■ସରିଲା ଜଉ କଣ୍ଢେଇ ଲଗ୍ନଧରା ଉତ୍ସବ

■୨୨ରେ ମଙ୍ଗନ, ୨୩ରେ ବାହାଘର

ବାଲେଶ୍ୱର, ୧୨।୫(ବାଞ୍ଛାନିଧି ଦେ)

ଅନ୍ୟତମ ଗଣପର୍ବ ଭାବେ ପରିଚିତ ବାଲେଶ୍ୱର ଜଉ କଣ୍ଢେଇ ବାହାଘର ଉତ୍ସବର ଲଗ୍ନଧରା ପର୍ବ ପବିତ୍ର ଚନ୍ଦନ ପୂର୍ଣ୍ଣିମା ତିଥିରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ କଲେଜରୋଡସ୍ଥିତ ସିଦ୍ଧି ବିନାୟକ ମନ୍ଦିରରେ ବର ପିତା ପିତାମ୍ବର ଦାସ ଓ ବର ମାତା ସୁକାନ୍ତିଲତା ଦାସ ଜଉ କଣ୍ଢେଇ ବାହାଘର ଉତ୍ସବ କମିଟିର ସଦସ୍ୟାସଦସ୍ୟଙ୍କ ସହ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ପାତ୍ର, ସମ୍ପାଦକ ଡ. କୁମାର ଗୋପାଳ, ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁ ଦାସ, ଇଂ. ହୃଷିକେଶ ସାହୁ, କାଳିକିଙ୍କର ଦାସ, ବ୍ରହ୍ମନାଥ ରଥ, ବିପ୍ଳବ ମହାନ୍ତି, ଜୟଶ୍ରୀ ସାହୁ, ଅଞ୍ଜଳି ପଣ୍ଡା, ଧରିତ୍ରୀ ମିଶ୍ର, ରଚନା ସେନ, କନକଲତା ଦାସ ଓ ହସ ପରିବାରର ସଦସ୍ୟାସଦସ୍ୟ ଏକ ବିରାଟ ପଟୁଆରରେ ସହଦେବଖୁଣ୍ଟାର ଆନନ୍ଦବଜାରସ୍ଥିତ ଲୋକନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ କନ୍ୟାପିତା ନୀଳମଣି ମଣ୍ଡଳ, କନ୍ୟାମାତା ଉମାମଣି ମହାନାଙ୍କ ସହ ସ୍ଥାନୀୟ ୱାର୍ଡ କାଉନସିଲର ଶମ୍ଭୁ ସିଂହ, ଭଗବାନ ମୋହିନୀ, ବାସନ୍ତୀ ଓଝା, କୁନିରାଣୀ ମହାର୍ଣ୍ଣା ଓ କମଳା ବାରିକ ପ୍ରମୁଖ ବରପକ୍ଷ ଲୋକଙ୍କୁ ପରମ୍ପରା ଅନୁଯାୟୀ ଫୁଲ ଚନ୍ଦନ, ଶଙ୍ଖ, ହୁଳହୁଳି ଦେଇ ସ୍ୱାଗତ କରିଥିଲେ।

ପ୍ରତିବର୍ଷ ପରି ଚଳିତବର୍ଷ ବର ଓ କନ୍ୟା ଭାବରେ ବିଶିଷ୍ଟ ଗାଳ୍ପିକ ପ୍ରାଣବନ୍ଧୁ କରଙ୍କର ପ୍ରସିଦ୍ଧ ଗଳ୍ପ 'ସୁଅ ମୁହଁର ପତର'ର ନାୟକ 'ଅପର୍ତ୍ତି' ଓ ନାୟିକା 'ଗୁରେଇ'ଙ୍କୁ ମନୋନୀତ କରାଯାଇଛି। ଲୋକନାଥ ମନ୍ଦିରରେ ଜଉ କଣ୍ଢେଇ ବାହାଘର ସମିତିର ପୁରୋହିତ ପଣ୍ଡିତ ବିମଳ ପଣ୍ଡା, ଲୋକନାଥ ମନ୍ଦିରର ପଣ୍ଡିତ ବିଶ୍ୱନାଥ ମିଶ୍ର, ବାରିକ ସଂଘର ସମ୍ପାଦକ ବିମଳ ବାରିକ ଯଥାବିଧି ଲଗ୍ନଧରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ଯୌତୁକ ବାବଦରେ କନ୍ୟା ପକ୍ଷ ଶହେ ତାଳ ଗଛ ଲଗାଇବା ସହ ଏକ ରକ୍ତଦାନ ଶିବିର ଆୟୋଜନ କରିବାର ସ୍ଥିର ହୋଇଥିଲା। ସେହିପରି ବରପକ୍ଷ ସମୁଦ୍ର ତଟ ସଫା କରିବା ସହ ଗରିବ ଝିଅଙ୍କୁ ବିନା ଯୌତୁକରେ ବିବାହ କରାଇବାର ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୨୨ରେ ମଙ୍ଗନ, ୨୩ରେ ବାହାଘର ହେବ। ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ସହରର ମିଶନ ସ୍କୁଲ ପଡ଼ିଆରେ ମୀନା ବଜାର, ହସ୍ତଶିଳ୍ପ ଓ ଜଉକଣ୍ଢେଇ ବଜାର, ସନ୍ଧ୍ୟାରେ ବିଭିନ୍ନ ଲୋକ ନୃତ୍ୟଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭାକାର୍ଯ୍ୟ, ମୁଖପାତ୍ର ଉନ୍ମୋଚନ ଆଦି ସମ୍ପାଦିତ ହେବ।



ଲୋକନାଥ ମନ୍ଦିରରେ ଲଗ୍ନଧରା କାର୍ଯ୍ୟ ଚାଲିଛି।

# ଗଡ଼ପୋଖରୀ ଉପସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



ଅତିଥିମାନେ ଉପସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ କରୁଛନ୍ତି।

ଖଇରା, ୧୨।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡ଼ପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆଠାରେ ଭଦ୍ରକ ଏମ୍ପି ଅଭିମନ୍ୟୁ ସେଠୀ ଓ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଗଡ଼ପୋଖରୀ ଉପସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପ୍ରଥମେ ଏମ୍ପି ଓ ବିଧାୟକଙ୍କୁ ସ୍ଥାନୀୟ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ପ୍ରକଳ୍ପ ନିର୍ମିତ ସ୍ଥାନକୁ ପାଛୋଟି ନେଇଥିଲେ। ୨୮ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ପ୍ରକଳ୍ପର ଶିଳାନ୍ୟାସ ପରେ ଉଭୟ ନେତା ସାଧାରଣ ସଭାରେ ଯୋଗଦେଇ ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ସକ୍ଷମ ହୋଇଥିବା ପ୍ରକାଶ କରିଥିଲେ। ଆନନ୍ଦ ବଲ୍ଲଭ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଭାଜପା ମଣ୍ଡଳ ସଭାପତି ପତିତପାବନ କର, ସମିତିସଭ୍ୟ ଶତ୍ରୁଘ୍ନ ସେଠୀ, କୁପାରୀ ସମିତିସଭ୍ୟ ଅକ୍ଷୟ କୁମାର ଜେନା, ପୂର୍ବତନ ସରପଞ୍ଚ ମନ୍ମଥ ନାୟକ, ସୁଦର୍ଶନ ମହାପାତ୍ର, ଯୁଧିଷ୍ଠିର ଜେନା, ଗଣନାଥ ସିଂ, ବସନ୍ତ ସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

# ବାଟୋଇଙ୍କୁ ଜଳ ଯୋଗାଇଲେ ୩ ସଙ୍ଗଠନ

ଭୋଗରାଇ, ୧୨।୫(ପ୍ରଦୀପ ଦାସ)

ପ୍ରଚଣ୍ଡ ଗ୍ରୀଷ୍ମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଦୂରସ୍ଥାନକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡର ଅପେକ୍ଷାରତ ଯାତ୍ରୀ ଏବଂ ବାଟୋଇଙ୍କ ସକାଶେ ଭୋଗରାଇ ବ୍ଲକ କମର୍ଦ୍ଦା ବସ୍‌ଷ୍ଟାଣ୍ଡଠାରେ ୩ ସାମାଜିକ ସଙ୍ଗଠନ ତୃଷାର୍ତ୍ତମାନଙ୍କୁ ଜଳ ଯୋଗାଇ ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି। ଏଥି ନିମନ୍ତେ ଅଗ୍ରଣୀ ସାମାଜିକ ସଙ୍ଗଠନ ସ୍ମାଇଲ ଯୁଥ କ୍ଲବ୍, ଭାରତ ରତ୍ନ ଫାଉଣ୍ଡେଶନ ଓ କସବା କମର୍ଦ୍ଦା ପଞ୍ଚାୟତର ମିଳିତ ସହଯୋଗରେ ବହୁ ସାମାଜିକ କର୍ମୀ ରବିବାରଠାରୁ ଥଣ୍ଡା ପାନୀୟ ଜଳଛତ୍ରର ଶୁଭାରମ୍ଭ କରି ଜଳଦାନ କରିଛନ୍ତି। ପ୍ରାକ୍ତନ ସରପଞ୍ଚ ଉମାକାନ୍ତ ପ୍ରଧାନ, ସଦସ୍ୟ କେଶବ କୁମାର ମିଶ୍ର ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଖବରଦାତା ନରନାରାୟଣ ମିଶ୍ର, ଅଂଶୁମାନ ରାଉତ, ସାମାଜିକ କର୍ମୀ ଗୁରୁପଦ ସାହୁ ସ୍ମାଇଲ୍ ଯୁଥ କ୍ଲବ୍‌ର ସଭାପତି ଭାରତ ରତ୍ନ ଜେନା, ବିଧାନ କୁମାର ଜେନା, କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ, ଜଗନ୍ନାଥ ପଣ୍ଡା, ମାନସ କୁମାର ଭଞ୍ଜ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ



ଜୟନ୍ତୀ ଉତ୍ସବରେ ଅତିଥି ଓ ଅନ୍ୟମାନେ।

ନୀଳଗିରି, ୧୨।୫(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ତେଲିପାଳ ୟିଆଡ଼ ଯୁଆନ ସ୍ପୋର୍ଟି କ୍ଲବ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଜୟନ୍ତୀ ସୋମବାର ପାଳନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଓ ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ମଦନମୋହନ ମାଝୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଗ୍ରାମ ମହାଦେବ ପୋଖରୀରୁ ପାଣି ଉତ୍ତୋଳନ କରାଯାଇ ପଣ୍ଡିତ ମୁର୍ମୁଙ୍କ ପ୍ରତିମୂର୍ତ୍ତିକୁ ତେଲ, ହଳଦୀ ଓ ବିଭିନ୍ନ ସୁବାସିତ ପଦାର୍ଥରେ ଗାଧୋଇ ଦେବା ସହ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀ ଜନଜାତିଙ୍କ ଈଶ୍ୱର ତଥା ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ମୁର୍ମୁଙ୍କୁ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଅତିଥିଙ୍କୁ ସ୍ୱାଗତ କରାଯିବା ସହିତ ଆଦିବାସୀ ସମ୍ପ୍ରଦାୟର ସମସ୍ତ ଲୋକମାନେ ଝୁମିଥିଲେ।

ଏହି ଅବସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଯୋଗଦେଇ ପଣ୍ଡିତ ମୁର୍ମୁଙ୍କ ଜୀବନୀ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଶିବିରରେ ଉପେନ୍ଦ୍ର ଦାସ, ସାମାଜିକ କର୍ମୀ ଗଙ୍ଗାଧର ମିଶ୍ର, ସୁନାରାମ ସୋରେନ, ଫକୀର ମୁର୍ମୁ, ଅଶୋକୀସିନୀ ନାୟକ, ପୂର୍ବତନ ସରପଞ୍ଚ ସେରାଲ ବାସ୍କେ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡି, ଯୋଗେନ୍ଦ୍ର ମାଝି, ରଘୁନାଥ ମାଝି, ଲମ୍ବୋଦର ମାଝି, ହରେକୃଷ୍ଣ ହେମ୍ବ୍ରମ, କାରୁ ହେମ୍ବ୍ରମ, ଦୁଲ୍ଲା ମାର୍ଣ୍ଡି, ଶ୍ୟାମସୁନ୍ଦର ଟୁଡୁ, ଜଗନ୍ନାଥ ବାସ୍କେ, ସଭାପତି ଭାଗବତ ମାଝି, ସମ୍ପାଦକ ଚନ୍ଦନ କପମାର ମାଝି, ପାରୁ ମାଝି, ଦାସ ମାଝି, ବାଦଲ ମାଝି ଓ ଚୈତନ୍ୟ ମାଝି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ତୋରାଣିପଦାରେ ସ୍ୱାସ୍ଥ୍ୟସେବା ଶିବିର



ଡା. ବ୍ରଜସୁନ୍ଦର ସ୍ୱାଇଁ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଖଇରା, ୧୨।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ତୋରାଣିପଦାସ୍ଥିତ ତୋରାଣିଆ କ୍ଲବ ପରିସରରେ ଶନିବାର ପୂର୍ବାହ୍ନରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ୱାର୍ଡସଭ୍ୟ ଉମ୍ବରୁଧର ବାରିକ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡା. ବ୍ରଜସୁନ୍ଦର ସ୍ୱାଇଁ ୩ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଚର୍ଚ୍ଚିତା ମହାନ୍ତି ରୋଗୀଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ସରପଞ୍ଚ ପ୍ରତିନିଧି ହୃଦୟ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ସନ୍ଧ୍ୟାରାଣୀ ବେହେରା, ପ୍ରୀତିଲତା ସାହୁ, ବ୍ରହ୍ମାନନ୍ଦ ନାୟକ, ବିଭୂତି ଭୂଷଣ ବରାଳ, ମୂରଲୀ ସୁତାର, ପୂର୍ଣ୍ଣଚନ୍ଦ୍ର ଖିଲାର, ସୁବାସ ଚନ୍ଦ୍ର ସୁତାର, ବ୍ରଜକିଶୋର ମଲ୍ଲିକ ଓ ମୋହନ ଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ଗାଁ ମାଟିରେ ସମ୍ବର୍ଦ୍ଧନା

ଜଳେଶ୍ୱର, ୧୨।୫(ନବୀନ ସାହୁ)

୩୦ବର୍ଷ ଧରି ବିଏସ୍‌ଏଫ୍‌ରେ ଚାକିରି କରି ଅବସର ନେଇଛନ୍ତି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସର୍ଦ୍ଦାରବନ୍ଧ ପଞ୍ଚାୟତ ରାଉତରାପୁର ଗ୍ରାମର ରାଜେନ୍ଦ୍ର ନାଥ ଜେନା। ନିଜ ଜନ୍ମ ମାଟିକୁ ଫେରିଲା ପରେ ଗାଁରେ ଖେଳିଯାଇଛି ଆନନ୍ଦର ଲହରୀ। ଫୁଲମାଳ ଦେଇ ପାଛୋଟି ନେଇଛନ୍ତି ଗ୍ରାମବାସୀ।

ରାଜେନ୍ଦ୍ର ୧୯୮୫ ରେ ପଶ୍ଚିମବଙ୍ଗର କୋଚବିହାରଠାରେ ବିଏସ୍‌ଏଫ୍‌ରେ ଜଣେ କନଷ୍ଟେବଲ ଭାବେ ଯୋଗ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଚାକିରିରେ ପଦୋନ୍ନତି ହୋଇ ସେ କନଷ୍ଟେବଲରୁ ଇନ୍ସପେକ୍ଟର ଟେକ୍ନିକାଲ ହୋଇଥିଲେ। ଗତ ଏପ୍ରିଲ ୩୦ରେ କାଶ୍ମୀର ଶ୍ରୀନଗର ବିଏସ୍‌ଏଫ ସେକ୍ଟର ହେଡ୍‌କ୍ୱାଟରରୁ ସେ ଚାକିରିରୁ ଅବସର ନେଇଥିଲେ। ରବିବାର ସନ୍ଧ୍ୟାରେ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସର୍ଦ୍ଦାରବନ୍ଧ ପଞ୍ଚାୟତ ସଦସ୍ୟ ଗଣେଶ ସୋରେନ, ନିହାର ରଞ୍ଜନ ଦାସ, ଲକ୍ଷ୍ମଣ ହେମ୍ବ୍ରମ, ଶକ୍ତିପଦ ମହାନ୍ତ, ପୁରୁଷୋତ୍ତମ ମାନ୍ନା, ଇମାନୁଏଲ ସିଂ ଓ ଦିଲୀପ ଜେନା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଗାଁର ଯୁବକମାନଙ୍କୁ ନିଶାମୁକ୍ତ କରିବା ସହିତ ଶିକ୍ଷା କ୍ଷେତ୍ରରେ କିପରି ଅଗ୍ରଗତି କରିପାରିବେ ସେ ଦିଗରେ ଧ୍ୟାନ ଦେବେ ବୋଲି ରାଜେନ୍ଦ୍ର କହିଛନ୍ତି।



ଗ୍ରାମବାସୀଙ୍କ ଗହଣରେ ସେନା ଅଧିକାରୀ।

# ଅଜଣା ବୃଦ୍ଧାଙ୍କ ମୃତଦେହ ସତ୍କାର କଲା ଆଦର୍ଶ ଯୁବ ପରିଷଦ

ସୋର, ୧୨।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅନନ୍ତପୁର ଅଞ୍ଚଳରେ ଜଣେ ବୃଦ୍ଧାଙ୍କ ମୃତଦେହ ପଡିଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହକୁ ଜବତ କରି ସୋର ଡାକ୍ତରଖାନାକୁ ଆଣିଥିଲା। ମାତ୍ର ତାଙ୍କର ପରିବାରର କେହି ନ ଆସିବାରୁ ପୋଲିସ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ମାତ୍ର ମୃତଦେହ ନେବା ପାଇଁ କେହି ନ ଆସିବାରୁ ସଂରକ୍ଷିତ ଶବାଗାରରେ ରଖାଯାଇଥିଲା। ନିୟମ ଅନୁସାରେ କେହି ଦାବିଦାର ନ ଆସିବାରୁ ସୋର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକ, ସୋର ଆଇଆଇସି ସୁଦୀପ୍ତ କୁମାର ସାହୁଙ୍କ ଉପସ୍ଥିତିରେ ସୋମବାର ଉକ୍ତ ଅଜଣା ମୃତଦେହକୁ ସ୍ୱେଚ୍ଛାସେବୀ ସେବା ସଙ୍ଗଠନ ଆଦର୍ଶ ଯୁବ ପରିଷଦ ଦ୍ୱାରା ସୋର ସ୍ୱର୍ଗଦ୍ୱାର ନିକଟକୁ ନେଇ ପୋତାଯାଇଥିଲା। ଏନେଇ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫୭/୨୫) ରୁଜୁ କରାଯାଇଛି। ସୋର ପୌରପାଳିକା ୯ନଂ. ୱାର୍ଡ ପାରିଷଦ ରଞ୍ଜନ ଦାସ ଉପସ୍ଥିତ ରହି ସହଯୋଗ କରିଥିଲେ।



ପୋଲିସ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଆଦର୍ଶ ଯୁବ ପରିଷଦର କର୍ମକର୍ତ୍ତା।

# '୩୬୫ ଦିନ ହେଉ ମାତୃତ୍ୱ ଦିବସ'

କାଳିପଦା, ୧୨।୫(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ କାଳିପଦା ବଜାରଠାରେ ଜନନୀ ପରିବାର ପକ୍ଷରୁ ରବିବାର ସନ୍ଧ୍ୟାରେ ବିଶ୍ୱ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜନନୀ ପରିବାର ମୁଖ୍ୟ ଆଇନଜୀବୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ମା'ଙ୍କ ସ୍ନେହ ଓ ମମତାକୁ କୌଣସି ମାପକାଠିରେ ମପାଯାଇପାରେ ନାହଁ। ବର୍ଷରେ ଗୋଟିଏ ଦିନ କାହିଁକି ୩୬୫ ଦିନ ମାତୃତ୍ୱ ଦିବସ ପାଳନ କରାଯାଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସିଂଲା ଥାନା ଅଧିକାରୀ କମଳିନୀ ତାଣ୍ଡି ଯୋଗଦେଇ ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ କହିଥିଲେ ମା'ଙ୍କୁ ସ୍ନେହ ଓ ସମ୍ମାନ ଦେଲେ ପିଲାମାନେ ସଂସ୍କାରୀ ହେବେ ଓ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ। ସମ୍ମାନିତ ଅତିଥି ଭାବେ ମୁନିମତୀ ଆରତୀ ଦେବୀ, ସାମାଜିକ କର୍ମୀ ସାବିତ୍ରୀ ରାଉତ, ଆରତୀ ପାତ୍ର ଯୋଗଦେଇ ମାତୃତ୍ୱ ଦିବସ ପାଳନ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୧୦ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ସୋର, ୧୨।୫(ଜନ୍ମେଜୟ ମିଶ୍ର)

ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରେ ପୋଖରୀକୁ ଗାଧୋଇବାକୁ ଯାଇଥିବା ଜଣେ ବୃଦ୍ଧ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଯଦୁନାଥ ବେହେରା (୮୫) ସୋମବାର ମଧ୍ୟାହ୍ନରେ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପରେ ପୋଖରୀରୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଉଜ୍ଜୀବିତ ରହିଛି ଆଧ୍ୟାତ୍ମିକ ପରମ୍ପରା, ସଂସ୍କୃତି

## ଗଡ଼ଗଡ଼ିଆ ସାର୍ବଜନୀନ ଚନ୍ଦନ ଉତ୍ସବ

ବାଲେଶ୍ୱର, ୧୨।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରର ଗଡ଼ଗଡ଼ିଆ ସାର୍ବଜନୀନ ଚନ୍ଦନ ଉତ୍ସବ କମିଟି ପକ୍ଷରୁ ଆୟୋଜିତ ୪୬ତମ ଚନ୍ଦନ ଉତ୍ସବର ଚତୁର୍ଥ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ଜନଗହଳି ମଧ୍ୟରେ ଠାକୁରଙ୍କ ନାବକେଳି ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରୁଛି। ତୃତୀୟ ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ସଙ୍ଗଠକ ଭାଗବତ ସାହୁ, ମୁଖ୍ୟବକ୍ତା ସାମାଜିକ କର୍ମୀ ଗିତିକ ଜି ଯୋଗଦେଇ ଚନ୍ଦନ ଉତ୍ସବ ଆଧ୍ୟାତ୍ମିକ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିଛି ବୋଲି ବକ୍ତବ୍ୟରେ କହିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। କମିଟିର ଉପସଭାପତି ହିମାଂଶୁ ଶେଖର ଦାସ ସଭା ପରିଚାଳନା କରିଥିଲେ। ସଭାପତି ସୁଧାସିନ୍ଧୁ ପଣ୍ଡା ପ୍ରାକ୍ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଅମର କୁମାର ସେନ, ଯୁଗ୍ମ ସମ୍ପାଦକ ରଣଜିତ ମୁଖାର୍ଜୀ, ଶୁଭ୍ରାଂଶୁ ଦୀକ୍ଷିତ, ଦୀପକ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀମନ୍ତ ମାଝି ଧନ୍ୟବାଦ ଦେଇଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ଦୁର୍ଦ୍ଦିନରେ ବାଉଁଶ କାରିଗର

■ତାଲିମ ନାହିଁ କି ପ୍ରୋତ୍ସାହନ ନାହିଁ

■ମୁହଁ ଫେରାଉଛନ୍ତି ଯୁବପିଢ଼ି

ବାଲିଆପାଳ, ୧୨।୫(ଗୋପାଳ ଚନ୍ଦ୍ର ସାହୁ)

ଦିନକୁ ଦିନ ଦୁର୍ଦ୍ଦିନ ଭିତରକୁ ଟାଣି ହୋଇଯାଉଛନ୍ତି ବାଉଁଶ କାରିଗର। ଜେଜେ ବାପା, ବାପାଙ୍କ ଅମଳରୁ କରିଆସୁଥିବା କୁଳବେଉସା ଆଜି ବୁଡ଼ିବାକୁ ବସିଛି। ୨୦ବର୍ଷ ପୂର୍ବରୁ ଯେଭଳି ଭଲ ବିକ୍ରିବଟା ହୋଇ ଭଲ ଦି ପଇସା ରୋଜଗାର ହେଉଥିଲା, ତାହା ଆଜି ନାହିଁ। ଫଳରେ ନିରୁତ୍ସାହିତ ହୋଇ ଯୁବପିଢି କୁଳବେଉସାରୁ ମୁହଁ ଫେରାଉଛନ୍ତି। ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରିବା ପାଇଁ ସରକାରୀ ସ୍ତରରେ ମଧ ପ୍ରୋତ୍ସାହନ ନାହିଁ କି ତାଲିମ ମଧ ଦିଆଯାଉନାହିଁ। ଏଭଳି ସ୍ଥିତିରେ ବାଉଁଶ କାରିଗରମାନେ ସେମାନଙ୍କ ଭବିଷ୍ୟତ ନେଇ ଚିନ୍ତିତ ହୋଇପଡ଼ିଛନ୍ତି।

ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ରହିଛି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ମଧୁପୁରା, ବଡ଼ ସିମୁଳିଆ, ବଳରାମପୁର, ବଡ଼ାଶ, ଗୋପୀନାଥପୁର, ଖାଳଡ଼ିହା, ବିରିପାଲିଆର ହରିଜନ ଶ୍ରେଣୀର ବହୁ ପଛୁଆ ବର୍ଗର ଲୋକେ ବାଉଁଶରେ ଘରକରଣା ସାମଗ୍ରୀ ତିଆରି କରି ତାକୁ ବଜାରରେ ବିକ୍ରି କରୁଛନ୍ତି। ସେମାନଙ୍କ ହାତତିଆରି କୁଲା, ପାଛିଆ, ଭୋଗେଇ, ଝାମ୍ପ ଓ ଡଲା ଆଦିର ଯଥେଷ୍ଟ ଚାହିଦା ଥିଲା। ଲୋକେ ସାମଗ୍ରୀ ପାଇଁ ଅଗ୍ରୀମ ଟଙ୍କା ଦେଉଥିଲେ। ଏବେ କିନ୍ତୁ ବେଶି ବିକ୍ରିବଟା ନ ଥିବାରୁ କାରିଗରମାନେ କମ୍ ଦାମ୍‌ରେ ଗ୍ରାହକଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଯେପରି ବିଭିନ୍ନ ସୁବିଧା ସହ ତାଲିମ ଦିଆଯାଉଛି, ଏମାନଙ୍କୁ ସେଭଳି ତାଲିମ ବ୍ୟବସ୍ଥା କରି ତିଆରି କୌଶଳ ଶିଖାଇଲେ ଉତ୍ପାଦିତ ସାମଗ୍ରୀର ଚାହିଦା ନିଶ୍ଚିତ ବଢ଼ିବ ଏବଂ ଲୋକେ ଆଗ୍ରହରେ କିଣିବେ। ଏସବୁର ସୁବିଧା ଆମ ପାଖରେ ନ ଥିବାରୁ ସେହି ପୁରୁଣା କାମ କରିଆସୁଛୁ। କାମ ଛାଡିପାରୁନୁ କି ଅନ୍ୟ କୌଣସି ରୋଜଗାର ପନ୍ଥା ଆପଣେଇ ପାରୁନାହିଁ ବୋଲି ବଡ଼ ସିମୁଳିଆର ବାଉଁଶ କାରିଗର ମୀନତି ଘଡ଼ାଇ, ରମାକାନ୍ତ ଘଡ଼ାଇ, ପଞ୍ଚାନନ ଘଡ଼ାଇ, ବସନ୍ତୀ ଘଡ଼ାଇ ସନ୍ନ୍ୟାସୀ ଘଡ଼ାଇ, ସୀମା ଘଡ଼ାଇ, ଗଣେଶ ଘଡ଼ାଇ, ସନ୍ଧ୍ୟା ଘଡ଼ାଇ, ପୂର୍ଣ୍ଣଚନ୍ଦ୍ର ଘଡ଼ାଇଙ୍କ ସହିତ ଅନ୍ୟ ପରିବାର କୁହନ୍ତି। ଏହି କାମରେ ପେଟ ପୋଷିବା କଷ୍ଟ ହେଉଛି ବୋଲି ଯୁବପିଢ଼ି ମୁହଁ ଫେରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ସରକାରଙ୍କ ପକ୍ଷରୁ ଏମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ତାଲିମ ବ୍ୟବସ୍ଥା କରାଗଲେ କାରିଗରମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରନ୍ତା ବୋଲି ସାମାଜିକ କର୍ମୀ ଅନୁଜ ମହାପାତ୍ର କହିଛନ୍ତି।



ବାଉଁଶ ସାମଗ୍ରୀ ତିଆରିରେ ବ୍ୟସ୍ତ ମହିଳାମାନେ।

## ସଂକ୍ଷେପରେ

### କଟି ମଙ୍ଗଳାଙ୍କ ପୀଠରେ ବାର୍ଷିକୋତ୍ସବ

ବାସୁଦେବପୁର,୧୨।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ଆର୍ଡ୍ଡୁ ଗ୍ରାମରେ ଥିବା ମା' କଟି ମଙ୍ଗଳାଙ୍କ ପୀଠରେ ବାର୍ଷିକୋତ୍ସବ ଅବସରରେ ଚଣ୍ଡୀପାଠ ସହ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ମୁଖ୍ୟ ପୂଜକ ବିଜୟକିଷାନ ସନ୍ଦିବିଗ୍ରହଙ୍କ ଦ୍ୱାରା ଅଧିବାସ ପୂଜା, ଅଙ୍କୁରାରୋପଣ, କାୟାଶୁଦ୍ଧି ସହ ଯଜ୍ଞବେଦୀ ପ୍ରସ୍ତୁତ ହୋଇଥିଲା। ସୋମବାର ପୂର୍ବାହ୍ନରେ ଘଟ ଉତ୍ତୋଳନ କରାଯାଇ ବାଜା, ବାଣ, ରୋଷଣୀରେ କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ଗାଁ ପରିକ୍ରମା କରିଥିଲେ। ସାମାଜିକ କର୍ମୀ ସୀତାକାନ୍ତ ରାଉତଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟଚାଲିଥିବା ବେଳେ କମିଟିର ସଦସ୍ୟମାନେ ସହଯୋଗ କରୁଛନ୍ତି। ମଙ୍ଗଳବାର ପୂର୍ଣ୍ଣାହୁତି ଦିଆଯିବ।

## କନ୍ୟାଘରୁ ଆସିଲା ଲଗ୍ନ ଚିଟାଉ

### ୩୧ରେ ଶିବବିବାହ

ଧୁଷୁରୀ, ୧୨।୫(ଦୀପ୍ତି ରଞ୍ଜନ ନାୟକ)

ଆସନ୍ତା ୩୧ ତାରିଖରେ ଶିବବିବାହ। ଏଥିପାଇଁ ସୋମବାର ଥିଲା ଲଗ୍ନଧରା। ଏହି ଅବସରରେ ଆରଡ଼ି ଆଖଣ୍ଡଳମଣି ପୀଠ ଉତ୍ସବମୁଖର ହୋଇଛି। ସେବାୟତ ଓ ଭକ୍ତମାନେ ବେଶ୍ ଉତ୍ସାହିତ ଥିଲେ। ପରମ୍ପରା ଅନୁଯାୟୀ ଅପରାହ୍ନ ୫ଟାରେ ସମ୍ପୂର୍ଣ୍ଣ ଲୌକିକ ରୀତିରେ ଲଗ୍ନ ଧରାଯାଇଛି। ମାତା ପାର୍ବତୀଙ୍କ ପିତା ସାଜିଥିବା ବିଶ୍ୱଜିତ ପାଢ଼ୀଙ୍କ ବାସଭବନରେ ମଙ୍ଗଳ ବେଳାରେ ଲଗ୍ନ ଚିଟାଉ ଲେଖାଯାଇଥିଲା। ବେଦଜ୍ଞ ପୁରୋହିତଙ୍କ ମଙ୍ଗଳାଷ୍ଟକ ପାଠ ସାଙ୍ଗକୁ ହରିବୋଲ, ହୁଳହୁଳି ଓ ଶଙ୍ଖ ଧ୍ୱନିରେ କନ୍ୟାପିତାଙ୍କ ଗୃହ ପ୍ରକମ୍ପିତ ହୋଇଉଠିଥିଲା।

ବିଧି ଅନୁସାରେ ଲଗ୍ନ ଚିଟାଉକୁ ଏକ ଚାନ୍ଦିରେ ନିର୍ମିତ ରେକାବୀରେ ରଖି ମଙ୍ଗଳ ପ୍ରତୀକ ଲାଲ କପଡ଼ାରେ ବନ୍ଧାଯାଇଥିଲା। ଅନ୍ୟ ଲଗ୍ନ ସାମଗ୍ରୀ ଯଥା ରତ୍ନହାର, ରତ୍ନ ମୁଦ୍ରିକା, ରୌପ୍ୟ ଓ କଂସା ଥାଳି, ପଞ୍ଚ ଦେବତାଙ୍କ ପୂଜା ଉପକରଣ, ରୌପ୍ୟ ଖଟୁଲି, ସପ୍ତ ପାଟଯୋଡ଼ ଓ ଅନ୍ୟାନ୍ୟ ଉପକରଣ ଆଣି କନ୍ୟା ପିତା ସମର୍ପଣ ସକାଶେ ଲଗ୍ନ ମଣ୍ଡପରେ ରଖିଥିଲେ। ପରେ ଏକ ବିରାଟ ଶୋଭାଯାତ୍ରାରେ ଯୋଡ଼ି ମହୁରୀ ଢୋଲର ତାଳେ ତାଳେ କୁଳ ପୁରୋହିତ, ମଧ୍ୟସ୍ଥ ଦେବର୍ଷି ନାରଦ, ଜ୍ୟୋତିଷଙ୍କ ସମେତ ୭ଜଣ ସାମନ୍ତ ଲଗ୍ନ ଚିଟାଉ ଓ ଲଗ୍ନ ଉପକରଣ ନେଇ ବର ପିତା


ଲଗ୍ନ ଚିଟାଉ ଶୋଭାଯାତ୍ରାରେ ନିଆଯାଉଛି।

### ଆଖଣ୍ଡଳମଣି ପୀଠ ଉତ୍ସବମୁଖର

ନଳିନୀ ନିଲୋତ୍ପୋଳ ପଣ୍ଡାଙ୍କ ବାସଗୃହକୁ ଯାଇଥିଲେ। ସେଠାରେ ଲଗ୍ନ ନେଇ ଆସିଥିବା ଅତିଥିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବର ପିତା ମଧ୍ୟସ୍ଥ, ଜ୍ୟୋତିଷ, ପୁରୋହିତ ଓ ସାମନ୍ତମାନଙ୍କୁ ଭୂରି ଭୋଜନରେ ଆପ୍ୟାୟିତ କରିଥିଲେ। ଏହି ଲଗ୍ନ ମହୋତ୍ସବ ଦେଖିବାକୁ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଆରଡ଼ିର ସମସ୍ତ ସେବାୟତଙ୍କ ଗୃହଦ୍ୱାରରେ ପୂର୍ଣ୍ଣ କଳସ ଶୋଭା ପାଇଥିଲା। ନିଜ ଝିଅ ପୁଅଙ୍କ ବିବାହ ଭଳି ସେବାୟତ ପରିବାରରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଆରଡ଼ି ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସଙ୍କ ତତ୍ତ୍ୱାବଧାନରେ ପୀଠରେ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା।

## 'ଜୀବନର ପ୍ରଥମ ପଥ ପ୍ରଦର୍ଶକ ହେଉଛନ୍ତି ବାପା'



ନାରାୟଣ ପ୍ରସାଦ କର ଟ୍ରଷ୍ଟର ତୃତୀୟ ବାର୍ଷିକୋତ୍ସବରେ ଅତିଥି ଓ ଅନ୍ୟମାନେ।

ଭଦ୍ରକ,୧୨।୫(ସନାତନ ରାଉତ/ ରବିନାରାୟଣ ଖିଲାର)

ବାପା, ମା' ଓ ଗୁରୁ ହେଉଛନ୍ତି ଈଶ୍ୱରଙ୍କ ସ୍ୱରୂପ। ବାପା ସନ୍ତାନମାନଙ୍କ ଜୀବନ ପଥରେ ପ୍ରଥମ ପଥ ପ୍ରଦର୍ଶକ ବୋଲି ସୋମବାର ପୂର୍ବାହ୍ନ ୧୧ଟାରେ ଭଦ୍ରକ ସହର ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ନାରାୟଣ ପ୍ରସାଦ କର ଟ୍ରଷ୍ଟର ତୃତୀୟ ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାୟୀ ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ଏମ୍‌ପି ଅଭିମନ୍ୟୁ ସେଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଅବନ୍ତୀ କର, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଓ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ କୁମାର ନାୟକ ଯୋଗ ଦେଇଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା, କଳାକାର ଅଜୟ କୁମାର ନାୟକ, କଥାକାର ରଜନୀକାନ୍ତ ମହାନ୍ତି, ସାହିତ୍ୟିକ ବାସୁଦେବ ବାରିକ, କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଭାଷ ଚନ୍ଦ୍ର ବୋଷଙ୍କ ରଚିତ ପୁସ୍ତକ 'ସ୍ମୃତି ବଲ୍ଲରୀ'ର ପାଠକାର୍ପଣ ହୋଇଥିଲା। ସମ୍ପାଦକ ନୀହାର ରଞ୍ଜନ କର ସମ୍ପାଦକୀୟ ବକ୍ତବ୍ୟ, ତେଜସ୍ୱିନୀ ମହିଳା ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନା ସ୍ୱାଗତ ଭାଷଣ, ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶାଳ ଅତିଥି ପରିଚୟ ପ୍ରଦାନ ଓ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ସାହିତ୍ୟିକା ମମତା ଦାଶ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ପୌରୋହିତ୍ୟରେ ଗୀତି କବିତା ପାଠ କରାଯାଇଥିଲା। ଗୀତିକବି ତଥା ଆକାଶବାଣୀ ଗୀତିକାର ପୀତାମ୍ବର ମିଶ୍ର ମୁଖ୍ୟଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟବକ୍ତା, ବେଷ୍ଟ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, କୃଷିକବି ଅରୁଣ କୁମାର ପାତ୍ର, ଆମ ମାତୃଭାଷା ପରିଷଦର ସମ୍ପାଦକ ଡା. ଅନୀଲ କୁମାର ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ଆଇଚ, ସୁଶାନ୍ତ କୁମାର ନାୟକ, ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଗୟାଧର ଦାସ, ଶିକ୍ଷୟିତ୍ରୀ ମନୋରମା ରାୟ ଓ ଭୂମିକନ୍ୟା ସଙ୍ଗଠନର ସଭାନେତ୍ରୀ ସଂଯୁକ୍ତା ବଳ କବିତାଗୁଡ଼ିକୁ ସଂଯୋଜନା କରିଥିଲେ।

## ପୂର୍ବତନ ସିଆର୍‌ସିସିଙ୍କ ବନ୍ଧୁମିଳନ

ଧାମନଗର, ୧୨।୫ (ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକର ପୂର୍ବତନ ତଥା ପ୍ରଥମ ବ୍ୟାଚ୍ ସିଆର୍‌ସିସିମାନଙ୍କ ବନ୍ଧୁମିଳନ ସମାରୋହ ରବିବାର ବରିଷ୍ଠ ନାଗରିକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅବସରପ୍ରାପ୍ତ ସିଆର୍‌ସିସି ଉମେଶ ଚନ୍ଦ୍ର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ତ୍ରିପାଠୀ, ପୂର୍ବତନ ଏବିଇଓ ନିରଞ୍ଜନ କର, ରାମଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଶଶିକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୧୭ଟି କ୍ଲଷ୍ଟର ଅଧୀନ ତତ୍କାଳୀନ ସିଆର୍‌ସିସି ସୁରେନ୍ଦ୍ର କୁମାର ନାଥ, ନିରାକାର ଧଳ, ପ୍ରଫୁଲ୍ଲ ପାତ୍ର, ଅନିଲ ବଳ, ମନୋଜ କୁମାର ଜେନା, ରବି ପ୍ରଧାନ, ହେମେନ୍ଦ୍ର ନାଥ ମହାନ୍ତି, ନକୁଳ ରାଉତ, ଶୋଭାରାଣୀ ପଣ୍ଡା, ନିରଞ୍ଜନ ପ୍ରଧାନ, ନିରଞ୍ଜନ ମିଶ୍ର, ମଲ୍ଲିଲତା ସାହୁ, ପ୍ରତିଭା ମହାନ୍ତି, ଶାନ୍ତିଲତା ପତି, ଧନେଶ୍ୱର ମହାଲିକ, ହରିହର ସାହୁ ପ୍ରମୁଖ ନିଜର ଅନୁଭୂତି କହିଥିଲେ। ହେମେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଦୁଇଜଣ ଦିବଂଗତ ସିଆର୍‌ସିସି ଓ ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ହଜ୍ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା


ଭଦ୍ରକ ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ହଜ୍ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭଦ୍ରକ,୧୨।୫(ସନାତନ ରାଉତ)

ଭଦ୍ରକ ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ରବିବାର ରାତି ୯ଟା ୩୦ରେ ପୁରୁଣାବଜାରସ୍ଥିତ କାର୍ଯ୍ୟାଳୟଠାରେ ହଜ୍ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସାଉଦି ଆରବକୁ ତୀର୍ଥଯାତ୍ରାରେ ଯାଉଥିବା ଦୁଃଖୀ ସମାଜର ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଇଂ. ସକିଲୁଜ ଜମା ଖାନ ଓ ତାଙ୍କ ସ୍ତ୍ରୀ ଇଂଲିଶ ମିଡିୟମ ସ୍କୁଲର ଅଧ୍ୟକ୍ଷା ତାଜୁଆର ବେଗମଙ୍କୁ ସମ୍ପାଦକ ଇଂ. ରେଜାଏ ରସୁଲଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାଷ୍ଟର ମୁସ୍ତାକ ଗୌହର ଓ ଅବଦୁଲ ଦୟାନ ଜିଆଙ୍କ ମିଲାଦ ସରିଫରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଫାତେହାଖାନୀ ସରିଲା ପରେ ଭଦ୍ରକ ଜମ୍ମା ମସ୍‌ଜିଦର ଏମାମ ହାଫିଜ ଓ କାରୀ ମହମ୍ମଦ ସାଦିକ ହୋସେନଙ୍କ ଉପସ୍ଥିତିରେ ତୀର୍ଥଯାତ୍ରୀଙ୍କୁ ନୂଆ ବସ୍ତ୍ର ଓ ଫୁଲମାଳ ଦିଆଯାଇଥିଲା। ଜିଲାରୁ ୩୧ଜଣଙ୍କ ସମେତ ଓଡ଼ିଶାରୁ ମୋଟ ୪୫୦ଜଣ ହଜ୍ ଯାତ୍ରାରେ ଯାଉଛନ୍ତି ବୋଲି ଭଦ୍ରକ ହଜ୍ କମିଟିର ସାଧାରଣ ସମ୍ପାଦକ ଅସରଫ ଅଲ୍ଲୀ ଖାନ ଓ ହଜ୍ କମିଟିର ଟ୍ରେନର ହାଜି ଅବଦୁଲ ସୁବହୋ ସୂଚନା ଦେଇଛନ୍ତି। ଆସନ୍ତା ୨୦ରୁ ୩୦ ତାରିଖ ମଧ୍ୟରେ ତୀର୍ଥଯାତ୍ରାରେ ଯାଇ ୪୫ ଦିନ ଭିତରେ ସେମାନେ ଫେରିବେ। ସଭାରେ ଦୁଃଖୀ ସମାଜର ସଭ୍ୟ ହାଜି ସବବୀର ଅଲି, ଇଂ. ହବିବୁଲ୍ଲା ଖାନ, ହାଜି ତବାରକ ଅଲି, ହାଜି ମତଲୁବ ଅଲି, ହାଜି ଅବୁ ହୋସେନ, ଜମିଲ ଅଖତର ଖାନ, ମହମ୍ମଦ ଜକାଉଲ୍ଲା, ହାଜି ଅବଦୁଲ ମୁକିତ ଖାନ, ଶେଖ୍ ଆସିଫ ଅଲ୍ଲୀ, ଲିଖା ମାଷ୍ଟର, ଝମଝମ ଅଲି, ମିର୍ଜା ଏକ୍ରାମ ବେଗ୍, ଅଖତର ଅଲି, ହାଜି ଫକରେ ଆଲାମ, ଇବରାର ହୋସେନ, ମିର୍ଜା ଫରିଦ ବେଗ୍, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର, ଶେଖ୍ ହବିବୁଲ୍ଲା, ଜାୱେଦ ଅଖତର, ଶେଖ୍ ଅବୁକାଲାମ, ବୁଲୁ ଭାଇ, ଶେଖ୍ ରାଜା ପ୍ରମୁଖ ଉପସ୍ଥିତ ଥିଲେ।

## ଚାପ ଖେଳିଲେ ତିନିଠାକୁର


ତିନିଠାକୁର ମନ୍ତେଇ ନଦୀରେ ଚାପ ଖେଳୁଛନ୍ତି।

ଚାନ୍ଦବାଲି,୧୨।୫(କିଷାନ ପାତ୍ର)

ଚନ୍ଦନ ଯାତ୍ରା ଅବସରରେ ସୋମବାର ଚାନ୍ଦବାଲି ବ୍ଲକ ବଜାରପୁର ପଞ୍ଚାୟତରେ ତିନିଠାକୁର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ନଦୀରେ ଚାପ ଖେଳିଛନ୍ତି। ପୂର୍ବାହ୍ନରେ ମନ୍ଦିରରୁ ଦିଅଁମାନଙ୍କୁ ସାଙ୍ଗରେ ନେଇ ଶୋଭାଯାତ୍ରାରେ ଭଜନ କୀର୍ତ୍ତନ ସହ ବାଲିଆପାଳସ୍ଥିତ ମନ୍ତେଇ ନଦୀ କୂଳକୁ ନିଆଯାଇଥିଲା। ସେଠାରେ କୈବର୍ତ୍ତଙ୍କ ଏକ ବୋଟ୍ ସାହାଯ୍ୟରେ ତିନିଠାକୁରଙ୍କୁ ମନ୍ଦିରଠାରୁ ୨୦ କିଲୋମିଟର ପର୍ଯ୍ୟନ୍ତ ଜଳରେ ୫ ଘଣ୍ଟା ଚାପ ଖେଳାଯାଇଥିଲା। ୬୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପରମ୍ପରା ରହିଆସିଛି। ଅପରାହ୍ନ ୪ଟାରେ ତିନିଠାକୁର ନଦୀକୂଳରେ ପହଞ୍ଚିବା ପରେ ଭକ୍ତମାନଙ୍କ ଗହଣରେ ଗାଁ ପରିକ୍ରମା କରି ମନ୍ଦିରକୁ ପ୍ରବେଶ କରିଥିଲେ।

## ବ୍ରାଉନସୁଗାର ଜବତ, ୨ ଗିରଫ

ଭଦ୍ରକ,୧୨।୫ (ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ପୋଲିସ ରବିବାର ସକାଳ ୯ଟା ବେଳେ ପାଟ୍ରୋଲିଂ କରୁଥିବା ବେଳେ ବ୍ରାଉନସୁଗାର ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିଛି। ସୋମବାର ମଧ୍ୟାହ୍ନରେ ପୁରୁଣାବଜାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସମ୍ମିତ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପୁରୁଣାବଜାର ଥାନା ସବ୍‌ଇନ୍ସପେକ୍ଟର ପ୍ରିୟବ୍ରତ ବିଶ୍ୱାଳ ତାଙ୍କ ଟିମ୍ ସହ ପାଟ୍ରୋଲିଂ କରୁଥିବା ବେଳେ ପୁରୁଣାବଜାର ଥାନା ଅଧୀନ ସାହିଦାବାଦ ପୋଲ ନିକଟରେ ବ୍ରାଉନସୁଗାର କିଣାବିକା କରାଯାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ସେଠାରେ ପୋଲିସ ପହଞ୍ଚି ସମ୍ପୂର୍ଣ୍ଣ ଅଞ୍ଚଳକୁ ବ୍ଲକିଂ କରିବା ସହ ପୁରୁଣାବଜାର ଥାନା ଅଧୀନ ଶଙ୍କରପୁର ଦରଜୀପଟିର ଫରଜାନ୍ ଶାହା(୨୧) ଓ ଶେଖ୍ ଦୟାନ(୨୬)ଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୩୭.୫ ଗ୍ରାମ୍ ବ୍ରାଉନସୁଗାର ସହ ଏକ ବାଇକ୍ (ଓଡି ୨୨ ଏଫ୍ ୦୭୮୭) ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଏନେଇ ସବ୍‌ଇନ୍ସପେକ୍ଟର ବିଶ୍ୱାଳଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୧୦୮/୨୫) ରୁଜୁ କରାଯାଇ ଗିରଫ ଦୁଇଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ।

## ଧାନକିଣା ସଫଳତା: ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବ ଭାଜପା


ପ୍ରସ୍ତୁତି ବୈଠକରେ ଭାଜପା କର୍ମକର୍ତ୍ତା।

ଚାନ୍ଦବାଲି,୧୨।୫(କିଷାନ ପାତ୍ର)

ଓଡ଼ିଶାରେ ଭାଜପା ସରକାର ଆସିବା ପରେ ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବା ଓ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀ ଆକାଉଣ୍ଟକୁ ଟଙ୍କା ଆସିବା ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମଙ୍ଗଳବାର ଭଦ୍ରକ ଜିଲା ଚାନ୍ଦବାଲି କାଳୀମନ୍ଦିର ପଡ଼ିଆରେ ଧନ୍ୟବାଦ ସଭା ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ମଧ୍ୟାହ୍ନରେ ଚାନ୍ଦବାଲି ଅରଣ୍ୟ ନିବାସ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧନ୍ୟବାଦ ସଭାରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମାବେଶରେ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରାୟ ୫ହଜାର ଚାଷୀ ଯୋଗଦେବେ ବୋଲି ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ସୂଚନା ଦେଇଛନ୍ତି। ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର କୁମାର ରାଉଳ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉତ, ଜିଲା ସମ୍ପାଦକ କମଳାକାନ୍ତ ସୂତାର, ନିର୍ବାଚନମଣ୍ଡଳୀ ସଂଯୋଜକ କିଶୋର ନାୟକ, ଲଲାଟେନ୍ଦୁ ରାୟ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, ଶଶିକାନ୍ତ ଦାସ, ପାରିଷଦ ଚନ୍ଦନ ରାଉତ, ଜଗନ୍ନାଥ ରାଉତ, ବିଜୟ କୁମାର ବେହେରା, ବିଳାସ ନାୟକ, ନୀଳମଣି ପଣ୍ଡାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ତାଲିମ ନେଲେ ଶତାଧିକ ଏନ୍‌ସିସି କ୍ୟାଡେଟ


ତାଲିମ ଶିବିରରେ ଅତିଥିଙ୍କ ସହ ଶିବିରାର୍ଥୀମାନେ।

ତିହିଡ଼ି,୧୨।୫ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବାରୋ ପଞ୍ଚାୟତସ୍ଥିତ ଦହପାଣିଆ ସରକାରୀ ହାଇସ୍କୁଲରେ ଚାଲିଥିବା ୭ମ ଓଡ଼ିଶା ଏନ୍‌ସିସି ବାଟାଲିୟନ, ଭଦ୍ରକର ବାର୍ଷିକ ତାଲିମ ଶିବିର ରବିବାର ସନ୍ଧ୍ୟା ୬ଟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ୍. ଏସ୍. ରଘୁବଂଶୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଦେଶ ଗଠନ ଏନ୍‌ସିସି କ୍ୟାଡେଟମାନଙ୍କ ସ୍ୱପ୍ନ ହେବା ଆବଶ୍ୟକ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ସେନା ମଣ୍ଡଳର ସୁବେଦାର ମେଜର ଯଶୋବନ୍ତ ସିଂ ଓ ହାଇସ୍କୁଲର ପ୍ରଧାନଶିକ୍ଷକ ସନତ କୁମାର ବେହେରା ଯୋଗଦେଇ କ୍ୟାଡେଟଙ୍କ ଭିତରେ ଦେଶପ୍ରେମ ଜାଗ୍ରତ କରାଇବା ଶିବିରର ଲକ୍ଷ୍ୟ ବୋଲି କହିଥିଲେ। ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ଡ. ଉଦୟ ରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ଡ. ପ୍ରବୀର କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ଶିବିରରେ ବିଭିନ୍ନ ସ୍କୁଲ ଓ କଲେଜର ଶତାଧିକ ଏନ୍‌ସିସି କ୍ୟାଡେଟ ଅଂଶଗ୍ରହଣ କରି ତାଲିମ୍ ନେଇଛନ୍ତି। ବିଭିନ୍ନ କଲେଜ ଓ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମୁଖ୍ୟଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

୧୦ଦିନିଆ ଏହି ଶିବିରରେ ଦହପାଣିଆସ୍ଥିତ ବାସୁଳି ମନ୍ଦିର ପରିସରରେ ସଫେଇ କାର୍ଯ୍ୟ ହୋଇଥିଲା। ଶତାଧିକ କ୍ୟାଡେଟ ଲୁଣିଆସ୍ଥିତ ଶହୀଦମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ମୃତି ସ୍ତମ୍ଭ ପରିସର ସଫେଇ କରିଥିଲେ। ସରପଞ୍ଚଙ୍କ ସମେତ ସ୍ଥାନୀୟ ଅଧିବାସୀ ଉପସ୍ଥିତ ରହି ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ତିହିଡ଼ି ଡାକ୍ତରଖାନାର ଡା. ଅଂଶୁମାନ ବେହେରା ଶିବିରରେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ହାଡ଼ଭଙ୍ଗା, ସାପକାମୁଡ଼ା ଆଦିର ପ୍ରାଥମିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ସୂଚନା ଦେଇଥିଲେ। ଲେଫ୍ଟନାଣ୍ଟ ଡ. ପ୍ରଭାତ ରଞ୍ଜନ ଦୀକ୍ଷିତ, ବିପଦ ଭଞ୍ଜନ ପଣ୍ଡା, ଦୁର୍ଗାଶଙ୍କର ଦାସ, ପ୍ରିୟରଞ୍ଜନ ବେହେରା, ଶରତ କୁମାର ଜେନା, ରମେଶ ଚନ୍ଦ୍ର ନାଥ, ନିତ୍ୟନାରାୟଣ ଜେନା, ଶିକ୍ଷୟିତ୍ରୀ ଦେବୀଦତ୍ତା ଦାଶଙ୍କ ସମେତ ଭଦ୍ରକ ବାଟାଲିୟନର ଏନ୍‌ସିସି ଅଫିସରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମନସ୍କାମନା ପୂରଣ କରନ୍ତି ସିନ୍ଧୁକେଶ୍ୱର ମହାଦେବ

ଆଗରପଡ଼ା,୧୨।୫(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଅଣିଜୋ ପଞ୍ଚାୟତର ଅଣିଜୋ ଗ୍ରାମରେ ରହିଛି ସିନ୍ଧୁକେଶ୍ୱର ମହାଦେବଙ୍କ ପୀଠ। ଏଠାରେ ମାନସିକ କରୁଥିବା ଭକ୍ତମାନଙ୍କ ମନସ୍କାମନା ସିନ୍ଧୁକେଶ୍ୱର ମହାଦେବ ପୂରଣ କରନ୍ତି। କୌଣସି ଭକ୍ତ ଖାଲି ହାତରେ ବାବାଙ୍କଠାରୁ ଫେରନ୍ତି ନାହିଁ ବୋଲି କୁହାଯାଏ। ଏହି ମନ୍ଦିରର ପୂର୍ବ ଦିଗରେ ମୁଖଦ୍ୱାର ଏବଂ ସମ୍ମୁଖରେ ଅଶ୍ୱତ୍ଥ ଗଛ ମୂଳେ ବୃଷଭଙ୍କ ମୂର୍ତ୍ତି ରହିଛି। ମନ୍ଦିର ଉତ୍ତର ଦ୍ୱାର ଏବଂ ଦକ୍ଷିଣ ଦିଗରେ ଏକ ଦ୍ୱାର ସହ ପୁଷ୍କରିଣୀ ଅଛି। ବେଢ଼ା ଭିତରେ ଥିବା ବାମ୍ଫିର ଜଳ ମନ୍ଦିର ନୀତିକାନ୍ତି ସହ ପୂଜାର୍ଚ୍ଚନା ପାଇଁ ବ୍ୟବହାର ହୋଇଥାଏ। ମନ୍ଦିରର ପରିପାର୍ଶ୍ୱରେ ଗଣେଶ, ଜଗନ୍ନାଥ, ହନୁମାନ, ପାର୍ବତୀ ଓ ସ୍ୱୟଂବାବା ସିନ୍ଧୁକେଶ୍ୱର ବିରାଜମାନ ଅଛନ୍ତି। ମନ୍ଦିର ସମ୍ମୁଖରେ ୯ ଫୁଟ୍ ଉଚ୍ଚତା ବିଶିଷ୍ଟ ଖମ୍ବରେ ବାସୁଆ ବଳଦ ଅଛନ୍ତି। କଳା ମୁଗୁନି ପଥରରେ ନିର୍ମିତ ଲିଙ୍ଗର ଗୋଲେଇ ପ୍ରାୟ ସାତ ହାତ ହେବ ଏବଂ ଉଚ୍ଚତା ପ୍ରାୟ ୪ ଫୁଟ୍। ବାବାଙ୍କ ଲିଙ୍ଗରେ ଥିବା ତମ୍ବା ନାଗର ଉଚ୍ଚତା ପ୍ରାୟ ୪ ଫୁଟ ହୋଇଥିବା ବେଳେ ବାବାଙ୍କ ରୁପାର ମୁକୁଟ ଅତି ଆକର୍ଷଣୀୟ। ପ୍ରତ୍ୟେହ ପ୍ରାତଃ ୫ଟା ବେଳେ ବାବାଙ୍କ ପୂଜାର୍ଚ୍ଚନା ସହ ପୁନଶ୍ଚ ପୂର୍ବାହ୍ନ ୧୦ଟାରେ ଚରଣ ପୂଜା ଏବଂ ସନ୍ଧ୍ୟା ସମୟରେ ଆଳତି କରାଯାଇଥାଏ।


ବାବା ସିନ୍ଧୁକେଶ୍ୱର ମହାଦେବ।

୧୯୧୮ରେ ଏହି ମନ୍ଦିର ନିର୍ମିତ ହୋଇଥିଲା। ମନ୍ଦିର ନିର୍ମାଣ ପୂର୍ବରୁ ବାବାଙ୍କର ତାଳବରଡ଼ାରେ ଛାମୁଣ୍ଡା କରାଯାଇ ପୂଜା ବିଧି ପାଇଁ ସୁଦୂର ଯାଜପୁରରୁ ପୂଜକ ଆସି ପୂଜାର୍ଚ୍ଚନା କରୁଥିଲେ। ମନ୍ଦିରର ପଣ୍ଡା ଓ ନାଲଗରା ନିବାସୀ ଯଶୋବନ୍ତ ଚୌଧୁରୀ, ରାମାନୁଜ ବ୍ରହ୍ମଚାରୀ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା। ହେଲେ ମନ୍ଦିର ନିର୍ମାଣ ପରେ ଯଶୋବନ୍ତ ଚୌଧୁରୀଙ୍କ ବଂଶ ଲୋପ ପାଇଯାଇଥିଲା। ପରବର୍ତ୍ତୀ ସମୟରେ ରାମାନୁଜ ବ୍ରହ୍ମଚାରୀ ସ୍ଥାନୀୟ ଅଞ୍ଚଳରୁ ସାହାଯ୍ୟ ମାଗି ମନ୍ଦିର ପୁନଃ ପ୍ରତିଷ୍ଠା କରିଥିଲେ। ଲୋକକଥାରୁ ଜଣାଯାଏ ଯେ, ବାବା ଏକ ଗଭୀର ସ୍ଥାନରୁ ବାହାରିଥିବାରୁ ତାଙ୍କ ନାମ ସିନ୍ଧୁକେଶ୍ୱର ନାମିତ କରାଯାଇଛି। ବର୍ତ୍ତମାନ ଏହି ପ୍ରସିଦ୍ଧ ଶୈବପୀଠର ଦାୟିତ୍ୱ ପ୍ରଫୁଲ୍ଲ କୁମାର ପଣ୍ଡା ତୁଲାଉଛନ୍ତି। ସିନ୍ଧୁକେଶ୍ୱର ମହାଦେବଙ୍କ ନାମରେ ବହୁ ଖ୍ୟାତି ରହିଛି। ଏଠାରେ ଅନେକ ସମୟରେ ଦୁରାରୋଗରେ ପୀଡ଼ିତ ଭକ୍ତମାନେ ଅଧିଆ ପଡ଼ି ଭଲ ହୋଇଥାନ୍ତି ବୋଲି ଏଠାକାର ପୂଜକ ଶରତ କୁମାର ପଣ୍ଡା କହନ୍ତି। ସଦାସର୍ବଦା ଲୋକେ ଏଠାକୁ ଆସୁଥିବା ବେଳେ ଜାଗର ଅମାବାସ୍ୟାରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମେ। ଦୋକାନ ବଜାର ବସିବା ସହ ମେଳା ଜମିଥାଏ। ଏହି ଶୈବପୀଠ ବଣ ମଲ୍ଲୀ ପରି ଆଡୁଆଳରେ ରହିଯାଇଥିବାରୁ ଦୂରଦୂରାନ୍ତର ଭକ୍ତମାନେ ଏହି ଶୈବପୀଠର ମହିମା ବିଷୟରେ ଅବଗତ ହୋଇପାରୁ ନାହାନ୍ତି। ସରକାରଙ୍କ ପକ୍ଷରୁ ଏହାକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ମିଳିଲେ ବାବାଙ୍କ ମହିମା ପ୍ରଚାର ପ୍ରସାର ହୋଇପାରନ୍ତା ବୋଲି ପୂଜକ ପଣ୍ଡା ମତପ୍ରକାଶ କରିଛନ୍ତି।

# ବୟସ୍କ, ଦିବ୍ୟାଙ୍ଗ ଔଷଧ ବିତରଣ କେନ୍ଦ୍ର ବନ୍ଦ

## ସମସ୍ୟା ଘେରରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ



ବନ୍ଦ ରହିଥିବା ଔଷଧ ବିତରଣକେନ୍ଦ୍ର।

କେନ୍ଦୁଝର,୧୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ବୃଦ୍ଧ ଓ ଦିବ୍ୟାଙ୍ଗ ଔଷଧ ବିତରଣ କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ଫଳରେ ବୟସ୍କ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ କାଉଣ୍ଟରରେ ଛିଡ଼ା ହେବାକୁ ପଡୁଥିବାରୁ ଅକଥନୀୟ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ କରିଛନ୍ତି। ଏପରିକି ସେମାନଙ୍କ ପାଇଁ ଭିତରେ ଖୋଲାଯାଇଥିବା ଏକ ସ୍ୱତନ୍ତ୍ର ଔଷଧ ବଣ୍ଟନ କେନ୍ଦ୍ରକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଭିତର ଔଷଧ ବିତରଣ କାଉଣ୍ଟର ଖୋଲିବା ସହ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ଟିକେଟ୍ କାଉଣ୍ଟର ଖୋଲିବାକୁ ସାଧାରଣରେ ଦାବି ହୋଇଛି।

ସୂଚନାଯୋଗ୍ୟ, ଏହି ଡାକ୍ତରଖାନା ଉପରେ ସାଧାରଣତଃ କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଭଦ୍ରକ ଆଦି ପଡ଼ୋଶୀ ଜିଲା ତଥା ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ବହୁ ରୋଗୀ ନିର୍ଭର କରିଥାନ୍ତି। ମାତ୍ର ଅନୁଷ୍ଠାନର ନୂତନ ବିଲ୍ଡିଂ ହେବା ପରେ ଗୋଟେ ପରେ ଗୋଟେ ସେବା ଅବହେଳିତ ହେବାର ଦେଖାଯାଉଛି। ଏପରିକି ନୂତନ ଧରଣୀଧର ମେଡିକାଲ କଲେଜରେ ରୋଗୀ ଶଯ୍ୟା ବ୍ୟବସ୍ଥା ଚାଲୁ ହେବାପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅବହେଳା କରି ବୟସ୍କ ଓ ଦିବ୍ୟାଙ୍ଗ ଔଷଧ ବିତରଣ କାଉଣ୍ଟର ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଅନେକେ ବାଧହୋଇ ସାଧାରଣ ଲୋକଙ୍କ ସହ ଔଷଧ ନେବାକୁ ଠିଆ ହେଉଛନ୍ତି। ଏଥିଲାଗି ମେଡିକାଲ କର୍ମଚାରୀଙ୍କୁ ପଚାରିବାରୁ ଷ୍ଟାଫ୍ ନ ଥିବା କହିଥିଲେ। ତେବେ ଷ୍ଟାଫ୍ ନିଯୁକ୍ତ ହେଲେ ଏହି କାଉଣ୍ଟର ଖୋଲା ହେବ ବୋଲି କୁହାଯାଇଛି। ଯାହାକୁ ସାମାଜିକ କର୍ମୀ ଦିଲୀପ ସାହୁ ନିନ୍ଦା କରିଛନ୍ତି। ଖରାଦିନେ ଏହିପରି ଅବ୍ୟବସ୍ଥା ଲାଗି ସେ ପ୍ରଶାସନକୁ ଦାୟୀ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ତୁରନ୍ତ ଯୋଗାଇଦେବାକୁ ଦାବି କରିଛନ୍ତି। ଔଷଧ ବିତରଣ କାଉଣ୍ଟର ତୁରନ୍ତ ନ ଖୋଲିଲେ ମେଡିକାଲ ସାମ୍ନାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷେ ମେଡିକାଲ କଲେଜ ସ୍ଥାପନା ହୋଇଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ଶିଶୁ, ମେଡିସିନ, ସ୍ତ୍ରୀ ଓ ପ୍ରସୂତି ତଥା ଅସ୍ଥି ଓ ଶଲ୍ୟ ଚିକିତ୍ସା ଭଳି ବିଭାଗର ଅନ୍ତଃବିଭାଗ ଓ ବହିର୍ବିଭାଗ ଖୋଲି ନ ଥିବାରୁ ଏବେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ମାନସିକ ରୋଗ ବିଭାଗରେ ରୋଗୀଙ୍କ ଲାଗି ଶଯ୍ୟା ନାହିଁ କି ରକ୍ତଭଣ୍ଡାରରେ ରକ୍ତ ପୃଥକୀକରଣ ମେଶିନ ଖତ ଖାଉଛି। ଡିଏମ୍ଏଫ୍‌ରେ ନିଯୁକ୍ତ ଡାକ୍ତରମାନେ ରୋଗୀଙ୍କ ଚିକିତ୍ସା ପାଇଁ ଅପରାହ୍ନରେ ବସୁ ନ ଥିବାରୁ ରୋଗୀମାନେ ବହୁ ଅସୁବିଧା ଭୋଗୁଛନ୍ତି। ପୂର୍ଣ୍ଣ ଚିକିତ୍ସା ସେବା ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରି ଦିଆଯାଉଛି। ଏକ୍ସରେ ଓ ସିଟିସ୍କାନ୍ ବ୍ୟବସ୍ଥା ଅଛି କିନ୍ତୁ ୨୪ ଘଣ୍ଟିଆ ବ୍ୟବସ୍ଥା ପାଇଁ ଥିବା ଡିଜି ମେଶିନ କାମ କରୁନି। ଏହି ସବୁ ସମସ୍ୟାର ସମାଧାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦୁଝର ସିଟିଜେନ କମିଟି ପକ୍ଷରୁ ଦିଲୀପ କୁମାର ସାହୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରି ସମାଧାନ ଦାବି କରିଛନ୍ତି। ସିଡିଏମ୍ଓ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, କର୍ମଚାରୀ ଅଭାବରୁ ଏଭଳି ସମସ୍ୟା ଦେଖାଦେଇଛି। ମେଡିକାଲ କଲେଜ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ସମସ୍ୟା ସମାଧାନ ହୋଇଯିବ।

# ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ତତ୍ପରତା


ଉଠାଜଳସେଚନ ପ୍ରକଳ୍ପ ମରାମତି କରାଯାଉଛି।

ଚମ୍ପୁଆ,୧୨।୫(ମହେଶ୍ୱର ଦାସ)

## ବୈତରଣୀ ନଦୀରେ ଜଳପ୍ରବାହ ବନ୍ଦ ପ୍ରସଙ୍ଗ

କେନ୍ଦୁଝର ଜିଲା କାନପୁର ନଦୀବନ୍ଧ ପ୍ରକଳ୍ପ କାର୍ଯ୍ୟ ପାଇଁ ଚିରସ୍ରୋତା ବୈତରଣୀ ନଦୀରେ ଜଳପ୍ରବାହ ବନ୍ଦ ହୋଇଯାଇଛି। ଫଳରେ ନଦୀ ଉପରେ ନିର୍ଭର କରି ଖରାଟିଆ ଧାନଚାଷ କରିଥିବା ଚାଷୀ ହତାଶ ହୋଇପଡ଼ିଛନ୍ତି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବିଭାଗୀୟ ତତ୍ପରତା ଦେଖାଯାଇଛି। ବିଭାଗ ପକ୍ଷରୁ ଅଚଳ ଉଠାଜଳସେଚନ ପ୍ରକଳ୍ପ ମରାମତି କରାଯାଉଛି।

ପ୍ରକାଶ ଯେ, କାନପୁର ସ୍ଲୁଇସ୍ ଗେଟ୍ କାର୍ଯ୍ୟ ପାଇଁ କୃଷି ବିଭାଗ ଓ ଉଠାଜଳସେଚନ ବିଭାଗ କୌଣସି କୌଣସି ବିକଳ୍ପ ବ୍ୟବସ୍ଥା ନ କରି ନଦୀଜଳ ବନ୍ଦ କରିଦିଆଯାଇଛି। ଫଳରେ ଚାଷୀଙ୍କ ପ୍ରାୟ ୬୦୦ ହେକ୍ଟର ଜମିରେ ଚାଷ ପ୍ରଭାବିତ ହୋଇଛି। ଏ ନେଇ ଚାଷୀମାନେ ଉପଜିଲାପାଳ ଉମାକାନ୍ତ ପରିଡ଼ା ଏବଂ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଦୀର ଜଳସ୍ତର କମିଯିବାରୁ ନଦୀରେ ଲାଗିଥିବା ୪୦ରୁ ଊର୍ଦ୍ଧ୍ୱ ଉଠାଜଳସେଚନ ପ୍ରକଳ୍ପ ବନ୍ଦ ହୋଇପଡ଼ିଥିଲା। ଅନ୍ୟପକ୍ଷରେ ଧାନ ଗଛରେ ଫୁଲ ଫୁଟିବା ସମୟରେ ଜଳାଭାବ ପରିସ୍ଥିତିକୁ ବିଗିଡେଇ ଦେଇଥିବା ଦେଖାଯାଇଥିଲା। ଘଟଣାରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାର ଚାଷୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ବିଧାୟକ ଦାବି କରିଥିଲେ। ପରେ ଅଚଳ ଉଠାଜଳସେଚନ ପ୍ରକଳ୍ପକୁ ବିଭାଗ ପକ୍ଷରୁ ସଚଳ ପାଇଁ ପଦକ୍ଷେପ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ବର୍ତ୍ତମାନ ଉଠାଜଳସେଚନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ମୋଟରଗୁଡ଼ିକୁ ଜଳ ଥିବା ସ୍ଥାନରେ ସ୍ଥାପନ କରାଯାଉଛି। ନଦୀର ଖାଲ ଅଞ୍ଚଳରେ ଥିବା ପାଣି ସଂଗ୍ରହ ପାଇଁ ପାଇପ ବ୍ୟବସ୍ଥା କରାଯାଇ ଜେସିବି ମେଶିନ ଦ୍ୱାରା ନଦୀଗର୍ଭରେ ନାଳ କରାଯାଉଛି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଉଠାଜଳସେଚନ ସହକାରୀ ଯନ୍ତ୍ରୀ ବୁଧରାୟ ସାଙ୍ଗେ ସାମଦ ସୂଚନା ଦେଇଛନ୍ତି।

# ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କେନ୍ଦୁଝର,୧୨।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ଯୋଜନା ଆଧାରରେ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାଧ୍ୟମିକସ୍ତର ୧୦ ଦିବସୀୟ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାନ୍ତ ମାଧ୍ୟମିକ ଶୈକ୍ଷିକ ସଂଯୋଜକ ଆଶିଷ ରଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି ଡ. କିଶୋର ମହାନ୍ତି ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଗାମୀ ପିଢ଼ିଙ୍କୁ ନିଜ ଶିକ୍ଷାଦାନ ମାଧ୍ୟମରେ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମଗ୍ର ଓଡ଼ିଶାର ୧୨୨ ଆଚାର୍ଯ୍ୟା, ଆଚାର୍ଯ୍ୟଙ୍କୁ ୧୪ ଜଣ ପ୍ରଶିକ୍ଷକ ଶିକ୍ଷାଦାନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ବିଜୟ ଦୀକ୍ଷିତ୍ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବକ୍ଷେତ୍ରରେ ବିଦ୍ୟାମନ୍ଦିର ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ ମିଶ୍ର, ତ୍ରିଲୋଚନ ନାଏକ, ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ, ଅନ୍ନପୂର୍ଣ୍ଣା ପାଢ଼ୀ, ସୁକାନ୍ତୀ ଗୌଡ଼, ମଧୁସ୍ମିତା ମିଶ୍ର, ସ୍ମରଣିକା ଜେନା, ଶ୍ରୀକାନ୍ତ ମଲ୍ଲିକ, ପ୍ରଶାନ୍ତ ସାହୁ, ଦେବାଶିଷ ସାମଲ, ମୋତିଲାଲ ମହାନ୍ତ ପ୍ରଶିକ୍ଷକ ଭାବରେ ପ୍ରଶିକ୍ଷଣ କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।

# କାଠ ଯୋଗାଇଲା କେନ୍ଦୁଝର ବନ ବିଭାଗ


ଟ୍ରେଲରରେ ରଥକାଠ ପଠା ଯାଉଛି।

କେନ୍ଦୁଝର, ୧୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

## କେନ୍ଦୁଝର, କେନ୍ଦ୍ରାପଡ଼ାରେ ରଥ ନିର୍ମାଣ

କେନ୍ଦୁଝର ଏବଂ କେନ୍ଦ୍ରାପଡ଼ାରେ ରଥ ନିର୍ମାଣ ପାଇଁ କେନ୍ଦୁଝର ବନବିଭାଗ ମୋଟ ୨୦୩୦ କ୍ୟୁବିକ ଫୁଟ ଶାଳକାଠ ପଠାଇଛି। ବଡ଼ବିଲ ବନାଞ୍ଚଳ ଅନ୍ତର୍ଗତ କେ.ଏନ ରାମ ଖଣି ଲିଜ୍ ଅଞ୍ଚଳରୁ ପ୍ରାୟ ୧୪୭୦ କ୍ୟୁବିକ ଫୁଟ ଶାଳକାଠ କଟାଯାଇ ପ୍ରଭୁ ବଳଦେବଜୀଉଙ୍କ ରଥ ନିର୍ମାଣ ପାଇଁ କେନ୍ଦୁଝର ପଠାଯାଇଛି। ସେହିପରି ତେଲକୋଇ ବନାଞ୍ଚଳ କଳାପାଟ ସଂରକ୍ଷିତ ଜଙ୍ଗଲରୁ ୫୬୦ କ୍ୟୁବିକ ଫୁଟ ଶାଳକାଠ ସଂଗ୍ରହ କରାଯାଇ ପ୍ରଭୁ ବଳଦେବଜୀଉଙ୍କ ରଥ ନିର୍ମାଣ ପାଇଁ କେନ୍ଦ୍ରାପଡ଼ା ପଠାଯାଇଥିବା ବନ ବିଭାଗ ସୂଚନା ଦେଇଛି।

ଉଲ୍ଲେଖଯୋଗ୍ୟ, କେନ୍ଦୁଝର ଜିଲାର ପ୍ରଭୁ ବଳଦେବଜୀଉଙ୍କ ରଥ ବିଶ୍ୱର ସବୁଠାରୁ ଉଚ୍ଚ ରଥଭାବେ ପରିଗଣିତ ହୋଇଆସୁଛି। ଗ୍ଲୋବାଲ ରେକର୍ଡସ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେଶନର ଏକ ସର୍ଭେ ଅନୁଯାୟୀ, କେନ୍ଦୁଝର ଜିଲାରେ ଥିବା ଶ୍ରୀଜିଉଙ୍କ ରଥ ବିଶ୍ୱର ସବୁଠାରୁ ଉଚ୍ଚ। ସେହିପରି ଏସିଆ ପାସିଫିକ ଏବଂ ଇଣ୍ଡିଆନ ନ୍ୟାଶନାଲ ରେକର୍ଡସ ମଧ୍ୟ ୭୨ଫୁଟ ଉଚ୍ଚ ରଥକୁ ବିଶ୍ୱର ସବୁଠାରୁ ଉଚ୍ଚ ଭାବରେ ମାନ୍ୟତା ଦେଇଛନ୍ତି। ଏହି ବିଶାଳ ରଥ ପ୍ରତିବର୍ଷ ପୁନଃ ନିର୍ମାଣ କରାଯାଏ ଏବଂ ଏହା ୩୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପୁରୁଣା ପରମ୍ପରା। ଏ ସମ୍ପର୍କରେ କେନ୍ଦୁଝର ଡିଭିଜନର ଡିଭିଜନାଲ ବନ ଅଧିକାରୀ ଧନରାଜ ଏଚ୍.ଡି. କହିଛନ୍ତି, କୌଣସି ନୂତନ ଗଛ କଟାଯାଇନାହିଁ। ଏହା ଖଣି ଗଛକଟା ଅଞ୍ଚଳରୁ ବ୍ୟବସ୍ଥା କରାଯାଇଛି। ସେହିପରି ତେଲକୋଇରେ ସମାନ ଭାବେ ଏବର୍ଷ କଟା ହେବାକୁ ଥିବା ଗଛର କାଠ ଯୋଗାଇ ଦିଆଯାଇଛି।

# ଟୋଲଗେଟ୍ ନିକଟରୁ ୧୮ ବଳଦ ଉଦ୍ଧାର, ୨ ଅଟକ

ପାଟଣା, ୧୨।୫(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ସୋମବାର ୧୮ ବଳଦଙ୍କୁ ଖିରେଇଟାଙ୍ଗିରି ଟୋଲଗେଟ ନିକଟରୁ ଉଦ୍ଧାର କରି ରାଜନଗର ଗୋଶାଳାରେ ଛାଡିଛି। ସୂଚନା ଅନୁଯାୟୀ ବେପାରୀମାନେ ବଳଦଗୁଡିକୁ ଚଲାଇ ଚଲାଇ ନେଉଥିବା ବେଳେ ବଜରଙ୍ଗୀ ଦଳର କର୍ମୀମାନେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବଳଦଗୁଡିକୁ ଉଦ୍ଧାର କରି ପ୍ରାଣୀ ଡାକ୍ତରଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପରେ ରାଜନଗର ଗୋଶାଳାରେ ଛାଡିଛି। ୨ ବଳଦ ବେପାରୀଙ୍କୁ ତୁରୁମୁଙ୍ଗା ପୋଲିସ ଅଟକ ରଖି ତଦନ୍ତ କରୁଛି। ଅଟକ ଦୁଇ ବ୍ୟକ୍ତି ବାରିଆ ଥାନା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି।

# ଅଲ୍‌ଚିକି ଲିପି ସ୍ରଷ୍ଟାଙ୍କ ଜୟନ୍ତୀ


ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ନିକଟରୁ ଶୋଭାଯାତ୍ରାରେ ଯାଉଛନ୍ତି।

କେନ୍ଦୁଝର,୧୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଶାନ୍ତାଳୀ ଭାଷାର ଲିପି ଅଲ୍‌ଚିକିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜନ୍ମ ଜୟନ୍ତୀ ରବିବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ସହର ଧୋବାଡ଼ିହାଠାରେ ପାଳିତ ହୋଇଯାଇଛି। ଗ୍ରାମର ପୂଜକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ପାଖେ ପୂଜାପାଠ କରି ସମସ୍ତେ ଗୁରୁ ଗୋମ୍‌କେଙ୍କୁ ପ୍ରଣିପାତ କରିଥିଲେ। ଅତିଥିଭାବେ ଶିଶିର ମାର୍ଣ୍ଡି, ଅର୍ଜୁନ ହେମ୍ବ୍ରମ, ଖେଲାରାମ ମାଝୀ ଓ ମୀନା ମାଝୀ ଯୋଗ ଦେଇଥିଲେ। ସନ୍ଧ୍ୟାରେ ନିକଟସ୍ଥ ଗୁମୁରା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରୁଷୋତ୍ତମ ହେମ୍ବ୍ରମ, ଜ୍ୟୋତିଲାଲ ହେମ୍ବ୍ରମ, ଫୁରଲାଇ ହେମ୍ବ୍ରମ, ନିର୍ମଳ ଟୁଡୁ, ଅଜିତ ମୁର୍ମୁ ଆଦି ଏହାର ପରିଚାଳନା କରିଥିଲେ। କେନ୍ଦୁଝରର ଶାନ୍ତାଳୀ ସାହିତ୍ୟ ଅନୁଷ୍ଠାନ, ଧୋବାଡ଼ିହା, ଗୁମୁରା, ଶିରିପୁର ଓ ରାଜବନ୍ଧ ଗ୍ରାମବାସୀମାନେ ଗୁରୁ ଗୋମକେ ଆୟୋଜନ କମିଟି ତରଫରୁ ସୁନାରାମ ମାର୍ଣ୍ଡି, ଦୁଃଖୀଶ୍ୟାମ ମୁର୍ମୁ, ହରିହର ହାଁସଦାଃ ଓ ଶିବଶଙ୍କର ମାର୍ଣ୍ଡି ସହଯୋଗ କରିଥିଲେ।

ସେହିପରି କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଜଡ଼ିଚାତର ଗ୍ରାମର ଆଦିମ ମାର୍ଶାଲ ସାନ୍ତାଳି ଅଲଇତୁନ ଆଶଲା ଆଶ୍ରମ ସ୍କୁଲଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ ରଘୁନାଥ ଟୁଡୁ, ସମ୍ପାଦକ ଗୋପାଳ ହେମ୍ବ୍ରମ, କୋଷାଧ୍ୟକ୍ଷ ପରେଷ ଟୁଡୁ, ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ବେଶ୍ରା, ଶିକ୍ଷୟିତ୍ରୀ ମିତା ହାଁସଦାଃ, ଦିଲୀପ ମାର୍ଣ୍ଡି, ସୁରେନ୍ଦ୍ର ହେମ୍ବ୍ରମ, ଯୋଗେନ୍ଦ୍ର ମାର୍ଣ୍ଡି, ପିତାମ୍ବର ମୁର୍ମୁ, ବିଦ୍ୟାଧର ଟୁଡୁ, କୁନା ମାର୍ଣ୍ଡି ସମେତ ମାର୍ଶାଲ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନିଖୋଜ ୩ ଆଦିବାସୀ ନାବାଳିକା ସାଙ୍ଗଙ୍କ ଘରୁ ଠାବ

ପାଟଣା,୧୨।୫
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ଚିନାମାଳିପଶି ପଞ୍ଚାୟତ ବଡ଼ ମହୁଲଡିହା ଗ୍ରାମର ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୩ ଆଦିବାସୀ ନାବାଳିକା ଗତ ଗୁରୁବାର ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କ ତରଫରୁ ପରିବାର ଲୋକଙ୍କୁ ଫୋନ ଯୋଗେ ସୋମବାର ସେମାନେ ହରିଚନ୍ଦନପୁର ବ୍ଲକ୍ ବଡ଼ ଶିଆଳମାଳ ଅଞ୍ଚଳରେ ଜଣେ ସାଙ୍ଗଙ୍କ ଘରେ ଥିବା କହିଥିଲେ। ସୋମବାର ଅପରାହ୍ନରେ ପରିବାର ଲୋକେ ସେଠାକୁ ଯାଇ ସମସ୍ତଙ୍କୁ ଘରକୁ ଆଣିଥିଲେ।

# ଲୁଟ୍ ଅଭିଯୋଗରେ ୨ ଗିରଫ

ଯୋଡ଼ା,୧୨।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କମାର ଯୋଡ଼ା ବାଂଶପାଣି ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଲୁଟ ଓ ଟଙ୍କା ମାଗି ମାଡ଼ ମାରିବା ଅଭିଯୋଗରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯୋଡ଼ା ପାତ୍ରବସ୍ତିର ବିଜୟ ପାତ୍ର ଓ ସୁନୀଲ ଗୋପ। ସୂଚନା ଅନୁଯାୟୀ, ୫ ମାର୍ଚ୍ଚ ୨୦୨୫ରେ କମାର ଯୋଡ଼ା ବାଂଶପାଣି ଅଞ୍ଚଳର ବିଜୟ କୁମାର ସିଂଙ୍କ ପୁଅ ରାହୁଲ ସିଂଙ୍କୁ କିଛି ଦୁର୍ବୃତ୍ତ ଧମକ ଦେବା ସହିତ ଟଙ୍କା ମାଗି ମାଡ଼ ମାରିଥିଲେ। ତାଙ୍କଠାରୁ ମୋବାଇଲ ଫୋନ ମଧ୍ୟ ଲୁଟି ନେଇଥିଲେ। ଏ ନେଇ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଥିଲା।


ଗିରଫ ୨ ଅଭିଯୁକ୍ତ।

ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଏକ ମାମଲା(ନଂ.୪୫/୨୦୨୫) ରୁଜୁ ହୋଇଛି। ରବିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ନର୍ସିଂ କଲେଜରେ ଅନ୍ତର୍ଜାତୀୟ ନର୍ସ ଦିବସ



କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ।

ଚମ୍ପୁଆ,୧୨।୫(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେସ୍ଥିତ କୈରାଲି ନର୍ସିଂ କଲେଜ ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟାରେ ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫ୍ଲୋରେନ୍ସ ନାଇଟଏଙ୍ଗଲଙ୍କ ପ୍ରତିକୃତିରେ ଶ୍ରଦ୍ଧାସୁମନ ଅର୍ପଣ ସହ ସାମୁହିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଡ. ରାଜମୋହନ ପିଏସ, ସମ୍ପାଦିକା ଉମା ରାଜମୋହନ, ଅଧ୍ୟକ୍ଷା ସାନା କମେଇ ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ, ସେବା କ୍ଷେତ୍ରରେ ଏହାର ପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବରେ କେଇଏମ୍ଏସ୍‌ର ଅଧ୍ୟକ୍ଷ ବିଜୟ କୁମାର ଭାରତି, ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ରାମାରାଜୁ, ପରିଚାଳନା ଅଧ୍ୟକ୍ଷ ଦୈତାରୀ ସାହୁ, ମ୍ୟାନେଜର ମୁରଲିଧରନ ପ୍ରମୁଖ ଯୋଗଦେଇଥିଲେ।

**କେନ୍ଦୁଝର(ଦୀପକ ମିଶ୍ର):** କେନ୍ଦୁଝର ସହର ଉପକଣ୍ଠସ୍ଥ ଡିମ୍ବୋସ୍ଥିତ ରୋଟାରିୟାନ ଇଂ. ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ନର୍ସିଂ କଲେଜରେ ନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶପଥ ପାଠ ଏବଂ ଫ୍ଲୋରେନ୍ସ ନାଇଟ ଏଙ୍ଗେଲଙ୍କ ନିକଟରେ ଦ୍ୱୀପ ଓ କ୍ୟାଣ୍ଡେଲ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଚଳିତ ବର୍ଷର ଥିମ 'ଆୱାର୍ ନର୍ସ ଆୱାର ଫ୍ୟୁଚର, କ୍ୟାରିଂ ଫର୍ ନର୍ସେସ ଷ୍ଟ୍ରେନଥେସ ଇକୋନୋମି' କୁ ନେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ରୋଟାରିୟାନ ଇଂ. ବସନ୍ତ କୁମାର ଦାନୀ, ଡାଇରେକ୍ଟର ସି. ଦେବ ଦାନୀ, ଆଡମିନିଷ୍ଟ୍ରେଟର ବିଭୂତି ଭୂଷଣ ସାହୁ, ପ୍ରିନ୍ସପାଲ ଇନ୍‌ଚାର୍ଜ ଚିତ୍ତପୂର୍ଣ୍ଣା ପାଣିଗ୍ରାହୀ ଏବଂ ଅନ୍ୟ ଅଧ୍ୟାପିକା ରାନୀମଣି ବାରିକ, ଶୁଭସ୍ମିତା ମହାନ୍ତ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ତରଭୁଜ ଚାଷକରି ୨ ଭାଇ ଲକ୍ଷପତି

କେନ୍ଦୁଝର,୧୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

## ୨୧ ଜଣଙ୍କୁ ରୋଜଗାର ଦେଇଛନ୍ତି


ତରଭୁଜ କ୍ଷେତରେ ୨ ଭାଇ।

ତରଭୁଜ ବିକି ୨ ଭାଇ ଲକ୍ଷପତି ହୋଇଛନ୍ତି। ପ୍ରଥମ ଥର ୧୫ ଏକର ଜମିରେ ଅନେକ ଟନ୍ ତରଭୁଜ ଫଳାଇ ଦୁହେଁ ଲାଭବାନ୍ ହୋଇପାରିଛନ୍ତି। ପାଲଲହଡ଼ାରେ ରହୁଥିବା ନିଜ ମାମୁଙ୍କ ପ୍ରେରଣାରେ କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ଗୋବର୍ଦ୍ଧନ ଗ୍ରାମର ଶୁଭମ ସାହୁ ଓ ସତ୍ୟବ୍ରତ ସାହୁ ଚାଷ ପ୍ରତି ମନ ବଳାଇଥିବା କହିଛନ୍ତି।

ପ୍ରକାଶ ଯେ, ମାମୁ ପ୍ରକାଶ କୁମାର ସାହୁ ଜଣେ ସଫଳ ଚାଷୀ ଭାବେ ଅନୁଗୋଳ ଜିଲାରୁ ପୁରସ୍କୃତ ହୋଇଛନ୍ତି। ମଲ୍‌ଚିଂ ପ୍ରଣାଳୀରେ ସେ ଅନେକ ଏକର ଜମିରେ ତରଭୁଜ ସମେତ ବାଇଗଣ ଓ ଅନ୍ୟାନ୍ୟ ଚାଷ କରି ଅଞ୍ଚଳରେ ବେଶ ଚର୍ଚ୍ଚାକୁ ଆସିଛନ୍ତି। ଏଥିପାଇଁ ସେ ୨ ଭଣଜାଙ୍କୁ ତରଭୁଜ ଚାଷ କରିବାକୁ ପ୍ରେରଣା ଯୋଗାଇଥିଲେ। ଶୁଭମ ଓ ସତ୍ୟବ୍ରତ ଫେବୃଆରୀରେ କିରଣ, କାବେରୀ, ବିଶାଲ, ଅଞ୍ଜୁମ, ସାଗର ସିଂଘମ ଉନ୍ନତମାନ କମ୍ପାନୀର ତରଭୁଜ ମଞ୍ଜି ଆଣି ଚାରା ପ୍ରସ୍ତୁତ କରିଥିଲେ। ପରେ ନିଜ ଜମି ସମେତ ଅନ୍ୟ ମାଲିକଙ୍କ ଜମିକୁ ଲିଜ୍‌ରେ ନେଇ ତରଭୁଜ ଚାରା କରିଥିଲେ। ନିକଟସ୍ଥ ଅରଡେଇ ନଦୀରୁ ଉଠା ଜଳସେଚନ ପ୍ରକଳ୍ପ ସାହାଯ୍ୟରେ ଜଳସେଚନ କରିଥିଲେ। ଜଗାରଖା ଓ ରକ୍ଷଣାବେକ୍ଷଣ ପାଇଁ ୬ ଜଣ ପୁରୁଷ, କାମ ପାଇଁ ୧୫ ମହିଳା ଶ୍ରମିକଙ୍କୁ ସେଠାରେ ନିଯୁକ୍ତ କରିଛନ୍ତି। ତରଭୁଜ କ୍ଷେତର ସୁରକ୍ଷା ପାଇଁ ଚତୁଃପାର୍ଶ୍ୱରେ ବାଉଁଶ ତାରବାଡ ଦେଇ ସେଥିରେ ସୋଲାର କରେଣ୍ଟ ଦିଆଯାଇଛି। ଫଳରେ ଗୋରୁ, ଛେଳି ଭିତରକୁ ପଶି ପାରୁନାହାନ୍ତି। ଏପ୍ରିଲରୁ ଅମଳ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ କ୍ଷେତରୁ ୫୦ ପ୍ରତିଶତ ତରଭୁଜ ବିକ୍ରି ସରିଲାଣି। କଟକ, ଯାଜପୁର, ଭଦ୍ରକ, ରାଉରକେଲା, ୱେଷ୍ଟବେଙ୍ଗଲର ବ୍ୟବସାୟୀ କ୍ଷେତକୁ ଆସି ପିକ୍‌ଅପ୍ ଆଦି ଗାଡ଼ିରେ ତରଭୁଜ ଟନ୍ ହିସାବରେ କିଣି ନେଉଛନ୍ତି। ଏକ ମାସରେ ୬ ଲକ୍ଷ ଟଙ୍କା ହାତରେ ଧରି ସାରିଲେଣି। କ୍ଷେତରେ ଥିବା ବଳକା ୫୦ ପ୍ରତିଶତ ତରଭୁଜ ସମୁଦାୟ ୭ ଲକ୍ଷ ଟଙ୍କା ହେବ। ୩ ମାସରେ ୨ ଭାଇ ୧୩ ଲକ୍ଷ ଟଙ୍କା ରୋଜଗାର କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଜିଲା କୃଷି ବିଭାଗ ପକ୍ଷରୁ ସରକାରୀ ସହାୟତା ଏବଂ ଅଧିକ ଜ୍ଞାନକୌଶଳ ପ୍ରଦାନ କରାଗଲେ ଅଧିକ ତରଭୁଜ ଚାଷ କରିବାକୁ ଲକ୍ଷ୍ୟ ରଖିଥିବା ୨ ଯୁବ ଚାଷୀ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟେଟେଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷିତ

## ମହିଳା ପ୍ରୋ-ଲିଗ୍ ହକି

**ନୂଆଦିଲ୍ଲୀ, ୧୨।୫ (ପି.ଟି.)**

ଜୁନ୍‌ରେ ଖେଳାଯିବାକୁଥିବା ୟୁରୋପିଆନ ଲେଗ୍ ମହିଳା ପ୍ରୋ ଲିଗ୍ ହକି ପାଇଁ ସୋମବାର ଏକ ୨୪ ଜଣିଆ ଦଳ ଘୋଷଣା କରାଯାଇଛି। ମିଡ୍‌ଫିଲ୍ଡର ସାଲିମା ଟେଟେଙ୍କୁ ଦଳର ଅଧିନାୟିକା ମନୋନୀତ କରାଯାଇଛି। ଭାରତ ଜୁନ୍ ୧୪ରୁ ୨୯ପର୍ଯ୍ୟନ୍ତ ଲଣ୍ଡନ, ଆଣ୍ଟୱେର୍ପ ଓ ବର୍ଲିନଠାରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ବେଲଜିୟମ ଓ ଚାଇନା ପ୍ରତ୍ୟେକଙ୍କ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ ଖେଳିବ। ଭାରତ ଜୁନ୍ ୧୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ନିଜ ଅଭିଯାନ ଆରମ୍ଭ କରିବ। ଅଭିଜ୍ଞ ନବନୀତ କୌର ସାଲିମାଙ୍କ ଡେପୁଟି ଭାବେ କାର୍ଯ୍ୟ କରିବେ। ଦଳରେ ଗୋଲ୍‌କିପର ସବିତା ଓ ବିଚ୍ଚୁ ଦେବୀ ଖରିମ୍ବାମ୍ ସ୍ଥାନ ପାଇଛନ୍ତି। ଭେଟେରାନ ସୁଶିଳା ଚାନୁ ପୁଖରାମବାମ୍, ଜ୍ୟୋତି ସୁମନ ଦେବୀ, ଇଶିକା ଚୌଧାରୀ


ଭାରତୀୟ ମହିଳା ହକି ଦଳ।

ଓ ଜ୍ୟୋତି ଛେତ୍ରୀ ଡିଫେନ୍ସ ଲାଇନ୍ ସମ୍ଭାଳିବେ। ମିଡ୍‌ଫିଲ୍ଡରେ ବୈଷ୍ଣବୀ ବିଥାଲ ଫାଲ୍‌କେ, ସୁଜାତା କୁଜୁର, ମନୀଷା ଚୌହାନ, ନେହା, ସାଲିମା, ଲାଲରେମ୍‌ସିଆମି, ଶର୍ମିଳା ଦେବୀ, ସୁନେଲିତା ଟପ୍ପୋ ଓ ମହିମା ଟେଟେ ପ୍ରମୁଖ ଖେଳିବେ। ସେହିପରି ଫରୱାର୍ଡ ଲାଇନ୍‌ରେ ଦୀପିକା, ନବନୀତ, ଦୀପିକା ସୋରେଙ୍ଗ, ବଲ୍‌ଜିତ କୌର, ରୁତାଗା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗଡୁଙ୍ଗ, ସାକ୍ଷୀ ରାଣା ପ୍ରମୁଖ ଦାୟିତ୍ୱ ତୁଲାଇବେ। ଷ୍ଟାଣ୍ଡବାଇ ତାଲିକାରେ ଗୋଲ୍‌କିପର ବନ୍‌ସାରୀ ସୋଲାଙ୍କି ଓ ଡିଫେଣ୍ଡର ଅଜମିନା କୁଜୁରଙ୍କ ନାମ ସ୍ଥାନ ପାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି, ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭା ଖେଳାଳିଙ୍କୁ ନେଇ ଆମ ଦଳ ବେଶ୍ ସନ୍ତୁଳିତ। ପ୍ରୋ-ଲିଗ୍‌ର ୟୁରୋପିଆନ ଲେଗ୍ ବହୁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ବିଶ୍ୱର କେତୋଟି ଶ୍ରେଷ୍ଠ ଦଳ ଭାଗ ନେଉଥିବାରୁ ମ୍ୟାଚଗୁଡ଼ିକ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

# ଫାଇନାଲରେ ଓଡ଼ିଶା

## ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ଫୁଟ୍‌ବଲ


ମ୍ୟାଚ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ ଓଡ଼ିଶା ଫୁଟବଲ୍ ଦଳ।

**ଭୁବନେଶ୍ୱର, ୧୨।୫ (ବିଜୟ ରଣା)**

ବିହାରର ଗୟାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଦଳ ୫-୧ ଗୋଲ୍‌ରେ ମିଜୋରାମକୁ ପରାସ୍ତ କରିଛି। ଓଡ଼ିଶା ତରଫରୁ ଵେଙ୍କଟେଶ୍ୱର ଓରାମ (୫୯ତମ ଓ ୮୨ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ରୋନିକ ମାଝି (୨୭ତମ ମିନିଟ), ଅବିନାଶ କିଷାନ (୩୩ତମ), ସାଙ୍କୋ ଶେଖର ହେମ୍ବ୍ରମ (୪୩ତମ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ଫାଇନାଲରେ ଝାଡ଼ଖଣ୍ଡ ସହ ମୁକାବିଲା କରିବ। ଓଡ଼ିଶା ଦଳର ଏହି ବିଜୟ ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର କର୍ମକର୍ତ୍ତାଗଣ ଖେଳାଳିମାନଙ୍କୁ ବଧେଇ ଜଣାଇବା ସହ ଫାଇନାଲ ମ୍ୟାଚ ପାଇଁ ଶୁଭକାମନା ଜଣାଇଛନ୍ତି।


**Birthday Wish**




Psalm 127:3
Behold, children are a heritage from the lord,the fruit of the womb and reward.
Happy birthday to my amazing daughter Annie.may god bless you abundantly. Praise the Lord.
Best Regards: Moharana & Singh Family.
D-505


# ଜିତିଲେ ଇଶପ୍ରୀତ

**ମୁମ୍ବାଇ, ୧୨।୫ (ପି.ଟି.):** ଇଶପ୍ରୀତ୍ ଚଢ଼ା ଏକ ମାରାଥନ ଫାଇନାଲରେ ପଙ୍କଜ ଆଡ୍‌ଭାନୀଙ୍କୁ ୧୦-୭ରେ ପରାସ୍ତ କରି ଏଠାରେ ଚାଲିଥିବା ଏନ୍‌ଏସ୍‌ସିଆଇ ବକ୍‌ଲାଇନ୍ ସ୍ନୁକର ଟୁର୍ନାମେଣ୍ଟର ଟାଇଟଲ ବିଜେତା ହୋଇଛନ୍ତି। ଆଡ୍‌ଭାନୀଙ୍କ ବିପକ୍ଷରେ ସଫଳତା ହାସଲ ପାଇଁ ଚଢ଼ାଙ୍କ ପ୍ରତୀକ୍ଷାର ଅବସାନ ଘଟିଛି। ପୂର୍ବରୁ ଆଡ୍‌ଭାନୀ ଗତବର୍ଷ ଫାଇନାଲ ୮-୧୦ ଏବଂ ମାର୍ଚ୍ଚରେ ସିସିଆଇ ସ୍ନୁକର କ୍ଲାସିକ୍‌ରେ ମଧ୍ୟ ୬-୮ରେ ପରାଜିତ ହୋଇଥିଲେ।

# ମୈତ୍ରୀ ଚାମ୍ପିୟନ, ଦେବଞ୍ଜାନ ରନରଅପ୍



ଅତିଥିଙ୍କ ସହ ଟ୍ରଫି ବିଜେତା ଖେଳାଳିମାନେ।

**ଭୁବନେଶ୍ୱର, ୧୨।୫ (ବିଜୟ ରଣା)**

ସର୍ବଭାରତୀୟ ଚେସ୍ ମହାସଂଘ ଅଧୀନରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲର କାଟେଗୋରୀ 'ବି' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମବଙ୍ଗର ମୈତ୍ରୀ ମଣ୍ଡଳ (ମହିଳା) ଚାମ୍ପିୟନ ହୋଇଥିବା ବେଳେ ଝାଡ଼ଖଣ୍ଡର ଦେବଞ୍ଜାନ ସିହ୍ନା ରନର ଅପ୍ ହୋଇଛନ୍ତି। ଉଭୟେ ଯଥାକ୍ରମେ ୧ ଲକ୍ଷ ଓ ୭୫,୦୦୦ ପୁରସ୍କାର ରାଶି ପକେଟସ୍ଥ କରିଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୧୦ଜଣଙ୍କ ଲାଗି ପୁରସ୍କାର ବ୍ୟବସ୍ଥା ରହିଛି। ଏଥିରେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଯଥାକ୍ରମେ ହେଲେ ପଶ୍ଚିମବଙ୍ଗର ସୌମାଳୟ ମଣ୍ଡଳ (୬୦ହଜାର ଟଙ୍କା), ଆନ୍ଧ୍ରପ୍ରଦେଶର ସାତ୍ତ୍ୱିକ (୫୦ ହଜାର), ବୈଭବ ସିଂ ବର୍ମା (୪୦ହଜାର), ପଶ୍ଚିମବଙ୍ଗର ଅରିତ୍ରା ଚନ୍ଦା (୩୦ ହଜାର), ଓଡ଼ିଶାର ଲଳିତ ରଞ୍ଜନ ସାହୁ (୩୦ ହଜାର) ଓ ବିନାୟକ ରଥ (୨୫ ହଜାର), ଗୁଜରାଟର ଦେବ ସ୍ନେହ (୨୫ ହଜାର) ଓ ପଶ୍ଚିମବଙ୍ଗର ମାୟାଙ୍କା ପାଲ (ମହିଳା)(୨୫ ହଜାର)। ଉଦ୍‌ଯାପନୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କିଟ୍ ଭାଇସ୍ ଚାନ୍ସେଲର ପ୍ରଫେସର ଶରଣଜିତ ସିଂ, ଇଣ୍ଟରନ୍ୟାଶନାଲ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, କିଟ୍ ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଏବଂ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଆଇଏମ୍ ଶେଖର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଚେସ୍ ଫେଷ୍ଟିଭାଲର 'ଏ', 'ବି' ଓ 'ସି' କାଟେଗୋରିର ଚାମ୍ପିୟନ କିଟ୍ ବିଶ୍ୱବିଦ୍ୟାଳୟରେ ମାଗଣା ଚିକିତ୍ସାର ସୁଯୋଗ ପାଇବେ ବୋଲି ଏହିଅବସରରେ ଅଚ୍ୟୁତ ସାମନ୍ତ ଘୋଷଣା କରିଛନ୍ତି।

# ୧୫ ଦିନିଆ ତୀରନ୍ଦାଜ ପ୍ରଶିକ୍ଷଣ ଶିବିର

## ତାଲିମ ନେଉଛନ୍ତି ୪୦ ଖେଳାଳି

**କେନ୍ଦୁଝର,୧୨।୫**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଝାରବେଲଦା ସନ୍ତୋଷୀ ମା' ଆଞ୍ଚଳିକ ହାଇସ୍କୁଲ ଖେଳପଡ଼ିଆରେ ଓଡ଼ିଶା ସରକାର ଓ ଟାଟାଷ୍ଟିଲ ମିଳିତ ଆନୁକୂଲ୍ୟରେ ୧୫ ଦିନିଆ ତୀରନ୍ଦାଜ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଟାଟା ଷ୍ଟିଲ ଓଡ଼ିଶା ଶାଖାର ମୁଖ୍ୟ କ୍ରୀଡ଼ା ଅଧିକାରୀ ରାଜୀବ ସେଠ୍ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିକାଶ ଉପାଧ୍ୟାୟ, ଆରିୟନ ଶୋ, ଅବସର ପ୍ରାପ୍ତ ଭାରତୀୟ ସେନା ସୁମୁରାୟ କୁଦାଦା କୋଚ୍ ଭାବେ ପ୍ରଶିକ୍ଷଣ ଦେଉଛନ୍ତି। ଓଡ଼ିଶାର ୩୦ ଜିଲ୍ଲାରୁ ଉତ୍ତୀର୍ଣ୍ଣ ହୋଇ ଆସିଥିବା ୪୦ ଖେଳାଳିଙ୍କୁ ଉଚ୍ଚସ୍ତରୀୟ ତାଲିମ ପ୍ରଦାନ କରାଯାଉଛି। ପ୍ରଶିକ୍ଷଣ ଆସନ୍ତା ୨୫ ତାରିଖ ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।


ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ତୀରନ୍ଦାଜମାନେ।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରି ପ୍ଲଟ୍ 1250/Sqft.ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496. D-438




Relax, Refresh your body, mind at Saikrupa SPA with best therapies. 7848011468. D-363

Newly open Jyoti SPA positively health benefits (Expert therapist). 8458067955. D-76912

AFFIDAVIT

I, SURESH KUMAR PAIKARAY, Father of SRADHA SUMAN PAIKARAY, P.O.- Sunabeda-2, Dist.- Koraput, presently residing at Qtr. No.- U-131, HAL Township, P.O.- Sunabeda-2, P.S.- Sunabeda, Dist.- Koraput (Odisha) being the father of my minor daughter do hereby declared that by virtue of affidavit dated- 07.05.2025 before the Notary Public, Sunabeda my daughter name to be changed from ADYASHA PAIKARAY to SRADHA SUMAN PAIKARAY and she will be known as SRADHA SUMAN PAIKARAY for all purposes. D-516

By virtue of an affidavit sworn before the Executive Magistrate, Rasulpur, dated 09.05.2025, I, Pramod Kumar Dash, Address: At-Brahmanbad, P.O.-Kalan, P.S.- Kuakhia, Dist.-Jajpur, Odisha-755008 declare that I have changed my son's name from Swayang Sirsak Dash to Swayam Shirsak Dash. Henceforth, he shall be known as Swayam Shirsak Dash for all purposes. D-514

By virtue of an affidavit sworn before the Notary Public, Dharmasala, dated 12.05.2025, I, Kabita Rout, Address: At-Dihakasti, P.O.- Marjitapur, P.S.- Jenapur, Dist.-Jajpur, Odisha-755023 declare that I have changed my daughter's name from Rani Rout to Monalisa Rout. Henceforth, she shall be known as Monalisa Rout for all purposes. D-512

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Dharmasala, Dated 12.05.2025, I, Manini Ojha, Address: At-Choramuhan, P.O./ P.S.-Dharmasala, Dist.- Jajpur, Odisha-755008 declare that I have changed my name from Manine Ojha to Manini Ojha. Henceforth, I shall be known as Manini Ojha for all purposes. D-513

By virtue of an affidavit sworn before Executive Magistrate, Bhubaneswar, dated 08.05.2025, I, Baikunthanatha Mallik, Address: At- Mansada, P.O.- Mashra, P.S.- Binjharpur, Dist.- Jajpur, Odisha, PIN- 755012 declare that I have changed my daughter's name from Gayatri Nayak to Gayatri Mallik. Henceforth, she shall be known as Gayatri Mallik for all purposes.
Baikunthanatha Mallik
D-519

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

I.R. No.-621
Date- 21.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ପ୍ରଦୀପ କୁମାର ନାୟକ) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଆର୍. ପି. କେସ୍ ନଂ.- ୨୦୭୭ /୨୦୧୪

ସୁରେନ୍ଦ୍ର କୁମାର ସାହୁ, ପି- ୰ଲିଙ୍ଗରାଜ ସାହୁ ....ବାଦୀ
ବନାମ
ନାରଣ ମୋହନ ପଟ୍ଟନାୟକ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ

୧। ନାରଣ ମୋହନ ପଟ୍ଟନାୟକ,ପିତା ସ୍ୱର୍ଗତ ଯୁଗଳ ପଟ୍ଟନାୟକ, ୨। ଏ.-ବିଜୟ ଶେଖର ପଟ୍ଟନାୟକ, ପିତା- ସ୍ୱର୍ଗତ ବିମଳ ମୋହନ ପଟ୍ଟନାୟକ ସମସ୍ତଙ୍କର ବାସସ୍ଥାନ ସା-ଉତ୍ତରମୁଣ୍ଡ ମୁହାଣ, ପୋଷ୍ଟ-ଯାଁଳା, ଥାନା-ଜଟଣୀ, ଜିଲା-ଖୋର୍ଦ୍ଧା, ୩। ଏ.-ଅକ୍ଷୟ କୁମାର ସିଂହ, ପିତା- ସ୍ୱର୍ଗତ ମଙ୍ଗୁଳି ସିଂହ, ସା-ଓଗାଳପଡ଼ା, ପୋଷ୍ଟ-ଯାଁଳା, ଥାନା-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୩।୦୬।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଓଗାଳପଡ଼ା, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ସାବକ

ଖାତା ନଂ.- ୭୮, ପ୍ଲଟ୍ ନଂ.-୪୧୫, କିସମ- ଶାରଦ-୨, ରକବା- ଏ.୧.୯୪୫ଡି., ସ୍ୱଧରୁ ଏ.୦.୯୦୦ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ.-୧୬୭, ପ୍ଲଟ୍ ନଂ.- ୨୩୬୮, ୨୫୭୧, କିସମ- ଶାରଦ ଅଣ ଜଳସେଚିତ-୨, ରକବା- ଏ.୦.୫୨୫ଡି., ସ୍ୱଧରୁ ଏ.୦.୦୧୯ଡି., ଏ.୦.୯୧୫ଡି., ସ୍ୱଧରୁ ଏ.୦.୮୮୧ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୫୧୫

**ମନେ ପଡ଼ନ୍ତି**

**୧୪ତମ ଶ୍ରାଦ୍ଧବାର୍ଷିକୀ**



୰ଗଗନ ବିହାରୀ ନାୟକ
ଆୟଶରମୁଣ୍ଡା, ଆଠମଲିକ, ଅନୁଗୋଳ
ଆବିର୍ଭାବ: ୦୫।୦୭।୧୯୭୯
ତିରୋଧାନ: ୦୪।୦୫।୨୦୧୧ (ବୈଶାଖ ପ୍ରତିପଦ)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ- ସ୍ତ୍ରୀ: ସୁଷମା, ଝିଅ: ସିଭମ, ପୁଅ: ରିଶଭ, ମାଆ, ବାପା ଓ ପରିବାରବର୍ଗ।
ଧ-୫୧୭

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰କାନନବାଳା ମହାପାତ୍ର
ଆବିର୍ଭାବ : ୧୩/୦୩/୧୯୫୬
ତିରୋଧାନ : ୨୭/୦୫/୨୦୨୧
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା ସିନା, ହେଲେ ତୁମର ମୁହଁ ଆଜି ବି ଦିଶିଯାଉଛି ଆମ ଆଗରେ। ତୁମ ହାତଗଢ଼ା ସଂସାରର ପ୍ରତିଟି ସ୍ମୃତି ଆଜିବି ଜୀବନ୍ତ, ଯେଉଁଠି ଥାଅ ଭଲରେ ଥାଅ ଏତିକି କାମନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ମହାପାତ୍ର ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୬୮୨୩

# ବଢ଼ାନ୍ତୁ ସୋସିଆଲ ସ୍କିଲ୍



**ପିଲାଙ୍କ ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ସୋସିଆଲ ସ୍କିଲ୍ ମଧ୍ୟ ବଢ଼ାଇବାକୁ ହୋଇଥାଏ। ପିଲାମାନେ ଯଦି ଏହି କ୍ଷେତ୍ରରେ ଦୁର୍ବଳ ରହିଥାନ୍ତି ତେବେ ମାତାପିତା ଏଥିପ୍ରତି ଦୃଷ୍ଟିଦେବା ଜରୁରୀ।**

⏭ପିଲାଙ୍କୁ ଶେୟାରିଂ ଗୁଣ ଶିଖାନ୍ତୁ। ଫଳରେ ପିଲାମାନେ ସମସ୍ତଙ୍କ ସହ ମିଳିମିଶି ଚଳିପାରିବେ। ପିଲାବେଳରୁ ଏହି ଗୁଣ ଶିଖିଥିଲେ ବଡ଼ ହେବା ପରେ ତା'ର ପ୍ରଭାବ ପଡ଼ିଥାଏ। ପ୍ରତି କ୍ଷେତ୍ରରେ ସେମାନେ ସମସ୍ତଙ୍କ ସହ ମିଶି ସବୁକାମ କରିବାକୁ ପସନ୍ଦ କରିବେ। ଫଳରେ ସେମାନଙ୍କ ସୋସିଆଲ୍ ସ୍କିଲ ବହୁତ ଭଲ ହୋଇପାରିବ।

⏭କେତେଜଣ ପିଲା ନିଜ ଖେଳନା କାହାକୁ ଦେଇ ନ ଥାନ୍ତି। ବରଂ ଅନ୍ୟମାନଙ୍କ ଖେଳନାରେ ଖେଳିବାକୁ ପସନ୍ଦ କରନ୍ତି। ପିଲାଙ୍କର ଏହି ଗୁଣକୁ ବଦଳାଇବାକୁ କୁହନ୍ତୁ। ସମସ୍ତଙ୍କ ଖେଳନାରେ ସମସ୍ତେ ଖେଳିବା ଦରକାର ବୋଲି ବୁଝାନ୍ତୁ। ଏହା ଫଳରେ ସେମାନେ ଉଦାର ହୃଦୟର ହୋଇପାରିବେ ଓ ଏକାଠି ରହିବା ଶିଖିପାରିବେ।

⏭ନୈତିକତା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗପ ଶୁଣାନ୍ତୁ। ଏହି ମାଧ୍ୟମରେ ଉତ୍ତମ ଚରିତ୍ରର ବ୍ୟକ୍ତି ସମାଜରେ କିଭଳି ପ୍ରଶଂସିତ ହୋଇପାରନ୍ତି ପିଲାଙ୍କୁ ବୁଝାନ୍ତୁ। ଫଳରେ ଏହାର ପ୍ରଭାବରେ ସେମାନେ ନିଜକୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିପାରିବେ ଓ ଅନ୍ୟର ଉପକାର ଚିନ୍ତା କରିପାରିବେ।

⏭ନମ୍ରତା ଏକ ଭଲ ଗୁଣ। ଏଭଳି ଗୁଣ ସମ୍ପର୍କରେ ପିଲାଙ୍କୁ ଶିଖାନ୍ତୁ। ଏହା ସେମାନଙ୍କ ବ୍ୟକ୍ତିତ୍ୱ ବୃଦ୍ଧି କରିପାରିବ। ଫଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନେ ଭଲ କାମ କରିବାର ପ୍ରୟାସ କରିବେ। ଏସବୁ ଦ୍ୱାରା ସେମାନଙ୍କ ସୋସିଆଲ ସ୍କିଲ୍ ବହୁତ ଭଲ ହୋଇପାରିବ।

# ଭଲ ନୁହେଁ ଅଧିକ ଗରମ

**କିଛି ଖାଦ୍ୟ ଏପରି ଅଛି ଯାହାକୁ ଅଧିକ ଗରମ କରି ଖାଇଲେ ତାହା ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏନେଇ ଜାଣିବା ପରେ ବଦଳାଇ ଦିଅନ୍ତୁ ଅଭ୍ୟାସ...**



**ବ୍ରେଡ୍:** ହ୍ୱାଇଟ୍ ବ୍ରେଡ୍‌ରେ କାର୍ବୋହାଇଡ୍ରେଟ୍ସ ଓ ସୁଗାର ବହୁ ଅଧିକ ରହିଥାଏ। ଏହାକୁ ଅଧିକ ଗରମ କଲେ ଏଥିରେ ଏଭଳି ଏକ ତତ୍ତ୍ୱ ସୃଷ୍ଟି ହୁଏ ଯାହା କ୍ୟାନ୍ସରର ଆଶଙ୍କା ବଢ଼ାଇ ଦେଇଥାଏ। ତେଣୁ ବ୍ରେଡ୍‌କୁ ଅଧିକ ଗରମ କରନ୍ତୁ ନାହିଁ ଓ ପୋଡ଼ିଯାଇଥିବା ଅଂଶକୁ ଆଦୌ ଖାଆନ୍ତୁ ନାହିଁ।

**ଆଳୁ:** ଛୋଟରୁ ବଡ଼ ସମସ୍ତଙ୍କର ପ୍ରିୟ ଆଳୁ। ହେଲେ ଏହାକୁ ଅଧିକ ଭାଜି ଖାଇଲେ ତାହା ମଧ୍ୟ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିପାରେ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଆଳୁକୁ ଅଧିକ ଆଞ୍ଚରେ ଭାଜିଲେ ବା ଗରମ କଲେ ସେଥିରୁ ଏକ ହାନିକାରକ ତତ୍ତ୍ୱ ବାହାରିଥାଏ ଯାହା ମଧ୍ୟ କ୍ୟାନ୍ସର ସୃଷ୍ଟିକରିବାର ଏକ କାରଣ ହୋଇପାରେ।

**ତେଲ:** ତେଲରେ କୌଣସି ଜିନିଷକୁ ଛାଣି ଖାଇବା ପରେ ବଳକା ତେଲକୁ ବାରମ୍ବାର ଗରମ କରି ଖାଇଲେ ତାହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। କାରଣ ତେଲକୁ ବାରମ୍ବାର ଗରମ କଲେ ସେଥିରେ ହାନିକାରକ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି ଯାହା କ୍ୟାନ୍ସର ସୃଷ୍ଟିର ମଧ୍ୟ ଅନ୍ୟତମ କାରଣ ହୋଇପାରେ।

**ଫ୍ରୋଜନ ଫୁଡ୍:** ମାର୍କେଟରେ ମିଳୁଥିବା ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ପ୍ରକାରରେ ରଖାଯାଇଥିବା ମାଂସରେ ନାଇଟ୍ରେଟ୍ ଓ ନାଇଟ୍ରାଇଟ୍ ଭଳି ପଦାର୍ଥ ରହିଥାଏ ଯାହାକୁ ରାନ୍ଧିବା ମାତ୍ରେ ଏକ ପ୍ରକାର ହାନିକାରକ ତତ୍ତ୍ୱ ବାହାରିଥାଏ, ଯାହା କ୍ୟାନ୍ସର ସୃଷ୍ଟି କରିପାରେ। ଯଦି ଏହି ପ୍ରକାର ମାଂସ ଆଣନ୍ତି ତେବେ ଏହାକୁ ଓଭରକୁକ୍ କରନ୍ତୁ ନାହିଁ।

**ମାଛ:** ମାଛରେ ପ୍ରୋଟିନ୍ ରହିଛି। କିନ୍ତୁ ଏହାକୁ ଅଧିକ ଭାଜି ଖାଇଲେ ତାହା କ୍ୟାନ୍ସର ସୃଷ୍ଟି କରିପାରେ। ସେହିପରି ପ୍ଲାଷ୍ଟିକ୍ ବାସନ ନେଇ ଓଭାନ୍‌ରେ ଗରମ କରି ଖାଇଲେ, ନନ୍‌ଷ୍ଟିକ୍ ବାସନରେ ପୋଡ଼ିଯାଇଥିବା ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ।

# ସେମ୍ ପ୍ରଫେସନ

**ଏକା ପ୍ରଫେସନରେ ପରସ୍ପରକୁ ଭଲଭାବେ ବୁଝିପାରନ୍ତି ଦମ୍ପତି। ଅଭିମାନ କି ଅଭିଯୋଗ କରିବାର ଅବକାଶ ନ ଥାଏ। ସମ୍ପର୍କ ହୋଇଥାଏ ମଧୁର। ମାତ୍ର ଏ କ୍ଷେତ୍ରରେ ବି ଆସିପାରେ ସମସ୍ୟା। ତେଣୁ ସଚେତନ ହେବା ବି ଜରୁରୀ....**



ଏକା ପ୍ରଫେସନରେ ପାର୍ଟନରଙ୍କ ମଧ୍ୟରେ ବହୁ ପ୍ରକାର ଲାଭ ମିଳିଥାଏ। ସେମାନେ ଉଭୟଙ୍କର ପରିସ୍ଥିତିକୁ ଭଲଭାବେ ବୁଝିପାରନ୍ତି। ପରସ୍ପର ଉପରେ ହେଉଥିବା କାମର ଚାପକୁ ଅନୁଭବ କରିପାରନ୍ତି। ଫଳରେ ମିଳିମିଶି ଉଭୟେ ବିଭିନ୍ନ ସମସ୍ୟାରେ ବିଚାରଧାରା ଶେୟାର କରିପାରନ୍ତି। କେହି ଯଦି କ୍ୟାରିୟରରେ ଆଗରୁ କାମ କରୁଥିବେ ତା'ହେଲେ ନିଜର ପରିପକ୍ୱ ଅଭିଜ୍ଞତାକୁ ନେଇ ପରାମର୍ଶ ବି ଦେଇପାରିବେ। ଫଳରେ ଉଭୟେ ଉଭୟଙ୍କର ମାର୍ଗଦର୍ଶକ ବି ହୋଇପାରିବେ। ଏହାଦ୍ୱାରା କ୍ୟାରିୟରରେ ସମସ୍ତ ଚ୍ୟାଲେଞ୍ଜକୁ



ଗ୍ରହଣକରି ଖୁବ୍‌ଶୀଘ୍ର ସଫଳତା ହାସଲ କରିପାରିବେ।

ବେଳେବେଳେ ପତିପତ୍ନୀଙ୍କ ଭିତରେ ନିଜ ପ୍ରଫେଶନକୁ ନେଇ ପ୍ରତିଯୋଗିତା ଭଳି ସ୍ଥିତି ଆସିପାରେ। ଏଭଳି ସ୍ଥିତିରେ ଜଣେ ଅନ୍ୟ ଜଣଙ୍କ କାର୍ଯ୍ୟଦକ୍ଷତା କିମ୍ବା ପ୍ରମୋଶନ ଦେଖି କିଛି ପରିମାଣରେ ଈର୍ଷାଳୁ ହୋଇଥାନ୍ତି। ବିଶେଷକରି ପତ୍ନୀ ଯଦି ଅଧିକ ସଫଳତା ହାସଲ କରନ୍ତି ତେବେ କେତେଜଣଙ୍କ କ୍ଷେତ୍ରରେ ଏହା ଗ୍ରହଣଯୋଗ୍ୟ ହୋଇ ନ ଥାଏ। କେବଳ ସ୍ୱାମୀ ନୁହନ୍ତି ବରଂ ଶାଶୁଘର ଲୋକଙ୍କୁ ମଧ୍ୟ ପତ୍ନୀଙ୍କର ଅଧିକ ସଫଳତା ଅନେକ ସମୟରେ ଭଲ ଲାଗି ନ ଥାଏ। ଏହି ସ୍ଥିତି ସମ୍ପର୍କରେ ମଧ୍ୟ ପ୍ରଭାବ ପକାଇଥାଏ। ଅବଶ୍ୟ ପରସ୍ପର ପ୍ରତି ସମର୍ପଣ ଭାବ ଥିଲେ ଏପରି ଭାବନା ଆସିବ ନାହିଁ।

**ସମୟର ପ୍ରଭାବ:** ବିବାହ ପରେ କ୍ୟାରିୟରକୁ ଅଧିକ ସମୟ ଦେଇ ପାରନ୍ତି ନାହିଁ ମହିଳା। କାରଣ ଘରର ଅନେକ ଦାୟିତ୍ୱ ରହିଥାଏ ସେମାନଙ୍କ ଉପରେ। ମାତ୍ର ଏହି ଦୃଷ୍ଟିରୁ ବିଚାରକଲେ ପୁରୁଷଙ୍କ ପାଇଁ ପ୍ରତିଦିନ ଘରକାମର ଦାୟିତ୍ୱ ପ୍ରାୟ ନ ଥାଏ। ତେଣୁ ସେମାନେ ନିଜ କ୍ୟାରିୟରକୁ ପୂରା ଫୋକସ୍ କରିପାରନ୍ତି। ଏଥିପାଇଁ କେବେ କେବେ ହୁଏତ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇପାରେ। କିନ୍ତୁ ସମ୍ପର୍କ ସଜାଡ଼ିବା ପାଇଁ ହେଲେ କିଛି କମ୍ପ୍ରୋମାଇଜ୍ କରିବାକୁ ହେବ ବୋଲି ଜାଣିବା ଦରକାର।

**ସମାନ ସଂସ୍ଥା:** ଉଭୟେ ଗୋଟିଏ କ୍ଷେତ୍ରରେ କ୍ୟାରିୟର କରିଥିଲେ ଅନେକ ସୁବିଧା ଥାଏ ସତ ହେଲେ ଗୋଟିଏ ସଂସ୍ଥାନରେ କାମ କଲେ ତାହା ବେଳେବେଳେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥାଏ। ଯଦି ଜଣଙ୍କୁ କୌଣସି ପ୍ରକାର ସମସ୍ୟା ଆସେ ତେବେ ଅନ୍ୟ ଜଣଙ୍କୁ ମଧ୍ୟ ମାନସିକ ଚାପ ପଡ଼ିଥାଏ। ଏହା ବ୍ୟତୀତ ଅଫିସ୍‌ରେ ଉଭୟେ ଏକାଠି ପରସ୍ପରକୁ ସହଯୋଗକଲେ ତାହା ବି ଅନ୍ୟମାନଙ୍କ ଲାଗି ଗ୍ରହଣୀୟ ହୋଇ ନ ପାରେ। ତା' ଛଡ଼ା ଏକ ଖୋଲାଭାବରେ ଅଫିସ୍ ଭିତରେ କାମ କରିବା କଷ୍ଟ ହୋଇପାରେ। ତେଣୁ ଗୋଟିଏ ସଂସ୍ଥାରେ କାମ କରିବା ପୂର୍ବରୁ ସବୁଦିଗକୁ ଚିନ୍ତା କରନ୍ତୁ।

**ବାଲାନ୍ସ କରିବାର କଳା:** ଗୋଟିଏ ପ୍ରଫେଶନକୁ କ୍ୟାରିୟର କରିଥିଲେ ପତିପତ୍ନୀ କେତେକ ଦିଗକୁ ନେଇ ସଚେତନ ରହିବା ଦରକାର।

⏭ପ୍ରଥମ କଥା ହେଉଛି ନିଜ ପ୍ରଫେଶନାଲ ଓ ପର୍ସନାଲ ଲାଇଫ୍ ଭିତରେ ସନ୍ତୁଳନ ରକ୍ଷା କରନ୍ତୁ। ଅଫିସ ସମସ୍ୟା ଘରକୁ ଆଣି ଚିନ୍ତାଗ୍ରସ୍ତ ହୁଅନ୍ତୁ ନାହିଁ।

⏭ପାର୍ଟନରଙ୍କ ସହ ନିଜକୁ ଆଦୌ ତୁଳନା କରନ୍ତୁ ନାହିଁ।

⏭ପରସ୍ପରର ସଫଳତାକୁ ପ୍ରଶଂସା କରନ୍ତୁ ଓ ଉଭୟ ମିଶି ସେଲିବ୍ରେଟ୍ କରନ୍ତୁ। ଫଳରେ ସମ୍ପର୍କ ମଜଭୁତ ହେବ।

⏭ଟିମ୍‌ୱାର୍କ ଉପରେ ଫୋକସ୍ କରନ୍ତୁ। ଘରେ ହେଉ ବା ଅଫିସ୍ ସବୁ ସ୍ଥାନରେ ପରସ୍ପରକୁ ସପୋର୍ଟ କରନ୍ତୁ। ସବୁକ୍ଷେତ୍ରରେ ପରସ୍ପରକୁ ସହଯୋଗ କରନ୍ତୁ।

⏭ସବୁ ସମ୍ପର୍କରେ ଖୋଲାଖୋଲି କଥା ହେବା ଜରୁରୀ। ତେଣୁ ନିଜ ଭିତରେ ଥିବା ଦ୍ୱନ୍ଦ୍ୱ କିମ୍ବା ଭୁଲ୍ ବୁଝାମଣାକୁ ନେଇ ଖୋଲାଖୋଲି କଥାବାର୍ତ୍ତା ହୋଇ ସମାଧାନ କରନ୍ତୁ।



## ଏମାନେ କ'ଣ କରନ୍ତି

### କୌଣସି ସମସ୍ୟା ନାହିଁ



ସାଇଣ୍ଟିଷ୍ଟଭାବେ ଜଏନ୍ କରିବା ପରେ ମୋର ବିବାହ ହୋଇଥିଲା। ଏକା ପ୍ରଫେସନରେ ଥିବା ଜଣଙ୍କ ସହ ବିବାହ କରାଇଥିଲେ ଘର ଲୋକେ। ହେଲେ ଆମେ ଅଲଗା ସହରରେ କାମ କରୁଥିଲୁ। ତେଣୁ ବିଭିନ୍ନ ପ୍ରକାର ଅସୁବିଧା ହୋଇଥିଲା। କିଛିଦିନ ପରେ ସେ ତାଙ୍କ ଚାକିରି କ୍ଷେତ୍ରକୁ ବଦଳାଇ ଚେନ୍ନାଇ ଆସିଥିଲେ। ତା'ପରେ ଆମେ ଏକାଠି ଗୋଟିଏ ଘରେ ରହି ଦୁଇଟି ସଂସ୍ଥାରେ କାମ କରୁଥିଲୁ। ହେଲେ ଏହି ପ୍ରଫେସନରେ ବହୁ ଟାଇମ୍ ଦେବାକୁ ପଡୁଥିଲା। ସେଥିପାଇଁ ଆମେ ଉଭୟେ ଏବେ କ୍ୟାରିୟର ବଦଳାଇ ପ୍ରଫେସରଭାବେ କାମ କରୁଛୁ। ପ୍ରଥମେ ମୁଁ ଜବ୍ ଖୋଜି ପ୍ରଫେସରଭାବେ ଜଏନ୍ କରିଥିଲି, ତା'ପରେ ସେ ମଧ୍ୟ ତାଙ୍କ ପ୍ରଫେସନ ବଦଳାଇ ଦେଇଛନ୍ତି। ଏବେ ଆମେ ଓଡ଼ିଶା ଫେରିଆସିଛୁ। ଏକାଠି ରହୁଛୁ ଓ ଦୁଇଟି ଭିନ୍ନ ସ୍ଥାନରେ କାମ କରୁଛୁ। ପରସ୍ପର ସ୍ୱାଧୀନଭାବେ କାମ କରୁଛୁ ଓ ବହୁ ଖୁସିରେ ରହୁଛୁ। ଆମ ମଧ୍ୟରେ କୌଣସି ସମସ୍ୟା ନାହିଁ। ବେଳେବେଳେ ଆମେ କ୍ୟାରିୟର ନେଇ କଥା ହେଉ, ତାଙ୍କର ଅଭିଜ୍ଞତା ଅଧିକ ଥିବାରୁ ସେ ବହୁ ପରାମର୍ଶ ଦେଇଥାନ୍ତି।

– ***ଡ. ଦେବଦର୍ଶିନୀ ସାମନ୍ତରାୟ***, *ଅଧ୍ୟାପିକା, ସୁନ୍ଦରଗଡ଼*

### ଆଲୋଚନା କରୁ



ଆମେ ଉଭୟ ଗୋଟିଏ ହେଲ୍‌ଥ ସେକ୍ଟରରେ କାମ କରୁଛୁ। ଗୋଟିଏ ସ୍ଥାନରେ ଏକାଠି କାମ କରୁଥିଲେ ବି ଆମର ସେମିତି କିଛି ଅସୁବିଧା ହେଉନି। ବରଂ ଏକାଠି ଯାଉଛୁ ଓ ଏକାଠି ଘରକୁ ଫେରୁଛୁ। ଆମର ପ୍ରାୟ ଏକା ଶିଫ୍ଟ ପଡୁଛି। ତେଣୁ ବେଶ୍ ଖୁସିରେ ଆମର ସମୟ କଟୁଛି। ଆଉ ଅଫିସରେ କୌଣସି ପ୍ରକାର ଅସୁବିଧା ହେଲେ ଉଭୟ ମିଶିକି ସମାଧାନ କରୁ। ତା'ଛଡ଼ା ଅଫିସରେ ବି ସବୁ କଲିଗ୍ ବହୁତ ଭଲ। ତେଣୁ ଆମକୁ କାମ କରିବାରେ କିଛି ଅସୁବିଧା ହେଉନି। ବରଂ ଏକା କ୍ୟାରିୟର ହୋଇଥିବାରୁ ଆମେ ପରସ୍ପରକୁ ଠିକ୍ ଭାବେ ବୁଝିପାରିଛୁ ଆଉ କାହାର କିଛି ଅଭିଯୋଗ ବି ନାହିଁ। ତେଣୁ ସବୁ କାମ ଭିତରେ ଆମର ସନ୍ତୁଳନ ରକ୍ଷା ହୋଇପାରୁଛି।

– ***ପ୍ରିୟଦର୍ଶିନୀ ଜେନା***, *କର୍ମଜୀବୀ, ଭୁବନେଶ୍ୱର*

### ଖୁସିରେ ଚାଲିଛି ସଂସାର




ବିବାହ ବେଳକୁ ସେ ଶିକ୍ଷକ ଚାକିରି କରୁଥିଲେ। ସେତେବେଳକୁ ଅବଶ୍ୟ ମୁଁ ଚାକିରି କରି ନ ଥିଲି, କିନ୍ତୁ ଏ କ୍ଷେତ୍ରରେ ଚାକିରି ପାଇଁ ପରୀକ୍ଷା ଦେଇଥିଲି। ବର୍ଷକ ପରେ ମୋର ବି ଚାକିରି ହୋଇଥିଲା। ପ୍ରଥମେ ଦୂରରେ ପୋଷ୍ଟିଂ ହୋଇଥିଲା, ହେଲେ ଏବେ ଗୋଟିଏ ସହରରେ ଚାକିରି କରୁଛୁ, କିନ୍ତୁ ଆମ ଦୁଇଜଣଙ୍କର ଅଲଗା ସ୍କୁଲ। ଏକା ପ୍ରଫେସନରେ କାମ କରୁଛୁ ବୋଲି ଉଭୟଙ୍କର ସୁବିଧା ଅସୁବିଧା ଭଲଭାବେ ବୁଝିପାରୁଛୁ। ଏମିତିକି ଅଫିସିଆଲି କିଛି କାମରେ ଅସୁବିଧା ହେଲେ ଆମେ ପରସ୍ପର କଥାବାର୍ତ୍ତା ହୋଇ କରିଥାଉ। ତେଣୁ ଆମେ ବହୁ ଖୁସିରେ ଅଛୁ। ଛୁଟି ହେଲେ ଏକାଠି ସମୟ କଟାଉଛୁ ଓ ପରିବାର ସହ ବୁଲିବାକୁ ଯାଉ।

– ***ନମିତାରାଣୀ ଦାସ***, *ଶିକ୍ଷୟିତ୍ରୀ, ବାସୁଦେବପୁର, ଭଦ୍ରକ*

## ସୌନ୍ଦର୍ଯ୍ୟ

# ଘରୋଇ ୱାକ୍ସିଂ



**ସୁନ୍ଦର ଦେଖାଯିବା ପାଇଁ ୱାକ୍ସିଂ କରିଥାନ୍ତି ମହିଳା। ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହା କରିବାକୁ ହୋଇଥାଏ। ତେବେ ବାରମ୍ବାର ପାର୍ଲର ଯାଇ ୱାକ୍ସିଂ କରିବା ବଦଳରେ ଘରେ ମଧ୍ୟ ଏହି ଉପଚାର କରିହେବ। ଏଥିପାଇଁ ଜାଣନ୍ତୁ କିଛି ସହଜ ଉପାୟ...**

⏭ ଘରେ ସୁଗାର ୱାକ୍ସିଂ କରନ୍ତୁ। ଏଥିପାଇଁ ଏକ ପାତ୍ରରେ କିଛି ଚିନି ସହ ପାଣି ଓ ଲେମ୍ବୁରସ ମିଶାଇ ଗରମ କରନ୍ତୁ। କିଛି ସମୟ ପରେ ଏହି ମିଶ୍ରଣ ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦକରି ଦିଅନ୍ତୁ। ଏହାକୁ ଥଣ୍ଡାକରି ଅପର ଲିପ୍ସ କିମ୍ବା ଅଣ୍ଡର ଆର୍ମ୍ସ ଆଦି ସ୍ଥାନରେ ଲଗାଇ ଦିଅନ୍ତୁ। ଏହା ଉପରେ ଏକ କପଡ଼ା ଲଗାଇ ୱାକ୍ସିଂ କରିବା ଭଳି ଛାଣି ଦିଅନ୍ତୁ। ଏପରି କଲେ ମୂଳରୁ ହିଁ ଲୋମ ବାହାରି ଆସିବ।

⏭ ବେସନ ହଳଦୀ ପ୍ୟାକ୍ ମଧ୍ୟ ୱାକ୍ସିଂ ଭଳି କାମ ଦେଇପାରିବ। ଏଥିପାଇଁ ୧ ଚାମଚ ବେସନ, ୧ ଚାମଚ ଗୋଲାପଜଳ କିମ୍ବା କ୍ଷୀର ଓ ଅଳ୍ପ ହଳଦୀ ମିଶାନ୍ତୁ। ଏହି ମିଶ୍ରଣକୁ ଅନାବଶ୍ୟକ ଲୋମ ଥିବା ସ୍ଥାନରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ। ଶୁଖିବା ପରେ ହାତରେ ଭଲଭାବେ ଘଷିବା ଭଳି କରି ଛଡ଼ାନ୍ତୁ। ଏପରି କଲେ ଲୋମ ବାହାରିଯିବା ସହ ସ୍କିନ୍‌ର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

⏭ ମହୁ ଓ ଲେମ୍ବୁରେ ମଧ୍ୟ ଘରୋଇ ଉପାୟରେ ୱାକ୍ସିଂ କରିହେବ। ଏଥିପାଇଁ ୧ ଚାମଚ ମହୁ ସହ ଅଧା ଚାମଚ ଲେମ୍ବୁରସ ମିଶାଇ ଅପର ଲିପ୍ସରେ ଲଗାନ୍ତୁ। ୨୦-୨୫ ମିନିଟ୍ ପରେ ଏହାକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ।



## ଖାଦ୍ୟରୁଚି // ପୁଦିନା ଜୀରା ମଠରୀ

**ଆବଶ୍ୟକ ସାମଗ୍ରୀ–** ମଇଦା– ୫୦୦ ଗ୍ରାମ୍, ସୁଜି– ୨୦୦ ଗ୍ରାମ୍, ଜୀରା– ୪ ବଡ଼ ଚାମଚ, ଜୁଆଣି– ୧ ଛୋଟ ଚାମଚ, ଘିଅ– ୧୨୫ ଗ୍ରାମ୍, ପୁଦିନା– ୫୦୦ ଗ୍ରାମ୍, କ୍ଷୀର– ୧ ବଡ଼ ଚାମଚ, ତେଲ– ୨ ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ଛାଣିବା ପାଇଁ ଘିଅ ବା ତେଲ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ପୁଦିନା ପତ୍ରକୁ ଭଲଭାବେ ଧୋଇ ଗ୍ରାଇଣ୍ଡିଂ କରି ରଖନ୍ତୁ। ଏକ ବଡ଼ ପାତ୍ର ଆଣି ସେଥିରେ ମଇଦା ସୁଜି, ଜୀରା, ପୁଦିନା, ଜୁଆଣି, ଲୁଣ ଓ ଘିଅ ପକାଇ ଭଲଭାବେ ମିଶାନ୍ତୁ। ଏବେ ସେଥିରେ ପାଣି ଦେଇ ଅଟା ଚକଟିବା ପରି ଭଲଭାବେ ଚକଟି ଦିଅନ୍ତୁ ଏବଂ ୨୦ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଅଟାକୁ ଛୋଟ ଛୋଟ ଗୁଳାକରି ମଠରୀ ବା ପୁରି ଆକାରରେ ବେଲି ଦିଅନ୍ତୁ। ଏହାକୁ ଟିକେ ମୋଟା କରି ବେଲନ୍ତୁ। ଆପଣ ଚାହିଁଲେ ଏହାକୁ ବିସ୍କୁଟ ଭଳି ଛୋଟ ଛୋଟ କିମ୍ବା ଯେକୌଣସି ଆକାର ତିଆରି କରିପାରିବେ। ଏବେ କଡ଼େଇରେ ଘିଅ ଗରମକରି ଏହାକୁ କମ୍ ଜାଳରେ ଛାଣିଦିଅନ୍ତୁ, ନଚେତ୍ ମଠରୀର ଭିତର କଞ୍ଚା ରହିଯିବ। ବାଦାମୀ ହୋଇଗଲା ପରେ ବାହାରକୁ ବାହାର କରିଦିଅନ୍ତୁ। ଏହା ବିସ୍କୁଟ ଓ ନିମ୍‌କି ଭଳି କ୍ରିସ୍ପି ଲାଗିବ। ତେଣୁ ଚା' କିମ୍ବା କଫି ସହ ଏହାକୁ ଖାଇଲେ ବହୁତ ଭଲ ଲାଗିବ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୧୩/୨୦୨୫ Bhubaneswar, Tuesday, May 13/ 2025

# ‘ନିଷ୍ପତ୍ତି ସହଜ ନ ଥିଲା’



ଅବସର ଘୋଷଣା ପରେ ମୁମ୍ବାଇ ବିମାନବନ୍ଦରରେ ସ୍ତ୍ରୀ ଅନୁଷ୍କାଙ୍କ ସହ ବିରାଟ କୋହଲି।

ନୂଆଦିଲ୍ଲୀ,୧୨ା୫(ପି.ଟି.)

ଷ୍ଟାର୍ କ୍ରିକେଟର ବିରାଟ କୋହଲି ସୋମବାର ଟେଷ୍ଟ କ୍ରିକେଟକୁ ଅଲ୍‌ବିଦା କରିଛନ୍ତି। ଗତ କିଛିଦିନ ହେଲା ଏ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଥିଲା। ଶେଷରେ ବିରାଟ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ନିଜ ଅବସର ସମ୍ପର୍କରେ ଘୋଷଣା କରିଛନ୍ତି। ନିକଟରେ ରୋହିତ ଶର୍ମା ଅବସର ନେଇଥିବା ବେଳେ କୋହଲି ଅବସର ଲାଗି ଇଚ୍ଛା ପ୍ରକଟ କରିବାରୁ ବିସିସିଆଇର ସିଲେକ୍ସନ କମିଟି ପକ୍ଷରୁ ତାଙ୍କୁ ମନେଇବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ। ‘‘ଟେଷ୍ଟ କ୍ରିକେଟ ଓ ଯେଉଁମାନଙ୍କ ସହ ପଡ଼ିଆରେ ଖେଳିଛି, ସେମାନଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିବା ସହ ମୁଁ ଟେଷ୍ଟ କ୍ରିକେଟରୁ ବିଦାୟ ନେଉଛି। ଟେଷ୍ଟ କ୍ରିକେଟରେ ପ୍ରଥମ ଥର ବ୍ଲୁ କ୍ୟାପ ପିନ୍ଧିବା ୧୪ ବର୍ଷ ହେଲାଣି। ଏହି ଫର୍ମାଟ ମୋତେ ଏତେ ବାଟ ନେବ, ତାହା ମୁଁ କଦାପି ଚିନ୍ତା କରି ନ ଥିଲି। ଏହା ମୋର ପରୀକ୍ଷା ନେବା ସହ ମୋତେ ସଜାଡ଼ିଥିଲା ଏବଂ ମୋତେ ଅନେକ ଶିକ୍ଷା ଦେଇଛି, ଯାହାକୁ ସାରା ଜୀବନ ମନେ ରଖିବି। ଟେଷ୍ଟ କ୍ରିକେଟରୁ ଦୂରେଇବା ନିଷ୍ପତ୍ତି ନେବା ସହଜ ନ ଥିଲା। କିନ୍ତୁ ଏହା ଉଚିତ ସମୟ ମନେକରୁଛି। ମୋ ପାଖରେ ଯାହା ଥିଲା, ମୁଁ ସବୁ କିଛି ଏହାକୁ ଦେଇଛି ଏବଂ ମୁଁ ଯାହା ଆଶା କରି ନ ଥିଲି, ଏହା ମୋତେ ତା’ଠୁ ଅଧିକ ଦେଇଛି। ମୁଁ ମୋ ଟେଷ୍ଟ କ୍ୟାରିୟରକୁ ସର୍ବଦା ହସି ହସି ମନେ ପକାଇବି’’ ବୋଲି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଟେଷ୍ଟ କ୍ୟାପ ନଂ-୨୬୯ ପିନ୍ଧୁଥିବା କୋହଲିଙ୍କ ନେତୃତ୍ୱରେ ଭାରତ ଟେଷ୍ଟରେ ୱାର୍ଲ୍ଡ ନଂ-୧ ହୋଇଥିଲା। ୨୦୧୮-୧୯ରେ ଅଷ୍ଟ୍ରେଲିଆରେ ଭାରତ ଐତିହାସିକ ଟେଷ୍ଟ ସିରିଜ ଜିତିଥିଲା। ତାଙ୍କ ନେତୃତ୍ୱରେ ଭାରତ ୬୮ ଟେଷ୍ଟ ଖେଳି ୪୦ଟି ମ୍ୟାଚ୍ ଜିତିଥିଲା। ଏଥିଯୋଗୁ ସେ ଭାରତର ସବୁଠୁ ସଫଳ ଅଧିନାୟକ। ଅଧିନାୟକ ଭାବେ ସେ ୨୦ ଶତକ ହାସଲ କରିଥିଲେ, ଯାହା କି ଭାରତୀୟଙ୍କ ମଧ୍ୟରେ ସର୍ବାଧିକ। ଟେଷ୍ଟ କ୍ରିକେଟରେ କୋହଲିଙ୍କ ନାମରେ ୭ ଦ୍ୱିଶତକ ରହିଛି, ଯାହାକି ଭାରତୀୟଙ୍କ ମଧ୍ୟରେ ଏକ ରେକର୍ଡ। ଏହି ତାଲିକାରେ ତାଙ୍କ ପଛକୁ ବୀରେନ୍ଦ୍ର ସେୱାଗ(୬) ଓ ସଚିନ ତେନ୍ଦୁଲକର (୬), ରାହୁଲ ଦ୍ରାବିଡ (୫), ସୁନୀଲ ଗାଭାସ୍କର (୫) ରହିଛନ୍ତି।



ବିରାଟ କୋହଲି

## ଟେଷ୍ଟରେ ଶତକ

| ରନ | ପ୍ରତିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|
| ୧୧୬ | ଅଷ୍ଟ୍ରେଲିଆ | ଆଡିଲେଡ୍ | ୨୦୧୨ |
| ୧୦୩ | ନ୍ୟୁଜିଲାଣ୍ଡ | ବେଙ୍ଗାଲୁରୁ | ୨୦୧୨ |
| ୧୦୩ | ଇଂଲଣ୍ଡ | ନାଗପୁର | ୨୦୧୨ |
| ୧୦୭ | ଅଷ୍ଟ୍ରେଲିଆ | ଚେନ୍ନାଇ | ୨୦୧୩ |
| ୧୧୯ | ଦକ୍ଷିଣ ଆଫ୍ରିକା | ଜୋହାନ୍ସବର୍ଗ | ୨୦୧୩ |
| ୧୦୫* | ନ୍ୟୁଜିଲାଣ୍ଡ | ୱେଲିଂଟନ | ୨୦୧୪ |
| ୧୧୫ | ଅଷ୍ଟ୍ରେଲିଆ | ଆଡିଲେଡ୍ | ୨୦୧୪ |
| ୧୪୧ | ଅଷ୍ଟ୍ରେଲିଆ | ଆଡିଲେଡ୍ | ୨୦୧୪ |
| ୧୬୯ | ଅଷ୍ଟ୍ରେଲିଆ | ମେଲବୋର୍ନ | ୨୦୧୪ |
| ୧୪୭ | ଅଷ୍ଟ୍ରେଲିଆ | ସିଡନୀ | ୨୦୧୫ |
| ୧୦୩ | ଶ୍ରୀଲଙ୍କା | ଗାଲେ | ୨୦୧୫ |
| ୨୦୦ | ୱେଷ୍ଟଇଣ୍ଡିଜ | ଆଣ୍ଟିଗୁଆ | ୨୦୧୬ |
| ୨୧୧ | ନ୍ୟୁଜିଲାଣ୍ଡ | ଇନ୍ଦୋର | ୨୦୧୬ |
| ୧୬୭ | ଇଂଲଣ୍ଡ | ବିଶାଖାପାଟଣା | ୨୦୧୬ |
| ୨୩୫ | ଇଂଲଣ୍ଡ | ମୁମ୍ବାଇ | ୨୦୧୬ |
| ୨୦୪ | ବାଂଲାଦେଶ | ହାଇଦ୍ରାବାଦ | ୨୦୧୭ |
| ୧୦୩* | ଶ୍ରୀଲଙ୍କା | ଗାଲେ | ୨୦୧୭ |
| ୧୦୪* | ଶ୍ରୀଲଙ୍କା | କୋଲକାତା | ୨୦୧୭ |
| ୨୧୩ | ଶ୍ରୀଲଙ୍କା | ନାଗପୁର | ୨୦୧୭ |
| ୨୪୩ | ଶ୍ରୀଲଙ୍କା | ଦିଲ୍ଲୀ | ୨୦୧୭ |
| ୧୫୩ | ଦକ୍ଷିଣ ଆଫ୍ରିକା | ସେଞ୍ଚୁରିଅନ | ୨୦୧୮ |
| ୧୪୯ | ଇଂଲଣ୍ଡ | ବର୍ମିଂହାମ | ୨୦୧୮ |
| ୧୦୩ | ଇଂଲଣ୍ଡ | ନଟିଂହାମ | ୨୦୧୮ |
| ୧୩୯ | ୱେଷ୍ଟଇଣ୍ଡିଜ | ରାଜକୋଟ | ୨୦୧୮ |
| ୧୨୩ | ଅଷ୍ଟ୍ରେଲିଆ | ପର୍ଥ | ୨୦୧୮ |
| ୨୫୪* | ଦକ୍ଷିଣ ଆଫ୍ରିକା | ପୁନେ | ୨୦୧୯ |
| ୧୩୬ | ବାଂଲାଦେଶ | କୋଲକାତା | ୨୦୧୯ |
| ୧୮୬ | ଅଷ୍ଟ୍ରେଲିଆ | ଅହମଦାବାଦ | ୨୦୨୩ |
| ୧୨୧ | ୱେଷ୍ଟଇଣ୍ଡିଜ | ପୋର୍ଟ ଅଫ ସ୍ପେନ | ୨୦୨୩ |
| ୧୦୦* | ଅଷ୍ଟ୍ରେଲିଆ | ପର୍ଥ | ୨୦୨୪ |



ସଚିନ ତେନ୍ଦୁଲକରଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ବିରାଟ କୋହଲି।



ରୋହିତ ଶର୍ମାଙ୍କ ସହ ବିରାଟ।



ଆଇସିସି ଟେଷ୍ଟ ଗଦା ସହିତ କୋହଲି ।

# ଏକ ଯୁଗର ଅବସାନ

ନୂଆଦିଲ୍ଲୀ,୧୨ା୫(ପି.ଟି.)

ମହାନ୍ ଭାରତୀୟ ବ୍ୟାଟର ବିରାଟ କୋହଲି ସୋମବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିଲାଗି ଆଇସିସିଠାରୁ ଆରମ୍ଭ କରି ବିଶ୍ୱ କ୍ରିକେଟ୍, ବଲିଉଡ ଷ୍ଟାରମାନେ ପ୍ରତିକ୍ରିୟା ଦେଇଛନ୍ତି।

▶▶ଧନ୍ୟବାଦ୍, କୋହଲି। ଟେଷ୍ଟ କ୍ରିକେଟରେ ଏକ ଯୁଗର ଅବସାନ। କିନ୍ତୁ ତୁମ ଅବଦାନ ପ୍ରଶଂସନୀୟ। ଟିମ୍ ଇଣ୍ଡିଆ ଲାଗି କୋହଲିଙ୍କ ଯୋଗଦାନ ସର୍ବଦା ମନେରହିବ।

**-ବିସିସିଆଇ**

▶▶ଭାରତର ଅନ୍ୟତମ ମହାନ୍ ଟେଷ୍ଟ ଖେଳାଳି ଲମ୍ବା ଫର୍ମାଟରୁ ଅବସର ନେଇଛନ୍ତି। ଟେଷ୍ଟ ଛାଡ଼ିଛନ୍ତି, ହେଲେ ମୁକୁଟ ଏବେ ବି ରହିଛି।

**-ଆଇସିସି**

▶▶ସମସ୍ତେ ରେକର୍ଡ ଓ ମାଇଲଖୁଣ୍ଟ ସମ୍ପର୍କରେ କଥା ହେବେ। କିନ୍ତୁ ତୁମେ ଦେଖାଇ ନ ଥିବା ଲୁହ, କେହି ଦେଖିପାରି ନ ଥିବା ତୁମ ଲଢ଼େଇ ଏବଂ କ୍ରିକେଟର ଏହି ଫର୍ମାଟକୁ ତୁମେ ଦେଇଥିବା ଭଲପାଇବାକୁ ମୁଁ ମନେରଖିବି। ମୁଁ ସର୍ବଦା ଚିନ୍ତା କରିଥିଲି ଯେ, ତୁମେ ଟେଷ୍ଟ ଜରିଆରେ ଅନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେବ। କିନ୍ତୁ ତୁମେ ସର୍ବଦା ତୁମ ହୃଦୟର ସହ ଶୁଣ।

**-ଅନୁଷ୍କା ଶର୍ମା, ବଲିଉଡ୍ ଅଭିନେତ୍ରୀ ତଥା କୋହଲିଙ୍କ ସ୍ତ୍ରୀ**

▶▶ତୁମର ଟେଷ୍ଟ କ୍ୟାରିୟର ଅବିଶ୍ୱସନୀୟ ଥିଲା। ତୁମେ ଭାରତୀୟ କ୍ରିକେଟକୁ କେବଳ ରନଠାରୁ ବହୁତ କିଛି ଦେଇଛ। ତୁମେ ଏହାକୁ ପରବର୍ତ୍ତୀ ପିଢ଼ିର ଉତ୍ସାହୀ ପ୍ରଶଂସକ ଓ ଖେଳାଳିଙ୍କୁ ଦେଇଛ। ଖୁବ୍ ସ୍ୱତନ୍ତ୍ର ଟେଷ୍ଟ କ୍ୟାରିୟର ଲାଗି ଶୁଭେଚ୍ଛା।

**-ସଚିନ ତେନ୍ଦୁଲକର, ମହାନ କ୍ରିକେଟର**

▶▶ତୁମ ଚାଲି, ସେହି ଶଟ୍, ସେହି ଏକ୍ସପ୍ରେଶନ, ସେହି ଉତ୍ସବର ଅନୁପସ୍ଥିତିକୁ ଅନୁଭବ କରିବୁ। ତୁମେ କେବଳ ଟେଷ୍ଟ କ୍ରିକେଟ ଖେଳିନ, ଏହାକୁ ଉପରକୁ ଉଠାଇଛ।

**-ଆର୍‌ସିବି**

▶▶ଜବରଦସ୍ତ ଟେଷ୍ଟ କ୍ୟାରିୟର ଲାଗି ଶୁଭେଚ୍ଛା। ଟି୨୦ କ୍ରିକେଟର ଉଦୟ ହେଉଥିବାବେଳେ କ୍ରିକେଟର ପ୍ରକୃତ ଫର୍ମାଟରେ ଚାମ୍ପିୟନ ହେବା ପାଇଁ ଧନ୍ୟବାଦ। ତୁମେ କ୍ରିକେଟରେ ଶୃଙ୍ଖଳା, ଫିଟ୍‌ନେସ ଓ ପ୍ରତିବଦ୍ଧତାରେ ଅସାଧାରଣ ଉଦାହରଣ ସୃଷ୍ଟି କରିଛ।

**-ଜୟ ଶାହା, ଆଇସିସି ମୁଖ୍ୟ**

▶▶ତୁମ ଟେଷ୍ଟ କ୍ୟାରିୟର ଶେଷ ହୋଇଥିବା ବିଶ୍ୱାସ ହେଉ ନାହିଁ। ତୁମେ ଆଧୁନିକ କ୍ରିକେଟର ମହାନ୍ ଖେଳାଳି ଏବଂ ଟେଷ୍ଟ ମ୍ୟାଚ୍ କ୍ରିକେଟ୍ ଲାଗି ଜଣେ ଜବରଦସ୍ତ ଆମ୍ବାସାଡର ଥିଲ। ତୁମେ ସଭିଙ୍କୁ ଓ ନିର୍ଦ୍ଦିଷ୍ଟ ଭାବେ ମୋତେ ଦେଇଥିବା ଅଭୁଲା ସ୍ମୃତି ପାଇଁ ଧନ୍ୟବାଦ। ଏହାକୁ ମୁଁ ସାରା ଜୀବନ ମନେରଖିବି।

**-ରବି ଶାସ୍ତ୍ରୀ, ପୂର୍ବତନ ମୁଖ୍ୟ କୋଚ୍**

▶▶ସିଂହ ଭଳି ଉତ୍ସାହ ରଖୁଥିବା ବ୍ୟକ୍ତି। ଆମେ ତୁମ ଅନୁପସ୍ଥିତି ଅନୁଭବ କରିବୁ।

**-ଗୌତମ ଗମ୍ଭୀର, ଭାରତୀୟ ଦଳର ମୁଖ୍ୟ କୋଚ୍**

▶▶୧୦୦ କୋଟିରେ ଗୋଟିଏ କିଙ୍ଗଙ୍କ ବିଦାୟ।

**-ରଣବୀର ସିଂ, ବଲିଉଡ୍ ଅଭିନେତା**

▶▶ଐତିହାସିକ ଟେଷ୍ଟ କ୍ୟାରିୟର ଲାଗି ତୁମକୁ ଶୁଭେଚ୍ଛା। ତୁମର ନିଷ୍ଠା ଓ ଦକ୍ଷତା ସର୍ବଦା ମୋତେ ପ୍ରେରଣା ଦେଇଛି। ତୁମେ ଅସଲ କିମ୍ବଦନ୍ତୀ।

**-ଏବି ଡି’ ଭିଲିୟର୍ସ, ପୂର୍ବତନ ଦ. ଆଫ୍ରିକୀୟ କ୍ରିକେଟର**

▶▶ଟେଷ୍ଟ କ୍ରିକେଟ ତୁମ ଭିତରେ ଥିବା ଫାଇଟରକୁ ବାହାର କରିଥିଲା ଏବଂ ତୁମେ ଏହାକୁ ସବୁ କିଛି ଦେଇଛ। ତୁମେ ମହାନ୍ ଖେଳାଳିଙ୍କ ଭଳି ଏଥିରେ ଖେଳିଲ।

**-ଯୁବରାଜ ସିଂ, କିମ୍ବଦନ୍ତୀ ଅଲରାଉଣ୍ଡର**

▶▶ତୁମେ ନେତୃତ୍ୱରେ ଟେଷ୍ଟ ପଦାର୍ପଣ କରିବାଠାରୁ ଦେଶ ପାଇଁ ନୂଆ ଉଚ୍ଚତାରେ ପହଞ୍ଚିଛ। ତୁମର ଉତ୍ସାହ ଓ ଏନର୍ଜିକୁ ସର୍ବଦା ମିସ୍ କରିବୁ। କିନ୍ତୁ ତୁମେ ପଛରେ ଅତୁଳନୀୟ ଅନୁଭୂତି ଛାଡ଼ି ଯାଇଛ।

**-ଯଶପ୍ରୀତ ବୁମରା, ଭାରତୀୟ ପେସର**

▶▶କ୍ୟାରିୟରର ଶୀର୍ଷରେ ଥିବାବେଳେ ଟେଷ୍ଟ କ୍ରିକେଟରୁ ବିଦାୟ ନେଇ ତୁମେ ଉଦାହରଣ ସୃଷ୍ଟି କରିଛ। ଆମ କ୍ରିକେଟରଙ୍କୁ ଭଲ ବିଦାୟ ନ ମିଳିବା, ଆମେ ଅନେକ ଥର ଦେଖିଛୁ। କିନ୍ତୁ ଏଭଳି ଅବସର ନେବାକୁ ସମସ୍ତେ ଚାହାନ୍ତି। ତୁମ ନିକଟରେ ଏବେ ବି ଅନେକ କ୍ରିକେଟ ଲକ୍ଷ୍ୟ ବାକି ଅଛି ଏବଂ ତୁମେ ଆହୁରି ଖେଳିପାରିଥାନ୍ତ। କିନ୍ତୁ ଏହା କୋହଲିଙ୍କ ଷ୍ଟାଇଲ ରହିଆସିଛି।

**-ରାଜକୁମାର ଶର୍ମା, କୋହଲିଙ୍କ ପିଲା ଦିନର କୋଚ୍**

▶▶ଅବିଶ୍ୱସନୀୟ ଇନିଂସ କୋହଲି।

**-ନୋଭାକ ଜୋକୋଭିକ, କିମ୍ବଦନ୍ତୀ ଟେନିସ ଖେଳାଳି**

# ବିବାଦୀୟ ଘଟଣା

## ସିଡ୍‌ନୀରେ ଦର୍ଶକଙ୍କୁ ଆଙ୍ଗୁଠି ଦେଖାଇଥିଲେ

୨୦୧୨ରେ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଏକ ମ୍ୟାଚ୍‌ରେ ବାଉଣ୍ଡ୍ରୀ ଲାଇନ ନିକଟରେ ଫିଲ୍ଡିଂ କଲା ବେଳେ ସିଡ୍‌ନୀର ଦର୍ଶକମାନେ କୋହଲିଙ୍କୁ ଚିଡ଼ାଇଥିଲେ। ଏଥିରେ ବିରକ୍ତ କୋହଲି ୨୩ ବର୍ଷୀୟ କୋହଲି ଦର୍ଶକଙ୍କ ମଝି ଆଙ୍ଗୁଠି ଦେଖାଇଥିଲେ। ଏଥିଯୋଗୁ ତାଙ୍କୁ ପ୍ରବଳ ସମାଲୋଚିତ ହେବାକୁ ପଡ଼ିଥିଲା। ଏପରିକି ଆଇସିସି ପକ୍ଷରୁ ତାଙ୍କୁ ଦଣ୍ଡିତ କରାଯାଇଥିଲା।

## ଅଷ୍ଟ୍ରେଲିଆ ଦଳକୁ ସ୍ଲେଜିଂ

୨୦୧୪ ଆଡିଲେଡ୍ ଟେଷ୍ଟରେ ସେତବେଳର ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା କୋହଲିଙ୍କର ଅଷ୍ଟ୍ରେଲିଆର ମିଚେଲ ଜନଶନ ଓ ବ୍ରାଡ ହାଡିନଙ୍କ ସହ ଯୁକ୍ତିତର୍କ ହୋଇଥିଲା। ବୋଲରଙ୍କ ବାଉନ୍ସରରେ ଆଘାତ ପାଇବା ସହ ସ୍ଲେଜିଂର ସମ୍ମୁଖୀନ ହୋଇଥିବା କୋହଲି ମ୍ୟାଚ୍‌ରେ ଦୁଇଟି ଶତକ କରିଥିଲେ। ମ୍ୟାଚ୍ ପରେ କୋହଲି କହିଥିଲେ ଯେ, ମୁଁ ସେମାନଙ୍କ ମଧ୍ୟରୁ କିଛି ଜଣଙ୍କୁ ସମ୍ମାନ କରୁଛି। ହେଲେ ଯେଉଁମାନେ ମୋତେ ସମ୍ମାନ ଦେଉ ନାହାଁନ୍ତି, ସେମାନଙ୍କୁ ସମ୍ମାନ ଦେବା ପାଇଁ ମୋ ପାଖରେ କୌଣସି କାରଣ ନାହିଁ।

## ଷ୍ଟିଭ ସ୍ମିଥଙ୍କ ସହ ଡିଆର୍‌ଏସ୍ ବିବାଦ

୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷ ବେଙ୍ଗାଲୁରୁ ଟେଷ୍ଟରେ କୋହଲି ତାଙ୍କ କ୍ୟାରିୟରର ସବୁଠୁ ବଡ଼ ବିବାଦର ସମ୍ମୁଖୀନ ହୋଇଥିଲେ। ସେତେବେଳେ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଥିବା ଷ୍ଟିଭ ସ୍ମିଥଙ୍କୁ ଅମ୍ପାୟର ଆଉଟ୍ ଦେଇଥିଲେ। ହେଲେ ସେ ଡିଆର୍‌ଏସ୍ ନେବେ କି ନାହିଁ, ସେ ନେଇ ଡ୍ରେସିଂରୁମ ଆଡ଼େ ଇଙ୍ଗିତ କରିଥିଲେ। ଏହି ଆଇସିସି ନିୟମ ବିରୋଧୀ କାର୍ଯ୍ୟ ଲାଗି ଅଷ୍ଟ୍ରେଲିଆ ଚିଟିଂ କରୁଥିବା ନେଇ ଖବରଦାତା ସମ୍ମିଳନୀରେ କୋହଲି କହିଥିଲେ।

## ଷ୍ଟମ୍ପ ମାଇକ୍‌ରେ ବ୍ରଡ୍‌କାଷ୍ଟରଙ୍କୁ ଗାଳି

୨୦୨୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷ କେପ ଟାଉନ ଟେଷ୍ଟରେ କୋହଲି ଷ୍ଟମ୍ପ ମାଇକ୍‌କୁ ଗାଳି ଦେଇଥିଲେ। ଡିନ ଏଲଗାର ବିପକ୍ଷରେ ଦିଆଯାଇଥିବା ଏଲ୍‌ବିଡବ୍ଲ୍ୟୁ ଡିଆର୍‌ଏସ୍ ମାଧ୍ୟମରେ ବଦଳା ଯିବା ପରେ କୋହଲି ଷ୍ଟମ୍ପ ମାଇକ୍ ଉପରେ ବିରକ୍ତି ପ୍ରକାଶ କରିବା ସହ ପ୍ରସାରଣକାରୀ ସଂସ୍ଥା ପକ୍ଷପାତ କରୁଥିବା ଅଭିଯୋଗ କରିଥିଲେ। ଏହି ଘଟଣା ଲାଗି କୋହଲିଙ୍କୁ ଆଇସିସି ଭର୍ତ୍ସନା କରିବା ସହ ‘କେବଳ ପ୍ରତିପକ୍ଷ ଦଳ ଉପରେ ନୁହେଁ ନିଜ ଦଳ ଉପରେ ଧ୍ୟାନ ଦିଅ’ ବୋଲି କୁହାଯାଇଥିଲା।

## ସାମ କନଷ୍ଟାସଙ୍କୁ କାନ୍ଧ ମାରିବା ଘଟଣା

୨୦୨୪ ବର୍ଡର-ଗାଭାସ୍କର ଟ୍ରଫି ବେଳେ ମେଲବୋର୍ନରେ କୋହଲି ଅଷ୍ଟ୍ରେଲିଆର ପଦାର୍ପଣକାରୀ ସାମ କନଷ୍ଟାସଙ୍କୁ କାନ୍ଧ ମାରିଥିଲେ। ଏହି ଘଟଣାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିଯୋଗୁ କୋହଲିଙ୍କୁ ଅଷ୍ଟ୍ରେଲିଆ ଗଣମାଧ୍ୟମ ପ୍ରବଳ ସମାଲୋଚନା କରିଥିଲେ। ଆଇସିସି ପକ୍ଷରୁ କୋହଲିଙ୍କ ମ୍ୟାଚ୍ ଫି’ର ୨୦ % କାଟ କରାଯିବା ସହ ଏକ ଡିମେରିଟ ପଏଣ୍ଟ ଦିଆଯାଇଥିଲା।

## ଜେମ୍ସ ଆଣ୍ଡରସନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା

୨୦୧୪ରୁ କୋହଲି ଓ ଜେମ୍ସ ଆଣ୍ଡରସନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ପ୍ରତିଦ୍ୱନ୍ଦ୍ୱିତା ଏକାଧିକ ସିରିଜ୍‌ରେ ଦେଖିବାକୁ ମିଳିଥିଲା। ୨୦୧୪ରେ ଆଣ୍ଡରସନଙ୍କ ଅଫ୍ ଷ୍ଟମ୍ପ ବାହାର ବଲରେ ସଂଘର୍ଷ କରୁଥିବା କୋହଲି ୨୦୧୮ ସିରିଜରେ ୫୯୩ ରନ କରିଥିଲେ। ଦୁହିଁଙ୍କ ମଧ୍ୟରେ ଅନେକ ଥର ଯୁକ୍ତିତର୍କ ହୋଇଥିଲା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ